ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org
୮୦ବର୍ଷ ■ ସଂଖ୍ୟା-୫୭ ● କଟକ ● ଶନିବାର ● ୩ ଅକ୍ଟୋବର ୨୦୨୬ ● ତୁଳା- ୬ ● ସାଲ୍ ୧୪୩୧
CUTTACK ● SATURDAY ● 3 OCTOBER-2026 ● RNI Regd.No.4001/57
ମୂଲ୍ୟ: ₹ ୫ ଟଙ୍କା

## ବଙ୍ଗୋପସାଗରରେ ଲଘୁଚାପ

# ଦଶହରାରେ ଭିଜିବ ଓଡ଼ିଶା !

ଭୁବନେଶ୍ୱର : ବାହାରକୁ ବାହାରିଲେ ଟାଇଁ ଟାଇଁ ତାତି। ରାତିରେ ଗରମ ଗୁଳୁଗୁଳି କାହିଁରେ କଣ। ହେଲେ ଅସହ୍ୟ ଖରା ଭିତରେ ଓଡ଼ିଶାକୁ ଡରାଇଲାଣି ଅକ୍ଟୋବର। ବଙ୍ଗୋପସାଗରରୁ ଆସିଲାଣି ବାତ୍ୟା ଭୟ। ଛନକା ବଢାଇଛି ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ। ଆଇଏମଡିର ଆକଳନ କହୁଛି, ଅକ୍ଟୋବର ଦ୍ୱିତୀୟ ସପ୍ତାହ ଅର୍ଥାତ ଆସନ୍ତା ୧୨ ତାରିଖ ବେଳକୁ ଆଣ୍ଡାମାନ ସାଗରରେ ପ୍ରବେଶ କରିପାରେ ଆଉ ଏକ ଘୂର୍ଣ୍ଣିବଳୟ। ଯାହାକି ୧୩ରେ ନେବ ଲଘୁଚାପ ରୂପ। ପରେ ଅଧିକ ଘନୀଭୂତ ହୋଇ ୧୫ ତାରିଖ ବେଳକୁ କେନ୍ଦ୍ରୀୟ ଓ ପାର୍ଶ୍ୱବର୍ତ୍ତୀ ବଙ୍ଗୋପସାଗରରେ ଅବପାତରେ ପରିଣତ ହୋଇପାରେ। ତେବେ ତାହା ଅଧିକ ଘନୀଭୂତ ହେବ କି ନାହିଁ ସେନେଇ ସ୍ପଷ୍ଟ ଆକଳନ କରାଯାଇନି। ତଥାପି ସେହି ସମୟରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ମୌସୁମୀ ସଂପୂର୍ଣ୍ଣ ଫେରିସାରିଥିବ। ଏହାସହିତ ମୌସୁମୀ ପରବର୍ତ୍ତୀ ସାଇକ୍ଲୋନ୍ ସିଜିନ୍ ଆରମ୍ଭ ହୋଇଯାଇଥିବା। ସେ ଦୃଷ୍ଟିରୁ ବାତ୍ୟା ସୃଷ୍ଟି ପାଇଁ ପାଗ ଅନୁକୂଳ ଥିବ। ପାଣିପାଗ ବିଜ୍ଞାନୀଙ୍କ କହିବା ଅନୁସାରେ, ବଙ୍ଗୋପସାଗରରେ ଦୁର୍ବଳ ଅବପାତ ଗଠନ ହୋଇପାରେ। ୧୫ ତାରିଖ ପରେ ଏହାର ଗତିପଥ ଓ ଶକ୍ତି କଣ ରହିବ, ସେନେଇ ଏଯାଏଁ ଅନିଶ୍ଚିତତା ଲାଗିରହିଛି।




ଏପଟେ ଋଉଗଡର, ଏରଝ ଓ ଘଉଟଗ ପରି କିଛି ବିଶ୍ୱସ୍ତରୀୟ ପାଣିପାଗ ମଡେଲର ଆକଳନ କରୁଛି, ସମ୍ଭାବ୍ୟ ଘୂର୍ଣ୍ଣିବଳୟ ବଙ୍ଗୋପସାଗରରେ ବାତ୍ୟା ରୂପ ନେଇପାରେ। ଯାହାକି ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଉପକୂଳକୁ ମୁହାଁଇପାରେ। ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ରନାଥ ପଶୁପାଳକଙ୍କ ଆକଳନ ମଧ୍ୟ ସାଇକ୍ଲୋନ୍ ଆଡ଼କୁ ଇଙ୍ଗିତ କରୁଛି। ତାଙ୍କ ସୂଚନା ଅନୁସାରେ, ଆସନ୍ତା ୮ରୁ ୧୫ ତାରିଖ ମଧ୍ୟରେ ବଙ୍ଗୋପସାଗରରେ ଘୂର୍ଣ୍ଣିଝଡ଼ ସୃଷ୍ଟି ହୋଇପାରେ। କିନ୍ତୁ ଏହାର ତୀବ୍ରତା, ଗତିପଥ ନେଇ ଏପର୍ଯ୍ୟନ୍ତ ଆକଳନ କରାଯାଇନି। ଓଡ଼ିଶା ପ୍ରତି କୌଣସି ବିପଦ ସଂକେତ ମଧ୍ୟ ମିଳିନାହିଁ । ଆସନ୍ତା ସପ୍ତାହରେ ଏନେଇ ଏକ ସ୍ପଷ୍ଟ ଚିତ୍ର ଆସିପାରେ।

## ମହିଳା ହକିରେ ଭାରତର ସ୍ୱର୍ଣ୍ଣିମ ବିଜୟ




### ୪୪ ବର୍ଷ ପରେ ସ୍ୱର୍ଣ୍ଣ
### ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତିଙ୍କ ଅଭିନନ୍ଦନ
### ପ୍ରତ୍ୟେକ ଖେଳାଳି ପାଇବେ ୧୧ ଲକ୍ଷର ଆର୍ଥିକ ପୁରସ୍କାର

ନୂଆଦିଲ୍ଲୀ: ଏସିଆନ୍ ଗେମ୍ସରେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ମହିଳା ହକି ଦଳ ପାଇଁ ହକି ଇଣ୍ଡିଆ ପୁରସ୍କାର ଘୋଷଣା କରିଛି। ଦୀର୍ଘ ୪୪ ବର୍ଷ ପରେ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ଜିତିଥିବା ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ଦିଆଯିବ। ସେହିପରି ଦଳର କୋଚ୍ ଏବଂ ଅନ୍ୟ ସପୋର୍ଟ ଷ୍ଟାଫଙ୍କ ପାଇଁ ୫.୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରାଯାଇଛି। ଦଳର ଐତିହାସିକ ସଫଳତାକୁ ସମ୍ମାନ ଜଣାଇ ହକି ଇଣ୍ଡିଆ ଏହି ପୁରସ୍କାର ଘୋଷଣା କରିଛି। ଏସିଆନ୍ ଗେମ୍ସରେ ଭାରତୀୟ ମହିଳା ହକି ଦଳ ୪୪ ବର୍ଷ ପରେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହି ସଫଳତା ଦଳ ପାଇଁ ଏକ ଐତିହାସିକ ଉପଲବ୍ଧି ହୋଇଥିବା ବେଳେ ଏହା ପରେ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ପାଇଁ ଆର୍ଥିକ ପୁରସ୍କାର ଘୋଷଣା କରାଯାଇଛି। ଏସିଆନ୍ ଗେମ୍ସରେ ଚାମ୍ପିୟନ ହେବା ସହ ଭାରତୀୟ ମହିଳା ଦଳ ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ମଧ୍ୟ ଯୋଗ୍ୟତା ହାସଲ କରିଛି। ଫଳରେ ଏସିଆନ୍ ଗେମ୍ସର ସ୍ୱର୍ଣ୍ଣ ସହ ଦଳ ଅଲିମ୍ପିକ୍ସ ଟିକେଟ୍ ମଧ୍ୟ ସୁନିଶ୍ଚିତ କରିଛି।ଏହି ଐତିହାସିକ ସଫଳତା ପରେ ଖେଳାଳିଙ୍କ ପୁରସ୍କାର ଘୋଷଣା ଭାରତୀୟ ମହିଳା ହକି ପାଇଁ ଆଉ ଏକ ଉତ୍ସାହଜନକ ଖବର ହୋଇଛି।

## ଭୋଟର ତାଲିକା ପାଇଁ ଘରକୁ ଘର ସର୍ଭେ, ଯାଞ୍ଚ ହେବ ପରିବାରର ତଥ୍ୟ

ଭୁବନେଶ୍ୱର : ଗୋଟିଏ ଘର, ଗୋଟିଏ ନମ୍ବର, ଆଉ ସେହି ନମ୍ବର ସହ ଯୋଡ଼ିହେବ ପରିବାରର ଭୋଟର ତଥ୍ୟ। ଭୋଟର ତାଲିକାରେ ଏଣିକି କେବଳ ନାଁ ନୁହେଁ ଘର ସଦସ୍ୟଙ୍କ ରହିବ ପୂରା ଚିତ୍ର। ପ୍ରାଥମିକ ଭାବେ ପ୍ରାୟ ୭ଟି ପ୍ରଶ୍ନକୁ ନେଇ ହେବ ସର୍ଭେ। ଯେମିତିକି ଘରେ କେତେ ଭୋଟର ? ସମସ୍ତଙ୍କର ଋଟଓଉ ଅଛି କି ? କାହାର ନାଁ ଅନ୍ୟ ବୁଥରେ ଅଛି କି ? ଅନ୍ୟ ନିର୍ବାଚନମଣ୍ଡଳୀରେ ନାଁ ରହିଛି କି ? ବିବାହ ପରେ ଅନ୍ୟ ସ୍ଥାନରେ ରହୁଛନ୍ତି କି ? ସର୍ଭେରେ ପ୍ରତ୍ୟେକ ଘରର ନମ୍ବର, ଠିକଣା ଓ ଭୌଗୋଳିକ ସୀମା ଚିହ୍ନଟ କରାଯିବ। ଫଳରେ କେଉଁ ଘର, କେଉଁ ୱାର୍ଡ ଓ କେଉଁ ବୁଥ୍ ଅଧୀନରେ ରହିଛି ତାହାର ସ୍ପଷ୍ଟ ତଥ୍ୟ ମିଳିବ। ୨୦୨୭ରେ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଭୋଟର ତାଲିକାକୁ ଅଧିକ ସଠିକ୍ କରିବାକୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଏଥିଲାଗି ପ୍ରଥମେ କର୍ମଚାରୀଙ୍କୁ ଟ୍ରେନିଂ ଦିଆଯାଇଛି। ସରକାରଙ୍କ ବିଭିନ୍ନ ସ୍ତରର ଅଧିକାରୀ ପ୍ରଶିକ୍ଷଣ ନେଇଛନ୍ତି।ଅକ୍ଟୋବର ୬, ୭ ଓ ୮ ତାରିଖରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ, ତାପରେ ଅକ୍ଟୋବର ୮ରୁ ୧୬ ଯାଏଁ ବ୍ଲକସ୍ତରୀୟ ଟ୍ରେନିଂ ରହିଛି। ଆଉ ତା'ପରେ ସିଧା ଘରେ ଘରେ ପହଞ୍ଚିବେ ସର୍ଭେ କରୁଥିବା କର୍ମଚାରୀ। ଈଖଙ୍ଗ, ଅଙ୍ଗନବାଡ଼ି କର୍ମୀ, ଶିକ୍ଷକ ଓ ନିୟୋଜିତ କର୍ମଚାରୀ ମୈଦାନକୁ ଓହ୍ଲାଇବେ। ଅକ୍ଟୋବର ୨୬ରୁ ନଭେମ୍ବର ୩ ଯାଏଁ ଚାଲିବ ଏହି ସର୍ଭେ। ଭୋଟର ତାଲିକା ପ୍ରସ୍ତୁତି, ସଂଶୋଧନ, କ୍ଷେତ୍ରସ୍ତରୀୟ ସର୍ଭେ, ନିର୍ବାଚନୀ ପ୍ରସ୍ତୁତି ଓ ପ୍ରଶାସନିକ ପ୍ରକ୍ରିୟା ଉପରେ ଫୋକସ ରହିଛି। ଭୋଟ ଦେବା ପୂର୍ବରୁ ଭୋଟର ଜାଣିପାରିବେ କେଉଁ ବୁଥରେ ଅଛି କାହାର ନାଁ।



## ୪ରୁ ବଢ଼ିବ ଓମ୍ଫେଡ୍ କ୍ଷୀର ଦର




ଭୁବନେଶ୍ୱର : ଅକ୍ଟୋବର ୪ରୁ ରାଜ୍ୟରେ ବଢ଼ିବ ଓମ୍ଫେଡ୍ କ୍ଷୀର ଦର । ଓଡ଼ିଶା ଷ୍ଟେଟ୍ କୋ-ଅପରେଟିଭ୍ ମିଲ୍କ ପ୍ରଡ୍ୟୁସର୍ସ ଫେଡେରେସନ୍ (ଓମ୍ଫେଡ୍) ପକ୍ଷରୁ ବିଭିନ୍ନ ପ୍ରକାର କ୍ଷୀରର ଦର ଲିଟର ପିଛା ୨ ଟଙ୍କା ବୃଦ୍ଧି କରାଯାଇଛି । ଫଳରେ ଗ୍ରାହକଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିବ। ଓମ୍ଫେଡ୍ ପ୍ରିମିୟମ୍ କ୍ଷୀରର ଦର ପୂର୍ବରୁ ଲିଟର ପିଛା ୫୮ ଟଙ୍କା ଥିବାବେଳେ ଏବେ ଏହା ୬୦ ଟଙ୍କା ହେବ । ସେହିପରି ୫୦୦ ମିଲିଲିଟର ପ୍ୟାକେଟ୍ର ଦର ୩୦ ଟଙ୍କା ହେବ। ଓମ୍ଫେଡ୍ର ଅନ୍ୟତମ ଅଧିକ ବିକ୍ରି ହେଉଥିବା କ୍ଷୀର 'ଗୋଲ୍ଡ'ର ଦର ଲିଟର ପିଛା ୬୨ ଟଙ୍କା ହୋଇଛି । ଗୋଲ୍ଡ ପ୍ଲସ୍ର ଦର ୬୬ ଟଙ୍କା ଏବଂ ଟୋନ୍ଡ କ୍ଷୀରର ଦର ୫୮ ଟଙ୍କା ହୋଇଛି। ଗୁରୁବାର ଅନୁଷ୍ଠିତ ଓମ୍ଫେଡ୍ ପରିଚାଳନା କମିଟି ବୈଠକରେ କ୍ଷୀର ଦର ବୃଦ୍ଧି ନେଇ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଓମ୍ଫେଡ୍ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଓମ୍ଫେଡ୍ର କହିବା ଅନୁସାରେ, ଅନ୍ତର୍ଜାତୀୟ ବଜାରରେ ଇନ୍ଧନ ଦର ବଢ଼ିବା ଯୋଗୁଁ କୃଷିଜାତ ସାମଗ୍ରୀର ଉତ୍ପାଦନ ଓ ପରିବହନ ଖର୍ଚ୍ଚ ବଢ଼ିଛି । ବଢୁଥିବା ଉତ୍ପାଦନ ଖର୍ଚ୍ଚକୁ ଦୃଷ୍ଟିରେ ରଖି ସେପ୍ଟେମ୍ବର ୯ରୁ କ୍ଷୀର ଉତ୍ପାଦକମାନଙ୍କୁ ଲିଟର ପିଛା ଅତିରିକ୍ତ ୨ ଟଙ୍କା ଦିଆଯାଉଛି।

## ଭୁବନେଶ୍ୱରରୁ ପୁଣି ବ୍ୟାଙ୍କକକୁ ଉଡ଼ିଲା ବିମାନ

ଭୁବନେଶ୍ୱର: ପ୍ରାୟ ୩ ମାସର ବ୍ୟବଧାନ ପରେ ଶୁକ୍ରବାରଠାରୁ ଭୁବନେଶ୍ୱରରୁ ବ୍ୟାଙ୍କକ୍କୁ ପୁଣି ଆରମ୍ଭ ହେଲା ବିମାନ ସେବା। ଏହାଦ୍ୱାରା ଓଡ଼ିଶାରୁ ଥାଇଲାଣ୍ଡ ଯାତ୍ରା କରୁଥିବା ଯାତ୍ରୀଙ୍କୁ ସୁବିଧା ମିଳିବ।ସୂଚନା ଅନୁଯାୟୀ, ବିମାନଟି ରାତି ୧୧ଟା ୫ ମିନିଟ୍ରେ ଭୁବନେଶ୍ୱରରୁ ଉଡ଼ାଣ ଭରିଲା। ପରଦିନ ସକାଳ ପ୍ରାୟ ୫ଟା ୩୦ ମିନିଟ୍ରେ ବ୍ୟାଙ୍କକ୍ରେ ପହଞ୍ଚିଲା। ପୁଣି ବିମାନ ସେବା ଆରମ୍ଭ ହେବା ଫଳରେ ଉଭୟ ସହର ମଧ୍ୟରେ ଯାତାୟାତ ଅଧିକ ସୁବିଧାଜନକ ହେବ।ଦୀର୍ଘ ବ୍ୟବଧାନ ପରେ ସିଧାସଳଖ ବିମାନ ସେବା ଆରମ୍ଭ ହେବା ନେଇ ଯାତ୍ରୀ ଓ ବ୍ୟବସାୟୀ ମହଲରେ ମଧ୍ୟ ଉତ୍ସାହ ପ୍ରକାଶ ପାଇଛି।ବ୍ୟାଙ୍କକ୍କୁ ସିଧାସଳଖ ବିମାନ ସେବା ଆରମ୍ଭ ହେଲେ ଓଡ଼ିଶାରୁ ଥାଇଲାଣ୍ଡ ଯାତାୟାତ ଅଧିକ ସୁବିଧାଜନକ ହେବ। ବିଶେଷକରି ପର୍ଯ୍ୟଟକ, ବ୍ୟବସାୟୀ ଓ ଅନ୍ତର୍ଜାତୀୟ ଯାତ୍ରୀମାନେ ଏଥିରୁ ଲାଭ ପାଇବେ। ଭୁବନେଶ୍ୱର ବିମାନବନ୍ଦରରୁ ଆଉ ଏକ ଅନ୍ତର୍ଜାତୀୟ ରୁଟ୍ରେ ସେବା ପୁନଃ ଆରମ୍ଭ ହେବା ରାଜ୍ୟର ବିମାନ ଯୋଗାଯୋଗକୁ ମଧ୍ୟ ଅଧିକ ସୁଦୃଢ଼ କରିବ। ବିଶେଷକରି ଥାଇଲାଣ୍ଡ ଯାତ୍ରା କରୁଥିବା ଓଡ଼ିଶାର ଯାତ୍ରୀଙ୍କ ପାଇଁ ଏହି ସେବା ଗୁରୁତ୍ୱପୂର୍ଣ୍ଣ ହେବ।

## ପଞ୍ଚାୟତ ଭୋଟ ପୂର୍ବରୁ ଗ୍ରାଉଣ୍ଡରେ ତିନି ଦଳ

ଭୁବନେଶ୍ୱର : ଆଗକୁ ପଞ୍ଚାୟତ ନିର୍ବାଚନ। ଆରମ୍ଭ ହେଲା ପଦଯାତ୍ରା ପଲିଟିକ୍ସ। ବିଜେପି, ବିଜେଡି ଓ କଂଗ୍ରେସ ଏବେ ଗାଁ ମୁହାଁ। ପଦଯାତ୍ରା ମାଧ୍ୟମରେ ଭୋଟରଙ୍କ ସହ ଯୋଡିହେବେ। ନିଜ ସପକ୍ଷରେ ଜନମତ ଲୋଡିବେ। ପ୍ରତିବର୍ଷ ଭଳି ଏଥର ବି ଗାନ୍ଧି

### ଜୋରଦାର ହେଲା ଜନସମ୍ପର୍କ



ଜୟନ୍ତୀରୁ ବିଜୁ ଜନତା ଦଳ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛି। ଭୁବନେଶ୍ୱର ୫୨ ନମ୍ବର ୱାର୍ଡରୁ ପଦଯାତ୍ରାକୁ ଶୁଭାରମ୍ଭ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ମାସେ ବ୍ୟାପୀ ସବୁ ଜିଲ୍ଲାରେ ଚାଲିବ ବିଜେଡିର ପଦଯାତ୍ରା। ଏହାସହ ବନ୍ୟା ପରିଚାଳନା, ବହି ତ୍ରୁଟି, ଏମ୍ଏସ୍ପି, ଚାଷୀ ସମସ୍ୟା, ଭତ୍ତା ଅନିୟମିତତା ପ୍ରସଙ୍ଗ କଥା ଉଠାଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେହିପରି କଂଗ୍ରେସ ଆଜିଠାରୁ ପିସିସି ସଭାପତିଙ୍କ ନେତୃତ୍ୱରେ ମାହାଙ୍ଗାରୁ ଗାନ୍ଧି ପଥେ ଓଡ଼ିଶା ପଦଯାତ୍ରା ଆରମ୍ଭ କରିଛି। ଦଳର ସ୍ଥାନୀୟ ନେତା ଓ କର୍ମୀଙ୍କୁ ନେଇ ବଡ଼ ରାଲିର ବି ଆୟୋଜନ କରାଯାଇଥିଲା। ଅନ୍ୟପଟେ ବିଜେପି କହିଛି, ଲୋକଙ୍କ ପାଖରେ ବିରୋଧୀଙ୍କର ସତ କହିବାର ସାହସ ନାହିଁ। ବିଧାନସଭାରେ ଆଲୋଚନା ନକରି ବନ୍ଦ କଲେ, ଆଉ ଏବେ ପଦଯାତ୍ରା କରୁଛନ୍ତି। ଅପରପକ୍ଷେ ସରକାରୀ ଦଳ ବିଜେପି କିନ୍ତୁ ଗ୍ରାଉଣ୍ଡକୁ ବହୁ ଆଗରୁ ଓହ୍ଲାଇ ସାରିଛି। ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନ ସେପ୍ଟେମ୍ବର ୧୭ ରୁ ସେବା ସଂକଳ୍ପ ଅଭିଯାନ ଜରିଆରେ ତୃଣମୂଳ ସ୍ତରରେ କାର୍ଯ୍ୟକ୍ରମ ଜାରି ରହିଛି। ପଥପ୍ରାନ୍ତ ନାଟକ ସହ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ମୋଦି ସରକାରର ଉପଲବ୍ଧି ଓ ସଫଳତା ସମ୍ପର୍କରେ ଲୋକଙ୍କୁ ସଚେତନ କରୁଛନ୍ତି କର୍ମୀ ଓ ନେତା। ଏହା ପୂର୍ବରୁ ସନ୍ଥ ରବି ଦାସ କଳସ ଶୋଭାଯାତ୍ରା ମାଧ୍ୟମରେ ସନାତନ ଧର୍ମର ପ୍ରଚାର କାର୍ଯ୍ୟକ୍ରମ କରିଥିଲା ଦଳ। ଯେଉଁଥିରେ ଭୋଟରଙ୍କୁ ସକ୍ରିୟ ଭାବେ ଯୋଡା ଯାଇଥିଲା। ଅର୍ଥାତ ବିଜେପି ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗାଁକୁ ଅଧିକ ଫୋକସ୍ ଦେଇଆସୁଛି। ପଞ୍ଚାୟତ ନିର୍ବାଚନକୁ ସମୟ କମ୍। ଏହାପୂର୍ବରୁ ଭୋଟରଙ୍କ ପାଖରେ ପହଞ୍ଚିବାରୁ ସବୁ ଦଳ ପଦଯାତ୍ରାକୁ ମୁଖ୍ୟ ମାଧ୍ୟମ କରିଛନ୍ତି। ଦେଖିବାର କଥା ପଦଯାତ୍ରା ପଲିଟିକ୍ସ ରେ ଭୋଟର କାହାକୁ ଭରସା କରୁଛନ୍ତି।

## ବଢ଼ିଲା କମର୍ସିଆଲ ଏଲ୍ପିଜି ଦର

ନୂଆଦିଲ୍ଲୀ : ଅକ୍ଟୋବର ଆରମ୍ଭରୁ ଖାଉଟିଙ୍କ ପକେଟ୍ ଉପରେ ପୁଣି ଚାପ। ୧୯ କେଜିର କମର୍ସିଆଲ ଏଲ୍ପିଜି ସିଲିଣ୍ଡର ଦର ବଢ଼ିଛି। ଦିଲ୍ଲୀରେ ଏହାର ଦାମ ୬୨ ଟଙ୍କା ୫୦ ପଇସା ବଢ଼ି ୨,୮୧୦ ଟଙ୍କାରେ ପହଞ୍ଚିଛି। ଘରୋଇ ୧୪.୨ କେଜି ଖଟଏ ସିଲିଣ୍ଡର ଦରରେ କିନ୍ତୁ କୌଣସି ପରିବର୍ତ୍ତନ ହୋଇନାହିଁ। କମର୍ସିଆଲ ଖଟଏ ଦର ବୃଦ୍ଧିର ସିଧା ପ୍ରଭାବ ହୋଟେଲ୍, ରେସ୍ତୋରାଁ, ଢାବା, ବେକେରି, କ୍ୟାଟରିଂ ଓ ଛୋଟ ଖାଦ୍ୟ ବ୍ୟବସାୟ ଉପରେ ପଡ଼ିପାରେ। ଗ୍ୟାସ୍ ଖର୍ଚ୍ଚ ବଢ଼ିଲେ ଖାଦ୍ୟ ପ୍ରସ୍ତୁତି ଖର୍ଚ୍ଚ ବଢ଼ିବା ସହ ଆଗକୁ ମେନୁ ରେଟ୍ରେ ମଧ୍ୟ ତାହାର ପ୍ରଭାବ ପଡ଼ିପାରେ ବୋଲି ବ୍ୟବସାୟୀମାନେ ଆଶଙ୍କା କରୁଛନ୍ତି।




## ସପ୍ତାହାନ୍ତ ବିଚାର

ଉତ୍ତରପ୍ରଦେଶ ଲେଖିବ
ରାଷ୍ଟ୍ରୀୟ ରାଜନୀତିର ଡ୍ରାଫ୍

### ବାଟେଘାଟେ



ଦଶହରା ବେଳେ ପୁଣି ବର୍ଷିବ
ଆସୁଅଛି ଲଘୁ ଚାପ
କଟକର ରାସ୍ତା ଘାଟ ମରାମତି
ବାହାରି ପଡିବ ବାମ୍ଫ
ପଡିଛି ଇନ୍ଦ୍ରଙ୍କ କୋପ
ଖରାଦିନେ ରାସ୍ତା କାମ ନସାରିଣ
ଶୋଇଲେ ପାରି ସଉପ
ଦୁର୍ଗା ପୂଜା ବେଳେ ମଣ୍ଡପ ବୁଲାରେ
ଛିଣ୍ଡିବ ଆଙ୍ଗୁଠି ଟିପ
ଟଙ୍କା ଖାଇ କାମ କଲ ନାହିଁ ସିନା
ବାପା ନେବେ ଅଭିଶାପ
-ରାହୀ

## 'ହନୁମାନ ମୋତେ ରକ୍ଷା କଲେ' : ସ୍ମିତ୍

ନୂଆଦିଲ୍ଲୀ : ଏବେ ଚାରିଆଡେ ଗୋଟିଏ ନାଁ ଖୁବ୍ ଚର୍ଚ୍ଚାରେ। ସେ ହେଉଛନ୍ତି ସ୍ମିତ୍ ମଚ୍ଛାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ଫ୍ଲାଏଦୁବାଇର ଭାରତୀୟ ପାଇଲଟ୍ ସ୍ମିତଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ କ୍ୟାପଟ୍ଟେନଙ୍କ ସାହସିକତାକୁ ପ୍ରଶଂସା କରିଥିଲେ, ଯାହାଙ୍କ ସାହସ ଫ୍ଲାଏଦୁବାଇ ବିମାନରେ ଥିବା କ୍ରୁ ସଦସ୍ୟଙ୍କ ସମେତ ୧୮୦ ଜଣଙ୍କ ଜୀବନ ରକ୍ଷା କରିଥିଲା। କଥାବାର୍ତ୍ତା ସମୟରେ, ପ୍ରଧାନମନ୍ତ୍ରୀ କ୍ୟାପଟ୍ଟେନଙ୍କ ଠାରୁ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ପାଇଲେ। ପ୍ରଧାନମନ୍ତ୍ରୀ କ୍ୟାପଟ୍ଟେନଙ୍କ ଅଭିଜ୍ଞତା ବିଷୟରେ ପଚାରି ବୁଝିଥିଲେ ଏବଂ ପଚାରିଥିଲେ ଯେ ସେ କିପରି ବିପଦର ସମ୍ମୁଖୀନ ହୋଇଥିଲେ ଏବଂ ଏତେ କଷ୍ଟକର ପରିସ୍ଥିତିରେ ମଧ୍ୟ ସାହସ ବଜାୟ ରଖିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ସାହସ, ଜ୍ଞାନ ଏବଂ ସଂଯମତାକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସମଗ୍ର ଦେଶ ତାଙ୍କ ପାଇଁ ପ୍ରାର୍ଥନା କରୁଛି। କଲ୍ ସମୟରେ, କ୍ୟାପଟ୍ଟେନ୍ ସ୍ମିତ୍ ଭାବପ୍ରବଣ ହୋଇଯାଇଥିଲେ ଏବଂ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ସହ କଥାବାର୍ତ୍ତା ତାଙ୍କ ପାଇଁ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ମୁହୂର୍ତ୍ତ ଥିଲା ଏବଂ ତାଙ୍କୁ ତାଙ୍କର ସବୁଠାରୁ ବଡ଼ ଆଦର୍ଶ ବୋଲି କହିଥିଲେ। ଏହାସହ ସ୍ମିତ୍ କହିଛନ୍ତି, ସମସ୍ତ ବିପଦ ହେଉ କି ଅନ୍ୟ ସମୟରେ ସେ ହନୁମାନ ଚାଲିଶା ପାଠ କରନ୍ତି ଏବଂ ସେହି ଘଟଣା ସମୟରେ ସେ ମନେ ମନେ ହନୁମାନ ଚାଲିଶା ପାଠ କରୁଥିଲେ। କ୍ୟାପଟ୍ଟେନଙ୍କ ସହ କଥାବାର୍ତ୍ତା ସମୟରେ, ପ୍ରଧାନମନ୍ତ୍ରୀ କହିଥିଲେ ଦେଶ ଗର୍ବର ସହିତ କହିପାରିବ ଯେ ଭାରତୀୟମାନେ ଅନ୍ୟମାନଙ୍କ ଜୀବନ ନେଉ ନାହାଁନ୍ତି, ବରଂ ଅନ୍ୟମାନଙ୍କୁ ବଞ୍ଚାଇବା ପାଇଁ ନିଜ ଜୀବନକୁ ବିପଦରେ ପକାଇବାକୁ ପ୍ରସ୍ତୁତ।

ପ୍ରଧାନମନ୍ତ୍ରୀ କ୍ୟାପଟ୍ଟେନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ବୁଧବାର ଦୁବାଇରୁ ଇସ୍ରାଏଲର ରାଜଧାନୀ ତେଲ ଅଭିଭ ଯାଉଥିବା ଏକ ବିମାନକୁ ଦୁର୍ଘଟଣାଗ୍ରସ୍ତ କରିବାକୁ ଚେଷ୍ଟା କରାଯାଇଥିଲା। ଅଭିଯୁକ୍ତ ବିମାନର ସହ-ପାଇଲଟ୍ ଥିଲେ। ଅଭିଯୁକ୍ତ ଭାରତୀୟ ପାଇଲଟ୍ ସ୍ମିତଙ୍କ ଉପରେ ଏକ ଧାରୁଆ ବସ୍ତୁରେ ଆକ୍ରମଣ କରିଥିଲେ। ଗୁରୁତର ଆହତ ହେବା ସତ୍ତ୍ୱେ, କ୍ୟାପଟ୍ଟେନ୍ ସାହସ ପ୍ରଦର୍ଶନ କରିଥିଲେ ଏବଂ କକପିଟ୍ ଦ୍ୱାର ଖୋଲି ଦେଇଥିଲେ, ଯାହା ପରେ କିଛି ଯାତ୍ରୀ କକପିଟ୍ ଭିତରକୁ ପ୍ରବେଶ କରି ଅଭିଯୁକ୍ତଙ୍କୁ ପରାସ୍ତ କରିଥିଲେ। ତା'ପରେ ବିମାନଟି ସଫଳତାର ସହ ସୁରକ୍ଷିତ ଭାବରେ ଅବତରଣ କରାଯାଇଥିଲା। ଆକ୍ରମଣ ସମୟରେ ବିମାନରେ ଥିବା ୧୭୪ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୫୦ ଜଣ ଇସ୍ରାଏଲୀ ନାଗରିକ ଥିଲେ। ଗୁରୁବାର ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆରେ ସେୟାର କରିଥିବା ଏକ ପୋଷ୍ଟରେ କ୍ୟାପଟ୍ଟେନ ସ୍ମିତଙ୍କୁ ପ୍ରଶଂସା କରିଥିଲେ। ପୋଷ୍ଟରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି, "ସ୍ମିତ ଜଣେ ହିରୋ। ଅତ୍ୟନ୍ତ ବିପଜ୍ଜନକ ପରିସ୍ଥିତିର ସମ୍ମୁଖୀନ ହେବା ଏବଂ ଗୁରୁତର ଆହତ ହେବା ସତ୍ତ୍ୱେ ସେ ଅନ୍ୟମାନଙ୍କ ଜୀବନ ବଞ୍ଚାଇବା ପାଇଁ ଅପାର ସାହସ ଦେଖାଇଥିଲେ। ତାଙ୍କ ସାହସିକତା ଶହ ଶହ ଜୀବନ ବଞ୍ଚାଇଥିଲା ଏବଂ ଏକ ବଡ଼ ଦୁଃଖଦ ଘଟଣା ଏଡାଇ ଦେଇଥିଲା। ଭାରତ କ୍ୟାପଟ୍ଟେନଙ୍କ ଉପରେ ଗର୍ବିତ। ଆମେ ତାଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛୁ।" ପ୍ରଧାନମନ୍ତ୍ରୀ ଭାରତୀୟ ପାଇଲଟ କ୍ୟାପଟ୍ଟେନ ସ୍ମିତଙ୍କ ପତ୍ନୀ ଏବଂ ପିତାମାତାଙ୍କ ସହିତ ମଧ୍ୟ କଥା ହୋଇଥିଲେ। ସେ ଶହ ଶହ ଜୀବନ ବଞ୍ଚାଇବାରେ ତାଙ୍କ ସାହସିକତାର ପ୍ରଶଂସା କରିଥିଲେ ଏବଂ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଭାରତୀୟ ମିଶନ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଉଛି।



## ୟୁସିସି ଲାଗୁ କରିବାରେ ଉତ୍ତରାଖଣ୍ଡ ପରେ ଗୁଜରାଟ ଦ୍ୱିତୀୟ ରାଜ୍ୟ




ନୂଆଦିଲ୍ଲୀ: ରାଷ୍ଟ୍ରପତି ଦ୍ରେ?ପଦୀ ମୁର୍ମୁ ଗୁଜରାଟ ସମାନ ନାଗରିକ ସଂହିତା (ୟୁସିସି) ବିଲ୍ ୨୦୨୬କୁ ତାଙ୍କ ସ୍ୱୀକୃତି ପ୍ରଦାନ କରିଛନ୍ତି। ଫଳରେ ସ୍ୱାଧୀନ ଭାରତରେ ଉତ୍ତରାଖଣ୍ଡ ପରେ ଗୁଜରାଟ ୟୁସିସି ଲାଗୁ କରିବାରେ ଦ୍ୱିତୀୟ ରାଜ୍ୟ ହେବ। ୨୪ ମାର୍ଚ୍ଚରେ ଆଠ ଘଣ୍ଟାର ବିତର୍କ ପରେ ଗୃହୀତ ଏହି ଆଇନ ରାଜ୍ୟର ଅନୁସୂଚିତ ଜନଜାତି ଜନସଂଖ୍ୟାକୁ ଛାଡ଼ ଦେଇଛି। ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇଙ୍କ ନେତୃତ୍ୱରେ ଗଠିତ ଏକ ପ୍ୟାନେଲ୍ ଏହାର ରିପୋର୍ଟ ଦାଖଲ କରିବାର ଗୋଟିଏ ସପ୍ତାହ ପରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏହାକୁ ଉପସ୍ଥାପନ କରିଥିଲେ। ଜଷ୍ଟିସ୍ ଦେଶାଇ ପୂର୍ବରୁ ଉତ୍ତରାଖଣ୍ଡ ୟୁସିସି ପ୍ରସ୍ତୁତ କରିଥିବା କମିଟିର ନେତୃତ୍ୱ ନେଇଥିଲେ। ତେବେ ୟୁସିସି ବିଲ୍କୁ ବିରୋଧ କରି କଂଗ୍ରେସ ଗୃହ ତ୍ୟାଗ କରିଥିଲା। ଉଭୟ କଂଗ୍ରେସ ଓ ଆମ୍ ଆଦମୀ ପାର୍ଟି ବିଲକୁ ଏକ ଚୟନ କମିଟି ନିକଟକୁ ପଠାଇବାକୁ ଅନୁରୋଧ କରିଥିଲେ। ବିରୋଧୀ ବିଧାୟକମାନେ ଏହି ଆଇନକୁ ମୁସଲିମ ବିରୋଧୀ ବୋଲି କହିଥିଲେ ଓ ଅଭିଯୋଗ କରିଥିଲେ ଯେ, ଏହାକୁ ରାଜନୈତିକ ଲାଭ ପାଇଁ ଅଣାଯାଉଛି। ତେବେ ଅଭିଯୋଗକୁ ସରକାର ପ୍ରତ୍ୟାଖ୍ୟାନ କରିଥିଲେ।




# ଆଜିର ରାଶିଫଳ

**ମେଷ**
ପାରିବାରିକ ଜୀବନରେ ମହତ୍ୱପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ସରକାରୀ ଚାକିରିଆଙ୍କର ଅଫିସରେ କାମର ବୋଝ ଅଧିକ ରହିବ। ଶିକ୍ଷାର୍ଥୀଙ୍କୁ ଲେଖାପଢ଼ାରେ ଅଧିକ ପରିଶ୍ରମ କରିବାକୁ ହେବ।

**ବୃଷ**
ଯଦି ଆପଣ ନୂତନ ଜମି କିଣିବାକୁ ଯୋଜନା କରୁଛନ୍ତି, ତେବେ ଘରର ବଡ଼ମାନଙ୍କ ପରାମର୍ଶ ନିଶ୍ଚୟ ନିଅନ୍ତୁ। ଏହି ରାଶିର ଛାତ୍ରମାନଙ୍କ ପାଇଁ ଆଜିର ଦିନଟି ସନ୍ତୋଷଜନକ ରହିବ। ଜୀବନସାଥୀଙ୍କ ସହିତ ମନର କଥା ସେୟାର କରନ୍ତୁ ।

**ମିଥୁନ**
ଆଧ୍ୟାତ୍ମିକ ଗତିବିଧିରେ କିଛି ସମୟ ବିତାଇ ଶାନ୍ତି ଅନୁଭବ କରିବେ। ବ୍ୟବସାୟରେ ବଡ଼ ଧନଲାଭ ହେବ। ଭ୍ରମଣ ସୁଖଦ ରହିବ। ପ୍ରେମିକ ପ୍ରେମିକା ନିଜ ସମ୍ବନ୍ଧ ବିଷୟରେ ଘର ଲୋକଙ୍କୁ ଜଣାଇବେ।

**କର୍କଟ**
କେ ?ଣସି ବନ୍ଧୁର ପରାମର୍ଶ ଆପଣଙ୍କୁ ପସନ୍ଦ ଆସିବ। ନୂଆ ଶକ୍ତିର ସହ କାମ କରନ୍ତୁ ଅଧୁରା କାମ ପୂରା ହେବ। ରାଜନୀତିରେ ଆର୍ଥିକ ଲାଭ ହେବ। ଆୟ ବ୍ୟୟର ସମନ୍ୱୟ ବନି ରହିବ।

**ସିଂହ**
ପୂଜାପାଠରେ ସମୟ ବିତିବ। ପରିବାରରେ ଲାଗି ରହିଥିବା ଅଶାନ୍ତି ଦୂର ହେବ। କେ ?ଣସି ବଡ଼ ସଫଳତା ପାଇବେ। ବେପାର ପାଇଁ ଦିନଟି ଲାଭପ୍ରଦ ରହିବ। ଛାତ୍ରଙ୍କ ଲାଗି ଦିନଟି ଭଲ।

**କନ୍ୟା**
କେ ?ଣସି ନୂଆ ବିଚାର ଯଥେଷ୍ଟ ଆର୍ଥିକ ଲାଭ ଦେବ। ଆପଣଙ୍କର ଚେଷ୍ଟା ଫଳଦାୟୀ ରହିବ। ଅଧିକାରୀମାନଙ୍କ ସହିତ ଆପଣଙ୍କ ବ୍ୟବହାରରେ ସାବଧାନତା ରଖିବା ଦରକାର।

**ତୁଳା**
ଭାଗ୍ୟ ଆପଣଙ୍କ ସହ ରହିବ। କାର୍ଯ୍ୟକ୍ଷେତ୍ରରେ କିଛି ନୂଆ ଶିଖିବାକୁ ଚେଷ୍ଟା କରିବେ। ଜୀବନରେ ଲାଭର ଅବସର ପାଇବେ। ଘରେ ସୁଖ ସେ ?ଭାଗ୍ୟ ବୃଦ୍ଧି ହେବ। ଜୀବନସାଥୀ ଠାରୁ ଭଲ ଖବର ଶୁଣିବେ।

**ବିଛା**
ବିଶେଷ କାମରେ ଦୂରସ୍ଥାନକୁ ଯାଇପାରନ୍ତି। ଖାଦ୍ୟପାନୀୟ ପ୍ରତି ସଜାଗ ରହନ୍ତୁ। ପାରିବାରିକ ବନ୍ଧୁଠାରୁ କେ ?ଣସି ଖୁସିଖବର ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ବଢ଼ିବ।

**ଧନୁ**
ଚାକିରି ବୃତ୍ତିରେ କାମରେ ଲାଗି ରହିଥିବା ବାଧା ସମାପ୍ତ ହୋଇଯିବ। ଧନଲାଭର କିଛି ନୂଆ ମଉକା ପାଇବେ। ବାଲ୍ୟବନ୍ଧୁ ସହ ଦେଖା ହୋଇପାରେ। ବିଦ୍ୟାର୍ଥୀଙ୍କର ମନ ଲେଖାପଢ଼ାରେ ଲାଗିବ।

**ମକର**
ତର୍କବିତର୍କ ଓ ସମସ୍ୟାଠାରୁ ଦୂରରେ ରହନ୍ତୁ। ବିରୋଧୀ ପକ୍ଷ ଆପଣଙ୍କ କାମରେ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରିବେ। ସମାଜରେ ଓକିଲଙ୍କର ପ୍ରସିଦ୍ଧି ବଢ଼ିବ। ନୂଆ ଘର ନିର୍ମାଣ ପାଇଁ ଯୋଜନା କରିବେ।

**କୁମ୍ଭ**
ଆପଣଙ୍କ ମନରେ ସକାରାତ୍ମକ ଭାବନା ଆସିବ। ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ବନ୍ଧୁର ସାହାଯ୍ୟ ନେବେ। ଅଫିସରେ ସାବଧାନ ରହିବାର ଆବଶ୍ୟକତା ରହିଛି।

**ମୀନ**
ଏଭଳି ମାମଲାରେ ପ୍ରବେଶ କରନ୍ତୁନାହିଁ ଯେଉଁଥିରେ ଆପଣଙ୍କର ନେବାଦେବାର ନାହିଁ। ଅନୁଭବୀ ଲୋକଙ୍କ ମତ ଆପଣଙ୍କ ଲାଗି ଲାଭଦାୟକ ସାବ୍ୟସ୍ତ ହେବ। ଜୀବନସାଥୀ ଆପଣଙ୍କ ପ୍ରତି ଖୁସି ରହିବେ।

# ଚିକେନ୍ ବଲ୍



**ଆବଶ୍ୟକ ସାମଗ୍ରୀ:** ବୋନ୍ଲେସ୍ ଚିକେନ୍, ବ୍ରେଡ୍, ଅଟା, ଅଣ୍ଡା, ଧନିଆପତ୍ର, ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ, ଚିଲି ସସ୍, ସୋୟା ସସ୍, ଲୁଣ, କଟା କଞ୍ଚା ଲଙ୍କା, କଟା ପିଆଜ, ତେଲ, ଅଦା ଓ ରସୁଣ ପେଷ୍ଟ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବୋନ୍ଲେସ୍ ଚିକେନକୁ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଧନିଆପତ୍ର, ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ, ଚିଲି ସସ୍, ସୋୟା ସସ୍, ଆବଶ୍ୟକ ଅନୁସାରେ ଲୁଣ, କଟା କଞ୍ଚା ଲଙ୍କା, କଟା ପିଆଜ, ଅଦା ଓ ରସୁଣ ପେଷ୍ଟ ପକାଇ ଗୋଳାଇ ଦିଅନ୍ତୁ। ପରେ ତାକୁ ଗ୍ରାଇଣ୍ଡିଂ କରି ଏକ ପାତ୍ରକୁ କାଢ଼ି ଦିଅନ୍ତୁ।ପରେ ବ୍ରେଡକୁ ଗ୍ରାଇଣ୍ଡିଂ କରି ଏକ ପାତ୍ରରେ ରଖନ୍ତୁ। ତା' ପରେ ଅଣ୍ଡାକୁ ଭାଙ୍ଗି ଏକ ପାତ୍ରରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏବେ ଗ୍ରାଇଣ୍ଡିଂ କରିଥିବା ଚିକେନକୁ ବଲ୍ ଆକାରରେ କରି ଗଢ଼ନ୍ତୁ। ଏହି ବଲ୍କୁ ଅଣ୍ଡା ଦେହରେ ବୁଡ଼ାଇ ତା' ପରେ ତାକୁ ଅଟା ଓ ବ୍ରେଡ୍ ଗୁଣ୍ଡରେ ବୁଡ଼ାଇ ଛାଣନ୍ତୁ। ଏହା ଟିକେ ଲାଲ ହୋଇ ଆସିଲେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ୍ ବଲ୍।

# ବିଶ୍ୱର ସବୁଠୁ ଧନୀ ଦେଶ



ବିଶ୍ୱର ସବୁଠାରୁ ଧନୀ ଦେଶ ୟୁରୋପରେ ଅବସ୍ଥିତ। ଏହି ଦେଶର ପ୍ରାକୃତିକ ସୌନ୍ଦର୍ଯ୍ୟ ଆଶ୍ଚର୍ଯ୍ୟଜନକ ଏବଂ ସେଥିପାଇଁ ପ୍ରତିବର୍ଷ ସାରା ବିଶ୍ୱରୁ ଲକ୍ଷ ଲକ୍ଷ ଲୋକ ଏହି ଦେଶକୁ ପରିଦର୍ଶନ କରନ୍ତି। ଏହି ଦେଶ ହେଉଛି ସ୍ୱିଜରଲାଣ୍ଡ। ବିଶ୍ୱର ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ଏହି ଦେଶ ଲୋକଙ୍କ ପ୍ରଥମ ପସନ୍ଦ। କେବଳ ଏତିକି ନୁହେଁ, ଏହି ଦେଶ ବିଶ୍ୱର ଧନୀ ଦେଶ ତାଲିକାରେ ମଧ୍ୟ ନିଜର ସ୍ଥାନ ରଖିଛି। ସ୍ୱିଜରଲାଣ୍ଡର ପ୍ରତ୍ୟେକ ୭ମ ବ୍ୟକ୍ତି କୋଟିପତି ଏବଂ ବହୁତ ବିଳାସପୂର୍ଣ୍ଣ ଜୀବନଯାପନ କରନ୍ତି। ଏଠାରେ ପ୍ରତି ମୁଣ୍ଡପିଛା ଆୟ ବିଶ୍ୱର ଅନେକ ବିକଶିତ ଦେଶ ଅପେକ୍ଷା ମଧ୍ୟ ଅଧିକ। ଧନ ଦୃଷ୍ଟିରୁ ମଧ୍ୟ ଏହି ଦେଶ ଆମେରିକାକୁ ପଛରେ ପକାଇ ଦେଇଛି। ସ୍ୱିଜରଲାଣ୍ଡ ଭଳି ଦେଶରେ ଧନର ସବୁଠାରୁ ବଡ଼ କାରଣ ହେଉଛି ଏଠାକାର ଲୋକଙ୍କର ନିବେଶ ମାନସିକତା। ଏଠାକାର ଲୋକମାନେ ଟଙ୍କା ସଞ୍ଚୟ କରିବା ଅପେକ୍ଷା ନିବେଶ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ଏଠାରେ ପ୍ରତ୍ୟେକ ବ୍ୟକ୍ତି ତାଙ୍କ ଆୟର କେବଳ ୨୦ ରୁ ୩୦ ପ୍ରତିଶତ ସଞ୍ଚୟ ପାଇଁ ରଖନ୍ତି ଏବଂ ବାକି ବିନିଯୋଗ କରନ୍ତି। ଏହି ଦେଶରେ ଧନର ଦ୍ୱିତୀୟ ସବୁଠାରୁ ବଡ଼ କାରଣ ହେଉଛି ଶିକ୍ଷା। ଏଠାକାର ଲୋକମାନେ ସେମାନଙ୍କ ପିଲାମାନଙ୍କର ଭଲ ଶିକ୍ଷା ପାଇଁ ବହୁତ ଟଙ୍କା ଖର୍ଚ୍ଚ କରନ୍ତି। ତଥାପି, ଏହି ଶିକ୍ଷା କେବଳ ଡିଗ୍ରୀ ପାଇବା ପାଇଁ ନୁହେଁ, ବରଂ ଦକ୍ଷତା ବିକାଶ ପାଇଁ।

# ସୋଫା କିଣିବା ପୂର୍ବରୁ...



ଘରର ଇଣ୍ଟେରିୟର ଲୁକ୍ ପାଇଁ ବିଭିନ୍ନ ଡିଜାଇନ୍ର ସୋଫା ମିଳୁଛି। ତେବେ ଆପଣଙ୍କ ଘରର ଡିଜାଇନ ଓ ସାଇଜ ଅନୁସାରେ କେଉଁଭଳି ସୋଫା କିଣିବାକୁ ହେବ ସେ ସମ୍ପର୍କରେ କିଛି ଧାରଣା ରହିବା ଜରୁରୀ...

କିଣିବା ପୂର୍ବରୁ ଘରର ସ୍ଥାନ ପ୍ରତି ଧ୍ୟାନଦେବା ଜରୁରୀ। ଯଦି ଘରର ସାଇଜ ଅନୁସାରେ ସୋଫା ମ୍ୟାଚ୍ ନ କରେ ତେବେ ଘର ଛୋଟ ଲାଗିବ। ଇଣ୍ଟେରିୟର ଡେକୋର ପାଇଁ ଆପଣ ଲଗାଇଥିବା ପରଦା ଓ ଅନ୍ୟ ସାଜସଜ୍ଜା ସାମଗ୍ରୀକୁ ମ୍ୟାଚ କରିବା ଭଳି ସୋଫା କିଣନ୍ତୁ। ଏହା ଘରର ଲୁକ୍ ବଢ଼ାଇବ। ସହିତ ଆରାମକୁ ମଧ୍ୟ ଧ୍ୟାନଦେବାକୁ ହେବ। କାରଣ ଅଧିକ ସମୟ ବସିବା ପାଇଁ ଆରାମ ଅନୁଭବ ହେଉଥିବା ଭଳି ସୋଫା ନିଜ ଘର ପାଇଁ ବାଛନ୍ତୁ। ଏହା ସହିତ କ୍ୟୁସନର କ୍ୱାଲିଟି ପ୍ରତି ମଧ୍ୟ ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ। ଯେ ଘର ପାଇଁ ଯେଉଁ ସୋଫା କିଣାହୁଏ ତାହାକୁ ବର୍ଷ ବର୍ଷ ବ୍ୟବହାର କରାଯାଏ। ତେଣୁ ସେଫାର କ୍ୱାଲିଟି ଓ ତିଆରି କରାଯାଇଥିବା ମ୍ୟାଟେରିଆଲ ପ୍ରତି ଧ୍ୟାନ ଦିଅନ୍ତୁ। ଭଲ କ୍ୱାଲିଟିର ସୋଫାକୁ ବର୍ଷ ବର୍ଷ ଧରି ବ୍ୟବହାର କରିହୁଏ। ରକ୍ଷଣାବେକ୍ଷଣ ମଧ୍ୟ ବହୁତ ଜରୁରୀ। ତେଣୁ ଏଭଳି ସୋଫା କିଣନ୍ତୁ ଯାହାକୁ ଆପଣ ନିୟମିତ ବ୍ୟବଧାନରେ ସଫା କରିପାରିବେ। ଯଦି ସଫା କରିବା ନ ଜାଣି ସୋଫାକୁ ଘରକୁ ନେଇ ଆସିବେ ତେବେ ତାହା ଖରାପ ଦିଶିବ। ତେଣୁ କିଣିବା ସମୟରେ ଏନେଇ ପଚାରି ବୁଝନ୍ତୁ। ବଡ଼ କଥା ହେଉଛି ଆପଣ କେତେ ବଜେଟରେ ସୋଫା କିଣିବାକୁ ଚାହୁଁଛନ୍ତି ସେକଥା ଚିନ୍ତା କରନ୍ତୁ। ସେହି ଅନୁସାରେ ହିଁ କ୍ୱାଲିଟି ଆଉ କମ୍ଫର୍ଟ ଆଦି ସବୁ ଦିଗକୁ ଦେଖି ସୋଫା କିଣନ୍ତୁ।

# ତିରୁମାଲା ଗର୍ଭଗୃହରେ କାହିଁକି ନାହିଁ ଘଣ୍ଟି

ତିରୁମାଲାର ବିଶ୍ୱ ପ୍ରସିଦ୍ଧ ଭଗବାନ ଭେଙ୍କଟେଶ୍ୱର ସ୍ୱାମୀ (ବାଲାଜୀ) ମନ୍ଦିର । ଏହାର ମହିମା, ଚମତ୍କାର ଏବଂ ଅନନ୍ୟ ପରମ୍ପରା ପାଇଁ ସାରା ବିଶ୍ୱରେ ଜଣାଶୁଣା। ପ୍ରାୟ ପ୍ରତ୍ୟେକ ହିନ୍ଦୁ ମନ୍ଦିରର ଗର୍ଭଗୃହରେ ପୂଜା ଏବଂ ଆରତି ସମୟରେ ଛୋଟ ଘଣ୍ଟି ବାଜିଥାଏ, କିନ୍ତୁ ତିରୁମାଲାର ମୁଖ୍ୟ ଗର୍ଭଗୃହରେ ଏହା ହୁଏ ନାହିଁ। ଗର୍ଭଗୃହରେ ଘଣ୍ଟି ନ ଥିବା ବିଷୟକୁ ଭଗବାନଙ୍କ ଜଣେ ମହାନ ଭକ୍ତ ଏବଂ ଜଣେ ବୈଷ୍ଣବ ସନ୍ଥ ଶ୍ରୀ ବେଦାନ୍ତ ଦେଶିକାଙ୍କ ସହିତ ଜଡ଼ିତ ଏକ ସୁନ୍ଦର ଲୋକକଥା ଦ୍ୱାରା ବ୍ୟାଖ୍ୟା କରାଯାଇଛି। ଏହାର କାରଣ ମଧ୍ୟ ପ୍ରାଚୀନ ବୈଖାନସ ଆଗମ ଶାସ୍ତ୍ରର କଠୋର ନିୟମ। ଆସନ୍ତୁ ଏହି ରହସ୍ୟର ସମ୍ପୂର୍ଣ୍ଣ କାହାଣୀ ଜାଣିବା...



ପାରମ୍ପରିକ ବିଶ୍ୱାସ ଏବଂ ସ୍ଥାନୀୟ ଲୋକକଥା ଅନୁସାରେ, ତିରୁମାଲାର ଗର୍ଭଗୃହରେ ଘଣ୍ଟି ନ ଥିବା ବୈଷ୍ଣବ ପରମ୍ପରାର ଜଣେ ମହାନ ସନ୍ଥ ଶ୍ରୀ ବେଦାନ୍ତ ଦେଶିକାଙ୍କ ଜନ୍ମ ସହିତ ଜଡିତ। ପ୍ରାଚୀନ କାଳରେ, ଦ୍ରୋଥମ୍ବ ଏବଂ ଅନନ୍ତ ସୂର୍ଯ୍ୟ ନାମକ ଏକ ଧାର୍ମିକ ବିବାହିତ ଦମ୍ପତି ରହୁଥିଲେ। ୧୨ ବର୍ଷ ବିବାହ ପରେ ମଧ୍ୟ ସେମାନଙ୍କର କୌଣସି ସନ୍ତାନ ନ ଥିଲା। ସନ୍ତାନ ଇଚ୍ଛା କରି ସେମାନେ ତିରୁମାଲାରେ ଭଗବାନ ଭେଙ୍କଟେଶ୍ୱରଙ୍କୁ ଉତ୍ସାହର ସହିତ ପୂଜା କରୁଥିଲେ। ସେମାନଙ୍କର ଅଟଳ ଭକ୍ତିରେ ଖୁସି ହୋଇ, ଭଗବାନ ଭେଙ୍କଟେଶ୍ୱର ସ୍ୱାମୀ ଗୋଟିଏ ରାତିରେ ସ୍ୱପ୍ନରେ ସେମାନଙ୍କୁ ଦର୍ଶନ ଦେଲେ। ସେ ଦ୍ରୋଥମ୍ବଙ୍କୁ ତାଙ୍କ ହାତରେ ଏକ ଦିବ୍ୟ ଘଣ୍ଟି ଅର୍ପଣ କଲେ, ତାଙ୍କୁ ଗିଳିବାକୁ ଆଜ୍ଞା ଦେଲେ ଏବଂ ଏକ ମହାନ, ଦିବ୍ୟ ପୁତ୍ରର ଜନ୍ମର ଆଶୀର୍ବାଦ ଦେଲେ। ସକାଳେ ଉଠିବା ପରେ, ଦମ୍ପତି ଜାଣିଲେ ଯେ ସେମାନଙ୍କ ଉଭୟଙ୍କ ସ୍ୱପ୍ନ ସମାନ ଥିଲା।

ପରଦିନ ସକାଳେ ଯେତେବେଳେ ପୁରୋହିତମାନେ ଦ୍ୱାର ଖୋଲିଲେ, ଗର୍ଭଗୃହରେ ମୁଖ୍ୟ ଘଣ୍ଟିଟି ନିଖୋଜ ଥିଲା। ପ୍ରାରମ୍ଭରେ, ପୁରୋହିତମାନେ ଭାବିଲେ ଯେ ଦମ୍ପତି ଏହାକୁ ଚୋରି କରି ନେଇଛନ୍ତି। ତଥାପି, ପ୍ରଭୁ ଧ୍ୟାନସ୍ଥ ମୁଖ୍ୟ ପୁରୋହିତଙ୍କୁ ଦର୍ଶନ ଦେଲେ ଏବଂ ବୁଝାଇଲେ ଯେ ସେ ନିଜେ ଦ୍ରୋଥମ୍ବଙ୍କୁ ଘଣ୍ଟି ଦେଇଥିଲେ, ଏବଂ ସେହି ଦିବ୍ୟ ଘଟଣାରୁ ଜଣେ ମହାନ ପୁରୁଷ ଜନ୍ମଗ୍ରହଣ କରିବେ। ବିଶ୍ୱାସ କରାଯାଏ ଯେ, ଏହି ଘଟଣା ପରଠାରୁ, ତିରୁମାଲାର ଗର୍ଭଗୃହରେ କୌଣସି ଛୋଟ ଘଣ୍ଟି ରଖାଯାଇନାହିଁ।

ପ୍ରଭୁଙ୍କ ଆଦେଶ ଅନୁଯାୟୀ, ଦ୍ରୋଥମ୍ବ ଏବଂ ଅନନ୍ତ ସୂର୍ଯ୍ୟଙ୍କ ଔରସରୁ ବେଦାନ୍ତ ଦେଶିକା ନାମକ ଜଣେ ସନ୍ତାନ ଜନ୍ମଗ୍ରହଣ କରିଥିଲେ, ଯାହାଙ୍କୁ ଘଣ୍ଟିର ଅବତାର ଭାବରେ ବିବେଚନା କରାଯାଉଥିଲା।

ପିଲାଦିନରୁ, ଦେଶିକା ଅସାଧାରଣ ବୁଦ୍ଧିମତା ପ୍ରଦର୍ଶନ କରିଥିଲେ। ସେ ତାମିଲ ଏବଂ ସଂସ୍କୃତରେ ମହାନ ଗ୍ରନ୍ଥ ରଚନା କରିଥିଲେ। ଜଗଦଗୁରୁ ରାମାନୁଜାଚାର୍ଯ୍ୟଙ୍କ ପରେ, ତାଙ୍କୁ ବୈଷ୍ଣବ ପରମ୍ପରାକୁ ସୁଦୃଢ଼ କରୁଥିବା ସର୍ବଶ୍ରେଷ୍ଠ ସ୍ତମ୍ଭ ଭାବରେ ବିବେଚନା କରାଯାଇଥିଲା। ତାଙ୍କ ମାମୁଙ୍କ ନିର୍ଦ୍ଦେଶ ପାଳନ କରି, ଦେଶିକା ତାମିଲନାଡୁର ତିରୁବହିନ୍ଦ୍ରପୁରମର ଏକ ପାହାଡ଼ରେ ଗରୁଡ଼ ମନ୍ତ୍ର କଠୋର ଭାବରେ ଜପ କରିଥିଲେ। ଗରୁଡ଼ ଆବିର୍ଭୂତ ହୋଇ ତାଙ୍କୁ ଭଗବାନ ହୟଗ୍ରୀବ (ଜ୍ଞାନର ଦେବତା) ଏବଂ ମନ୍ତ୍ର ପ୍ରଦାନ କରିଥିଲେ। ହୟଗ୍ରୀବଙ୍କ ଆଶୀର୍ବାଦରେ, ସେ ତୁରନ୍ତ ୩୨ ଶ୍ଳୋକ ବିଶିଷ୍ଟ 'ହୟଗ୍ରୀବ ସ୍ତୁତି' ରଚନା କଲେ, ଯାହା ତାଙ୍କୁ 'କବିତାର୍କି କେଶରୀ' ଉପାଧି ପ୍ରଦାନ କଲା।

ସେ ଦେବୀ ଲକ୍ଷ୍ମୀଙ୍କ ପୂଜାରେ ଶ୍ରୀସ୍ତୁତି ପାଠ କରି ସ୍ୱର୍ଣ୍ଣମୁଦ୍ରା ବର୍ଷା କଲେ। ଯେତେବେଳେ ତାଙ୍କ ଶତ୍ରୁମାନେ ତାଙ୍କୁ ଗୋଟିଏ ରାତିରେ ହଜାର ଶ୍ଳୋକ ରଚନା କରିବାକୁ ଚ୍ୟାଲେଞ୍ଜ କଲେ, ସେ ପ୍ରଭାତ ହେବା ପୂର୍ବରୁ ପାଦୁକା ସହସ୍ରମ ରଚନା କଲେ। ଯେତେବେଳେ ତାଙ୍କ ଶତ୍ରୁମାନେ ତାଙ୍କ ଉପରେ ଏକ ବିଷାକ୍ତ ସାପ ଛାଡ଼ିଲେ, ସେ ଗରୁଡ଼ ଦଣ୍ଡକମ ପାଠ କଲେ, ଯାହା ଶୁଣି ଗରୁଡ଼ ପକ୍ଷୀ ଆସି ସାପକୁ ଉଠାଇ ନେଲେ। ଶ୍ରୀରଙ୍ଗମ ଉପରେ ମୋଗଲ ଆକ୍ରମଣ ସମୟରେ, ସେ ଶବ ଗଦା ତଳେ ଲୁଚି ପବିତ୍ର ବୈଷ୍ଣବ ସାହିତ୍ୟକୁ ସୁରକ୍ଷା ଦେଇଥିଲେ।

# ଘିଅର ଉପକାରିତା



ପ୍ରାଚୀନ କାଳରୁ ଘିଅକୁ ଏକ ପ୍ରମୁଖ ଔଷଧୀୟ ଗୁଣ ଭାବରେ ବ୍ୟବହାର କରାଯାଇ ଆସୁଛି । ଭାରତୀୟ ସଂସ୍କୃତିରେ ଘିଅକୁ ଅତ୍ୟନ୍ତ ପବିତ୍ର ବୋଲି ବିଶ୍ୱାସ କରାଯାଏ ଏବଂ ପ୍ରତ୍ୟେକ କ୍ଷେତ୍ରରେ ଏହାର ଏକ ଅବିଚ୍ଛେଦ୍ୟ ଭୂମିକା ରହିଛି । ଏହା ଆମ ସ୍ୱାସ୍ଥ୍ୟ ପାଇଁ କିପରି ଜରୁରୀ, ଆସନ୍ତୁ ଜାଣିବା..

**ପାଚନ ଠିକ୍ କରେ :** ଗୋଟିଏ ଚାମଚ ଘିଅ ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ସଠିକ ହୁଏ । ଘିଅରେ ଥିବା ବ୍ୟୁଟିରିକ ଏସିଡ୍ ଆଣ୍ଟି ଇନଫ୍ଲେମେଣ୍ଟାରୀ ଭାବେ କାର୍ଯ୍ୟ କରିଥାଏ । ଯାହା ଖାଦ୍ୟକୁ ଶିଘ୍ର ହଜମ କରିବାରେ ସାହାଯ୍ୟ କରେ ।

**ଓଜନ କମାଏ :** ସାଧାରଣତଃ ଆମେ ଭାବିଥାଉ ଘିଅ ଖାଇଲେ ଓଜନ ବଢ଼େ । କିନ୍ତୁ ଖାଲିପେଟରେ ଘିଅ ଖାଇବା ଦ୍ୱାରା ଓଜନକୁ ହ୍ରାସ ହୁଏ । ଏହାକୁ ନିୟମିତ ଭାବେ ଖାଇବା ଦ୍ୱାରା ଓଜନକୁ ନିୟନ୍ତ୍ରଣ କରାଯାଇପାରିବ । ଖାଲି ପେଟରେ ଏକ ଚାମଚ ଦେଶୀ ଘିଅ ଖାଇବା ଦ୍ୱାରା ମେଟାବୋଲିଜିମ୍ ବୃଦ୍ଧି ପାଏ । ଯାହା ଶରୀରର ଚର୍ବିକୁ ହ୍ରାସ କରିଥାଏ ।

**ତ୍ୱଚା ପାଇଁ ବେଷ୍ଟ :** ଘିଅରେ ଥିବା ଭିଟାମିନ୍ ସ୍କିନକୁ ପ୍ରାକୃତିକ ଭାବେ ଗ୍ଲୋଇଂ କରେ ଏବଂ କୁଞ୍ଚନ ସମସ୍ୟାରୁ ମୁକ୍ତି ଦେଇଥାଏ। ଯଦି ଆପଣ ଆପଣଙ୍କ ମୁହଁରେ ପ୍ରାକୃତିକ ଚମକ ପାଇବାକୁ ଚାହାଁନ୍ତି, ତେବେ ଏହି ଟ୍ରିକ୍ ଆପଣାନ୍ତୁ ।

**ହାଡ଼ ପାଇଁ ଲାଭକାରୀ :** ଘିଅକୁ ହାଡ଼ ପାଇଁ ମହୋଷଧି ଭାବେ ବିବେଚନା କରାଯାଏ । ଘିଅରେ ଓମେଗା ୩ ଫ୍ୟାଟି ଏସିଡ୍ ଥାଏ । ଯାହା ଅଷ୍ଟିଓ-ପୋରୋସିସ୍ ହେବାର ସମ୍ଭାବନାକୁ ମଧ୍ୟ କମ୍ କରିଥାଏ । ଘିଅରେ ଥିବା ଭିଟାମିନ୍ କ ହାଡ଼କୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ।

**କ୍ୟାନ୍ସର ଦୂର କରେ :** ଘିଅରେ ରହିଛି ଆଣ୍ଟି-କ୍ୟାନ୍ସର ଗୁଣ। ଯାହା ଆପଣଙ୍କ ଶରୀରରେ କ୍ୟାନସର କୋଷକୁ ବଢ଼ିବାରେ ରୋକିଥାଏ ।

# ଭିନେଗାର ସେବନର ଫାଇଦା



ଆପଲ ସାଇଡ଼ର ଭିନେଗାରକୁ ବିଭିନ୍ନ ଉପାୟରେ ଏହାକୁ ବ୍ୟବହାର କରାଯାଇପାରେ । ଏହା ଆପଣଙ୍କ ରୋଷେଇ ଘରଠାରୁ ନେଇ ଶରୀର ପାଇଁ ଏକ ପ୍ରାକୃତିକ ଔଷଧ ପରି ବିଭିନ୍ନ କାର୍ଯ୍ୟ କରିଥାଏ । ସାଧାରଣ ପାନୀୟ ଜଳରେ କିଛି ମାତ୍ରାରେ ଆପଲ ସାଇଡର ଭିନେଗାର ମିଶାଇ ପିଇବା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ଆପଲ୍ସାଇଡର ଭିନେଗାରକୁ ପ୍ରାକୃତିକ ଉପାୟରେ ତିଆରି କରାଯାଇଥାଏ । ଏହା ଏକ ପ୍ରାକୃତିକ ପ୍ରୋବାୟୋଟିକ ଭାବେ କାର୍ଯ୍ୟ କରିଥାଏ । ଆପଲ ସାଇଡ଼ର ଭିନେଗାର ଶରୀରର କ୍ଷତିକାରକ ବ୍ୟାକ୍ଟେରିଆ ଗୁଡ଼ିକୁ ସମାପ୍ତ କରିଥାଏ । ସେହିପରି ଶରୀରରେ ରକ୍ତଶର୍କରାର ମାତ୍ରା ନିୟନ୍ତ୍ରଣ ରଖିବାରେ ଆପଲ ସାଇଡ଼ର ଭିନେଗାର ବେଶ ସହାୟକ ହୋଇଥାଏ । ଡାଇବେଟିସ୍ ପୀଡିତ ହୁଅନ୍ତୁ କିମ୍ବା ସାଧାରଣ ମଣିଷ, ଶରୀରରେ ରକ୍ତ ଶର୍କରାର ସ୍ତର ନିୟନ୍ତ୍ରଣରେ ରଖିବା ଆବଶ୍ୟକ । ନଚେତ ରକ୍ତଶର୍କରା ସ୍ତର ବଢିଲେ, ଶରୀରରେ ବିଭିନ୍ନ ରୋଗ ବୈରାଗ୍ୟ ବୃଦ୍ଧି ପାଇଥାଏ । ଆପଲ ସାଇଡ଼ର ଭିନେଗାର ଶରୀରରେ ସଠିକ ଓଜନକୁ ନିୟନ୍ତ୍ରଣ କରିବାରେ ସହାୟତା କରିଥାଏ ବୋଲି ବିଭିନ୍ନ ଗବେଷଣାରୁ ପ୍ରକାଶ । ଏହାକୁ ସେବନ କରିଲେ କିଛି ସମୟ ପର୍ଯ୍ୟନ୍ତ ଆପଣଙ୍କୁ ଭୋକ ହୋଇନଥାଏ । ଏହା ଦ୍ୱାରା ଶରୀରର କ୍ୟାଲୋରୀର ମାତ୍ରା ମଧ୍ୟ କମ୍ ହୋଇଥାଏ । ଯାହା ଫଳରେ ଓଜନ ହ୍ରାସ ଘଟିଥାଏ । ଆପଲ ସାଇଡ଼ର ଭିନେଗାରର ବାଷ୍ପକୁ ଶୁଖିଲା ତ୍ୱଚା ଓ ଏକଜିମା ଭଳି ଚର୍ମ ରୋଗର ଉପଚାର ଭାବେ ବ୍ୟବହାର କରାଯାଇଥାଏ । ଆମର ତ୍ୱଚା ପ୍ରାକୃତିକ ଭାବେ ଅମ୍ଳୀୟ । ଏକଜିମାରେ ପୀଡିତ ରୋଗୀଙ୍କ ତ୍ୱଚାରେ ଅମ୍ଳ ସ୍ତର କମ୍ ରହିଥାଏ । ଏହାର ସମାଧାନ ପାଇଁ ଆପଲ ସାଇଡର ଭିନେଗାରକୁ ପାଣିରେ ମିଶାଇ ଏହାକୁ ତ୍ୱଚା ଉପରେ ଲଗାଯାଇଥାଏ । ଏହା ଆମ ଶରୀରର ପ୍ରାକୃତିକ ଚର୍ମକୁ ସଠିକ ରଖିଥାଏ । ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ସମାନ ହୋଇ ନଥାଏ । ତେଣୁ ପ୍ରଥମେ ଆପଣ ଏହାକୁ ପ୍ୟାଚ ଟେଷ୍ଟ କରି ହିଁ ବ୍ୟବହାର କରିବା ଉପଯୁକ୍ତ ଅଟେ ।

# ରିତିଙ୍କ ବ୍ୟବହାର ନେଇ ଖପ୍ପା ସଲମାନ୍



'ବିଗ୍ ବସ୍ ୨୦'ର 'ୱିକେଣ୍ଡ କା ୱାର୍' ଏପିସୋଡ୍ରେ ପ୍ରତିଯୋଗୀ ରିତି ତିୱାରୀଙ୍କ ବ୍ୟବହାରକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଅଭିନେତା ତଥା ଶୋ'ର ହୋଷ୍ଟ ସଲମାନ୍ ଖାନ୍। ଏହି ସମୟରେ ଫିଲ୍ମ ଜଗତରେ ପରିବାରବାଦ ବା ନେପୋଟିଜିମ୍ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ । ନିକଟରେ ଏକ ଟାସ୍କ ସମୟରେ ଉଦିତି ସିଂହ ଓ କାଜି ତୌକିରଙ୍କ ସହ ରିତିଙ୍କ ବିବାଦ ହୋଇଥିଲା। ଏହି ସମୟରେ ରିତି କିଛି ଅପଶବ୍ଦ ଓ ଅପମାନଜନକ କଥା କହିଥିବା ନେଇ ତାଙ୍କୁ ସମାଲୋଚନା କରାଯାଇଥିଲା। ଏହାକୁ ନେଇ ସଲମାନ ତାଙ୍କୁ ତାଙ୍କ ବ୍ୟବହାର ସମ୍ପର୍କରେ ପଚାରିଥିଲେ। ଆଲୋଚନାବେଳେ ରିତିଙ୍କ ପରିବାର ଓ ତାଙ୍କ ପରିଚୟ ପ୍ରସଙ୍ଗ ମଧ୍ୟ ସାମ୍ନାକୁ ଆସିଥିଲା। ରିତି ଅଭିନେତା-ରାଜନେତା ମନୋଜ ତିୱାରୀଙ୍କ ଝିଅ। ଫିଲ୍ମ ପରିବାରରୁ ଆସୁଥିବା ଲୋକଙ୍କୁ ଇଣ୍ଡଷ୍ଟ୍ରିରେ ପ୍ରବେଶ ପାଇଁ ପରିବାରର ପରିଚୟ କିଛି ସୁଯୋଗ ଦେଇପାରେ ବୋଲି ସଲମାନ ଆଲୋଚନା କରିଥିଲେ। ଏହି ପ୍ରସଙ୍ଗରେ ସଲମାନ ଅଜୟ ଦେବଗନ ଓ ହ୍ରିତିକ ରୋଶନଙ୍କ ଭଳି ଅଭିନେତାଙ୍କ ଉଦାହରଣ ଦେଇଥିଲେ। ତେବେ ପରିବାରର ପରିଚୟରୁ ସୁଯୋଗ ମିଳିବା ଏବଂ ନିଜ ପ୍ରତିଭା ଓ ପରିଶ୍ରମରେ ସଫଳତା ପାଇବା ଦୁଇଟି ଭିନ୍ନ କଥା ବୋଲି ସେ କହିଥିଲେ। ସଲମାନ ରିତିଙ୍କୁ କହିଥିଲେ ଯେ, 'ବିଗ୍ ବସ୍' ଘରେ ତାଙ୍କ ବ୍ୟବହାରକୁ ତାଙ୍କ ପରିବାରର ନାମ ଆଧାରରେ ନୁହେଁ, ବରଂ ତାଙ୍କ ନିଜ ବ୍ୟବହାର ଆଧାରରେ ଦେଖାଯିବ। ଏହା ପୂର୍ବରୁ ମଧ୍ୟ ସଲମାନ 'ବିଗ୍ ବସ୍'ରେ ଅନଲାଇନ୍ ଟ୍ରୋଲିଂ, ଶରୀରକୁ ନେଇ ମନ୍ତବ୍ୟ ଏବଂ ପାପାରାଜିଙ୍କ ବ୍ୟବହାର ଭଳି ପ୍ରସଙ୍ଗ ଉଠାଇଥିଲେ। ଫଳରେ ଚଳିତ ସିଜନ୍ର 'ୱିକେଣ୍ଡ କା ୱାର' ଏପିସୋଡ୍ରେ ପ୍ରତିଯୋଗୀଙ୍କ ବିବାଦ ସହ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟ ଚର୍ଚ୍ଚାକୁ ଆସୁଛି।



# ରାଜ୍ୟ ପ୍ରଜାତନ୍ତ୍ର



କଟକ

୦୩-୧୦-୨୦୨୬ ପୃଷ୍ଠା: ୩






କଟକ ସ୍ୱରାଜଆଶ୍ରମଠାରେ ଗାନ୍ଧୀଜୟନ୍ତୀ ଅବସରରେ କଟକ ସାଂସଦ ଡ. ଭର୍ତ୍ତୃହରି ମହତାବ ଓ ଅନ୍ୟାନ୍ୟ ଅତିଥିଗଣ

## ବୃହତ୍ ପାନୀୟ ଜଳଯୋଗାଣ ପ୍ରକଳ୍ପର ଶିଳାନ୍ୟାସ



ଚୌଦ୍ୱାର, (ପିପିଏସ୍) : ଚୌଦ୍ୱାର ପୌରପାଳିକା ୧୯ ନମ୍ବର ୱାର୍ଡ଼ ଅନ୍ତର୍ଗତ । ହାଉସିଂବୋର୍ଡ଼ କଲୋନୀ( ଫେଜ୍-୨ )ରେ ଏକ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ବରିଷ୍ଠ ନାଗରିକ କ୍ଲବ୍ ଓ ବିରାଟ କ୍ଲବ୍ ସମ୍ମୁଖ ପାର୍କ ପଡ଼ିଆରେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ ଏହି ପ୍ରକଳ୍ପର ଶିଳାନ୍ୟାସ ଉତ୍ସବରେ କଟକ ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ୫ କୋଟି ୬୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୨୫ ମିଟର ଉଚ୍ଚତା ବିଶିଷ୍ଟ ୧୦ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ଏହି ଜଳଯୋଗାଣ ଓଭରହେଡ଼ ଟ୍ୟାଙ୍କ ଅଞ୍ଚଳରେ ପାନୀୟ ଜଳ ଯେଗାଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ଜନସାଧାରଣଙ୍କ ପାନୀୟ ଜଳ ସମସ୍ୟା ସମାଧାନ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ପୌରଉପାଧ୍ୟକ୍ଷ ତଥା ସ୍ଥାନୀୟ କାଉନସିଲର ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର- କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଜନସ୍ୱାସ୍ଥ୍ୟ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବିକାଶ ପତି, ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ସହକାରୀ ଯନ୍ତ୍ରୀ ରୂପେଶ ଦାସ, ଏସ୍‌ଡ଼ିଓ ଦୀପଙ୍କର ଜେନା, ଜେଇ ପ୍ରିୟଦର୍ଶିନୀ ଶତପଥୀ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ଜନସ୍ୱାସ୍ଥ୍ୟ ଉପଖଣ୍ଡ ଚାରବାଟିଆର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଳବାୟୁ ଅନୁକୂଳ କାର୍ଯ୍ୟକ୍ରମର ନେତୃତ୍ୱ ନିଅନ୍ତୁ ଯୁବପିଢ଼ି: ରାଜ୍ୟପାଳ



ଭୁବନେଶ୍ୱର,(ପିପିଏସ୍): ଆର୍ଥିକ ବିକାଶ ଓ ପରିବେଶ ସୁରକ୍ଷା ପରସ୍ପର ପରିପୂରକ ହେବା ଆବଶ୍ୟକ। ଏଥିପାଇଁ ସ୍ୱଚ୍ଛ, ସ୍ମାର୍ଟ ଓ ଜଳବାୟୁ-ସହନଶୀଳ ବିକାଶ ମଡେଲ ଆପଣାଇବାକୁ ପଡ଼ିବ ବୋଲି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି।

ଶୁକ୍ରବାର ଉତ୍କଳ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ସମ୍ବାଦ ଗ୍ରୁପ୍ ପକ୍ଷରୁ ଆୟୋଜିତ ତୃତୀୟ 'ଆର୍ଥ ଏଗେନ୍ କନକ୍ଲେଭ୍-୨୦୨୬'ରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଆଉ ଦୂର ଭବିଷ୍ୟତର ଚେତାବନୀ ହୋଇ ରହିନାହିଁ। ଅନିୟମିତ ବର୍ଷା, ବଢୁଥିବା ତାପମାତ୍ରା ଓ ଅନିୟମିତ ପାଣିପାଗ ଘଟଣା ଏବେ କୃଷି, ଜଳସମ୍ପଦ, ସ୍ୱାସ୍ଥ୍ୟ ଓ ଜୀବିକାକୁ ପ୍ରଭାବିତ କରୁଛି।

'ଜେନ୍ ସି-ଜେନେରେସନ୍ କ୍ଲାଇମେଟ୍' ବିଷୟବସ୍ତୁ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ଜଳବାୟୁ ଅନୁକୂଳ କାର୍ଯ୍ୟକ୍ରମର ଦୂତ ହେବା ସହ ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ ଅଭ୍ୟାସ ଆପଣାଇବାକୁ ସେ ଆହ୍ୱାନ ଦେଇଥିଲେ।

ରାଜ୍ୟପାଳ କହିଥିଲେ ଯେ ଜଳବାୟୁ ପରିବର୍ତ୍ତନ ରୋକିବା କେବଳ କୌଣସି ଗୋଟିଏ ଅନୁଷ୍ଠାନ କିମ୍ବା ସମାଜର ଗୋଟିଏ ବର୍ଗର ଦାୟିତ୍ୱ ନୁହେଁ। ଏହା ସମସ୍ତଙ୍କର ମିଳିତ ଦାୟିତ୍ୱ। ସରକାର, ଶିକ୍ଷାନୁଷ୍ଠାନ, ଶିଳ୍ପ, ଗଣମାଧ୍ୟମ ଓ ସାଧାରଣ ନାଗରିକଙ୍କ ମିଳିତ ପ୍ରୟାସ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଶିଳ୍ପ କ୍ଷେତ୍ର ନିଯୁକ୍ତି, ଜୀବିକା ଓ ଆର୍ଥିକ ବିକାଶ ପାଇଁ ଅତ୍ୟାବଶ୍ୟକ ବୋଲି ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ପରିବେଶ ପ୍ରତି ଅଧିକ ଦାୟିତ୍ୱଶୀଳ ହୋଇ ବିକାଶକୁ ଆଗେଇ ନେବା ଦରକାର। ପ୍ରଦୂଷଣ ହ୍ରାସ, ଶକ୍ତି ଓ ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁ ହ୍ରାସ ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା କରୁଥିବା ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ପାଇଁ ସେ ଆହ୍ୱାନ ଦେଇଥିଲେ।

ଯୁବପିଢ଼ିଙ୍କୁ ବୈଦ୍ୟୁତିକ ଯାନ ଓ ସ୍ୱଚ୍ଛ ପରିବହନ ବ୍ୟବସ୍ଥା ଆପଣାଇବାକୁ ପରାମର୍ଶ ଦେଇ ଲୋକ ଭବନରେ ସ୍ଥାପିତ ୬୩୫ କିଲୋୱାଟ୍ ର ସୌର ବିଦ୍ୟୁତ୍ କେନ୍ଦ୍ର ସମ୍ପର୍କରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ। ରାଜ୍ୟପାଳଙ୍କ କାରକେଡ୍ ରେ ମଧ୍ୟ ବୈଦ୍ୟୁତିକ ଯାନ ବ୍ୟବହାର ଆରମ୍ଭ ହୋଇଥିବା ସେ କହିଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ସୌର ଶକ୍ତି ୟୁନିଟ୍ ସ୍ଥାପନ, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଅତିକମରେ ଏକ ବର୍ଷ ପାଇଁ ମାଗଣାରେ ଇଲେକ୍ଟ୍ରିକ୍ ଯାନ ଚାର୍ଜିଂ ସୁବିଧା ଦେବା ଏବଂ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ରେସ୍କୋ ମଡେଲକୁ ପ୍ରୋତ୍ସାହିତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ।

ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟକୁ 'ଗ୍ରୀନ୍ ସାର୍ଟିଫିକେସନ୍' ହାସଲ କରିବାକୁ ଆହ୍ୱାନ ଦେବା ସହ "ପ୍ରତ୍ୟେକ ବ୍ୟକ୍ତି ଗଛଟିଏ ଲଗାଇବା" ନୀତିରେ ବର୍ଷସାରା ବୃକ୍ଷରୋପଣ କରିବାକୁ ଯୁବପିଢ଼ିଙ୍କୁ ରାଜ୍ୟପାଳ କହିଥିଲେ। ଲୋକ ଭବନର ଆଇଜିବିସି ଗ୍ରୀନ୍ ସାର୍ଟିଫିକେସନ୍, ସବୁଜିମା ବୃଦ୍ଧି, ପଶୁପକ୍ଷୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ଏବଂ ଜଳ ସଂରକ୍ଷଣ ପାଇଁ ଜଳ ଅମଳ ପ୍ରକଳ୍ପ ଭଳି ପଦକ୍ଷେପର ଉଦାହରଣ ଦେଇଥିଲେ। ସୌର ଶକ୍ତି, ବୈଦ୍ୟୁତିକ ଯାନ, ଜଳ ସଂରକ୍ଷଣ ଓ ବର୍ଜ୍ୟବସ୍ତୁ ହ୍ରାସ ଭଳି ପଦକ୍ଷେପ ଦେଶର ଶକ୍ତି ସୁରକ୍ଷାକୁ ମଧ୍ୟ ମଜବୁତ କରିପାରିବ ବୋଲି ସେ କହିଥିଲେ। ଏହାଦ୍ୱାରା ଆମଦାନି ହେଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା କମିବା ସହ ବୈଦେଶିକ ମୁଦ୍ରା ସଂଚୟ ହୋଇପାରିବ।

## ଗାନ୍ଧୀଜୀ ଏବଂ ଶାସ୍ତ୍ରୀଜୀଙ୍କ ଜୀବନ ଓ ଆଦର୍ଶ ଆମ ସମସ୍ତଙ୍କୁ ରାଷ୍ଟ୍ରସେବା ପାଇଁ ପ୍ରେରଣା: ମନମୋହନ



ଭୁବନେଶ୍ୱର, ୦୨ ଅକ୍ଟୋବର (ହି.ସ) - ସତ୍ୟ, ଅହିଂସା, ସ୍ୱଚ୍ଛତା ଓ ମାନବୀୟ ମୂଲ୍ୟବୋଧର ମହାନ ପ୍ରବକ୍ତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଆମ ସମସ୍ତଙ୍କୁ ସଦା ପ୍ରେରଣା ଯୋଗାଇ ଆସୁଛି । ତାଙ୍କର ସରଳ ଜୀବନ, ଉଚ୍ଚ ଚିନ୍ତାଧାରା ଓ ରାଷ୍ଟ୍ର ପ୍ରତି ନିଷ୍ଠା ଆମ ସମସ୍ତଙ୍କୁ ସମାଜ ଓ ଦେଶର ହିତ ପାଇଁ ନିରନ୍ତର କରିବାର ପଥ ଦେଖାଇ ଆସୁଛି । ଗାନ୍ଧିଜୀଙ୍କ ଆଦର୍ଶକୁ ନିଜ ଜୀବନରେ ଅନୁସରଣ କରି ଏକ ସ୍ୱଚ୍ଛ, ସୁସ୍ଥ, ସମୃଦ୍ଧ ଓ ଆତ୍ମନିର୍ଭର ଭାରତ ଗଠନରେ ନିଜର ଯୋଗଦାନ ଦେବାକୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ଗାନ୍ଧୀ ଜୟନ୍ତୀ ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ ଦଳୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି ।

ସେହିପରି ସରଳତା, ସଚ୍ଚୋଟତା, ନିଷ୍ଠା ଓ ଦୃଢ ସଂକଳ୍ପର ପ୍ରତୀକ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ମହାନ ରାଷ୍ଟ୍ରନାୟକ ଶ୍ରୀ ଲାଲବାହାଦୁର ଶାସ୍ତ୍ରୀଜୀଙ୍କ ଜୀବନ ଓ ଆଦର୍ଶ ଆଜି ମଧ୍ୟ ଆମ ସମସ୍ତଙ୍କୁ ରାଷ୍ଟ୍ରସେବା ପାଇଁ ପ୍ରେରଣା ଯୋଗାଇ ଆସୁଛି । ଦେଶର ସୁରକ୍ଷା ପାଇଁ ଯବାନ ଓ ଦେଶର ଅନ୍ନଦାତା କୃଷକଙ୍କ ଅବଦାନକୁ ସମ୍ମାନ ଦେଇ ସେ ଦେଇଥିବା 'ଜୟ ଜବାନ, ଜୟ କିଷାନ'ର ମହାମନ୍ତ୍ର ସବୁ ଦିନ ପାଇଁ ଆମକୁ ଦେଶ ପ୍ରତି ଆମର କର୍ତବ୍ୟକୁ ମନେ ପକାଇବ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । ଶାସ୍ତ୍ରୀ ଜୟନ୍ତୀ ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ ଆଜି ଶାସ୍ତ୍ରୀନଗରଠାରେ ଥିବା ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି ।

## ପୂଜା ପୂର୍ବରୁ ଦିଆଯିବ ବନ୍ୟା କ୍ଷତିପୂରଣ



ଭୁବନେଶ୍ୱର, (ପିପିଏସ୍) - ପୂଜା ପୂର୍ବରୁ ୧୦ ତାରିଖ ସୁଦ୍ଧା ବନ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ସମୟ ପୂର୍ବରୁ କ୍ଷତିପୂରଣ ପ୍ରଦାନ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ୨୬୧ କୋଟି ପ୍ରଥମ ପର୍ଯ୍ୟାୟରେ କ୍ଷତିପୂରଣ ଦିଆଯାଇଛି। ଦକ୍ଷିଣ ଓଡ଼ିଶାକୁ ୨୦ କୋଟି ଟଙ୍କା ଦିଆଯାଇଛି। ଯେତେଶୀଘ୍ର ଚୂଡ଼ାନ୍ତ ରିପୋର୍ଟ ଆସିବ କ୍ଷତିପୂରଣ ଯୋଗାଇ ଦିଆଯିବ। ବନ୍ୟା ସମୟରେ ଅବହେଳା ପାଇଁ ଚାନ୍ଦବାଲି ବିଡିଓ ନିଲମ୍ବିତ ହୋଇଛନ୍ତି। ପ୍ରାକୃତିକ ବିପର୍ଯ୍ୟାୟ ବେଳେ ସରକାରୀ ଅଧିକାରୀଙ୍କ ଅବହେଳା ଅକ୍ଷମଣୀୟ।

## ପାରଳାଖେମୁଣ୍ଡି ସହରର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପ୍ରଦୀପ ପାଣିଗ୍ରାହୀ



ଭୁବନେଶ୍ୱର, (ପିପିଏସ୍): ଐତିହାସିକ ପାରଳାଖେମୁଣ୍ଡି ସହରର ସାମଗ୍ରିକ ବିକାଶ ଓ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ପତ୍ର ଲେଖି ଜରୁରୀ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ। ଚିଠିରେ ସେ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ୨୦୦ ବଖରା ବିଶିଷ୍ଟ ଆଧୁନିକ ମାର୍କେଟ କମ୍ପ୍ଲେକ୍ସର ତୁରନ୍ତ ମଞ୍ଜୁରୀ ଏବଂ ୧୧୧ ଜଣ ଉଠା ଦୋକାନୀଙ୍କୁ ପ୍ରାଥମିକତା ଭିତ୍ତିରେ ଥଇଥାନ, ୨୦୧୭-୧୮ରୁ ଅଟକି ରହିଥିବା ପାରଳାଖେମୁଣ୍ଡି ରିଙ୍ଗ ରୋଡ୍ (ଅଗ୍ନିଶମ କେନ୍ଦ୍ର ନିକଟରୁ ପ୍ରାୟ ୫ କିମି) ଏବଂ ବାଇପାସ୍ ରୋଡ୍ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ପୂର୍ତ୍ତ ବିଭାଗ ଓ ନଗର ଉନ୍ନୟନ ବିଭାଗ ମଧ୍ୟରେ ଉଚ୍ଚସ୍ତରୀୟ ସମନ୍ୱୟ, ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ରକ୍ଷା, ଜଳସେଚନ ଓ ପର୍ଯ୍ୟଟନ ପାଇଁ ରାମ ସାଗର, ସୀତା ସାଗର ଓ କୃଷ୍ଣ ସାଗରର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଦାବି କରିଛନ୍ତି । ଏହାସହିତ ଓଡ଼ିଶା ପ୍ରଦେଶ ଗଠନର କେନ୍ଦ୍ରବିନ୍ଦୁ ଥିବା ଐତିହାସିକ ଗଜପତି ରାଜପ୍ରାସାଦର ସଂରକ୍ଷଣ ଓ ସଦୁପଯୋଗ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇ ପାରଳାଖେମୁଣ୍ଡି ରେଳ ଷ୍ଟେସନକୁ 'ମହାରାଜା କୃଷ୍ଣଚନ୍ଦ୍ର ଗଜପତି ରେଳ ଷ୍ଟେସନ' ନାମରେ ନାମିତ କରିବାକୁ ସୁପାରିଶ ଓ ପୌରପାଳିକାରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ତୁରନ୍ତ ମ୍ୟୁନିସିପାଲିଟି ଇଞ୍ଜିନିୟର (ଏମଇ) ଏବଂ ଜୁନିୟର ଇଞ୍ଜିନିୟର (ଜେଇ) ନିଯୁକ୍ତି ପାଇଁ ଅନୁରୋଧ କରିଛନ୍ତି ।

## ଗାନ୍ଧିଦର୍ଶନ ସମସ୍ତଙ୍କ ଜୀବନର ଅଂଶବିଶେଷ ହେଉ: ମୁଖ୍ୟଅତିଥି



ଫୁଲନଖରା (ପିପିଏସ )ଗାନ୍ଧୀ ସ୍ମୃତି ପୀଠଠାରେ କଟକ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ ପାଳିତ ବର୍ଷକୁ ଅତି କମରେ ଦୁଇ ଥର ଖଦି ବସ୍ତ୍ର ବ୍ୟବହାର କରିବାକୁ ଆହ୍ୱାନ ଗାନ୍ଧିଦର୍ଶନ ସମସ୍ତଙ୍କ ଜୀବନର ଅଂଶବିଶେଷ ହେଉ । ଐତିହାସିକ ଗାନ୍ଧୀ ସ୍ମୃତିପୀଠ ତେଲେଙ୍ଗାପେଣ୍ଠଠାରେ ଆୟୋଜିତ କଟକ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ ଅବସରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କଟକ ଲୋକ-ସଭା ସାଂସଦ ଡଃ. ଭର୍ତ୍ତୃହରି ମହତାବ ଏହା କହିଛନ୍ତି। ଗାନ୍ଧୀଜୀଙ୍କ ଜୀବନାଦର୍ଶକୁ ଦୈନନ୍ଦିନ ଜୀବନରେ ଅନୁପାଳନ ହେବ ଗାନ୍ଧୀଜୀଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ଗାନ୍ଧିଜୀ କର୍ମ ଏବଂ କର୍ତ୍ତବ୍ୟ ପାଳନ ଉପରେ ବିଶ୍ୱାସ କରନ୍ତି କାରଣ ତାହା ନିଜକୁ ଆତ୍ମସନ୍ତୋଷ ପ୍ରଦାନ କରିବା ସହ ଅନ୍ୟମାନଙ୍କୁ ସନ୍ତୋଷ ପ୍ରଦାନ କରିଥାଏ । ଆମ ଦୈନନ୍ଦିନ ଜୀବନ ଶୈଳୀରେ ଖଦି ପରିଧାନ ଉପରେ ଗୁରୁତ୍ୱ ଦେଇ ବର୍ଷକୁ ଅତି କମରେ ଦୁଇ ଥର ଖଦି ବସ୍ତ୍ର କ୍ରୟ ତଥା ପରିଧାନ କରିବାକୁ ଶ୍ରୀ ମହତାବ ଆହ୍ୱାନ ଦେଇଛନ୍ତି । ସେହିପରି ଗାନ୍ଧିବାଦକୁ ନିଜ ଜୀବନରେ ଆପଣେଇବା, ପରିବେଶ ସୁରକ୍ଷିତ ରଖିବା, ସ୍ୱଚ୍ଛତାକୁ ଜୀବନର ମନ୍ତ୍ର ଭାବେ ଗ୍ରହଣ କରିବା ଆଦି ଉପରେ ଗୁରୁତ୍ୱଆରୋପ କରିବା ସହ ମହାତ୍ମାଗାନ୍ଧିଙ୍କ ଆଦର୍ଶକୁ ଆମେ ନିଜ ଜୀବନରେ ପାଳନ କରି ଦେଶର ପ୍ରଗତି ପଥରେ ସହାଭାଗୀ ହେବାକୁ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ କହିଛନ୍ତି । ଗାନ୍ଧୀ ସ୍ମୃତି ପୀଠର ଉନ୍ନତିକରଣ କରାଯାଇ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କ ଦ୍ୱାରା ଅରଟରେ ଲୁଗା ବୁଣା କାର୍ଯ୍ୟ କରାଯାଇ ସେହି ସ୍ଥାନକୁ ... କରାଯିବ ବୋଲି ସେ କହିଛନ୍ତି । ବିଧାୟକଙ୍କ ସମେତ କଟକ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ କିରଣ ଦୀପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦିବ୍ୟଲୋଚନ ମହାନ୍ତ , ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, କଟକ ମହାନଗର ନିଗମ ୫୯ନମ୍ବର ୱାର୍ଡ କର୍ପୋରେଟର ଶ୍ରୀମତୀ ମମତା ମହାନ୍ତି ତଥା ଅନ୍ୟାନ୍ୟ ଅଧିକାରୀ ଓ ବୁଦ୍ଧିଜୀବି ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହାପରେ ସର୍ବଧର୍ମ ପ୍ରଥନା ସଭାରେ କୃଷ୍ଣପ୍ରସାଦ ପାଢୀଙ୍କ ଦ୍ୱାରା ଗୀତା, ସନ୍ଦୀପ ନାୟକଙ୍କ ଦ୍ୱାରା ବାଇବେଲ ଓ ତାଜଉଦ୍ଦିନ ଖାନଙ୍କ ଦ୍ୱାରା କୋରାନ ପାଠ କରାଯିବା ସହିତ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧୀ ସ୍ମୃତି ପୀଠର ବରିଷ୍ଠ କାର୍ଯକର୍ତା ପୀତବାସ ମହାପାତ୍ର, ପ୍ରତାପ ରାଉତରାୟ, ନିହାର ରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ରହି ଗାନ୍ଧୀଜୀଙ୍କ ଓଡିଶା ଅଗମନର ସ୍ମୃତି ଏବଂ ଗାନ୍ଧୀଜୀଙ୍କ ଆଦର୍ଶ ଓ ବାଣୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଗାନ୍ଧୀ ଜୟନ୍ତୀ ଅବସରରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ମାନଙ୍କରେ ଆୟୋଜିତ ଓଡିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ରାମଧୁନ ପରିବେଷଣ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ କଟକ ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାକାର୍ଯ୍ୟକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୋନାଲୀ କୁଣ୍ଡ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲ୍ୟବିବାହ ନିରୋଧ ଓ କିଶୋରୀ ସଶକ୍ତୀକରଣ ବୈଠକ

ସମ୍ବଲପୁର : ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବାଲ୍ୟବିବାହ ନିରୋଧ ଓ କିଶୋରୀ ସଶକ୍ତି କରଣ ପାଇଁ ଜିଲ୍ଲା ଟାସ୍କ ଫୋର୍ସ ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଜାତି ଓ ଜନଜାତି ସମାଜର ସଭାପତି ସମ୍ପାଦକ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ, ହିଣ୍ଡାଲକୋ ପ୍ରତିନିଧି, ସିଡିପିଓ, ପାରାଲିଗାଲ କର୍ମୀ, ଜିଲ୍ଲା ଆଇନ ସେବା ପ୍ରାଧୀକରଣ ସଭ୍ୟ ସଭ୍ୟା ପ୍ରୋଗ୍ରାମ ଅଫିସର, ଜିଲ୍ଲା ସ୍ୱୟଂ ସହାୟକ ମହାସଂଘ ସମ୍ପାଦକ, ମାନେଶ୍ୱର ବୈଷୟିକ ଶିକ୍ଷା ଅନୁଷ୍ଠାନର ସଦସ୍ୟ ଓ ହବ୍‌ର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଂଯୁକ୍ତା ସାହୁ ପ୍ରାରମ୍ଭିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରେ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟକୁ ନେଇ ଜିଲ୍ଲାରୁ ସମ୍ପୂର୍ଣ୍ଣ ଭାବେ ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସଂଯୋଜିକା ଏଡଏଟ୍ ଆହ୍ୱାନ ସୁନିତା ତ୍ରିପାଠୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବାଲ୍ୟ ବିବାହ ଆଇନ ଓ ଜିଲ୍ଲାରେ ବାଲ୍ୟ ବିବାହର ସ୍ଥିତି ସମ୍ବନ୍ଧରେ ବିବରଣୀ ଉପସ୍ଥାପନ କରିଥିଲେ। ସହକାରୀ ଆରକ୍ଷୀ ଅଧିକାରୀ ଅନିଲ କୁମାର ପ୍ରଧାନ ବାଲ୍ୟ ବିବାହ ବନ୍ଦ କରିବା କ୍ଷେତ୍ରରେ ପୁଲିସର ଭୂମିକା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏଡିପିଏଚ୍‌ଓ ଡ. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ବାଲ୍ୟ ବିବାହକୁ ରୋକିବା ଦିଗରେ ସ୍ୱାସ୍ଥ୍ୟ ବିଭାଗର ଭୂମିକା ସମ୍ପର୍କରେ ମତ ରଖିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଜିଲ୍ଲାରେ ଅଧାରୁ ପାଠ ଛାଡିଥିବା ଶିଶୁ ମାନଙ୍କ ପାଇଁ ନିଆ ଯାଇଥିବା ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ । ଆଦର୍ଶ ଅନୁଷ୍ଠାନର ସମ୍ପାଦକ ପ୍ରଦୀପ ବେହେରା ଜିଲ୍ଲାରେ ବାଲ୍ୟ ବିବାହକୁ ବନ୍ଦ କରିବାରେ ସମସ୍ତଙ୍କ ଭୂମିକା ସମ୍ପର୍କରେ ମତ ରଖିଥିଲେ। ହିଣ୍ଡାଲକୋର ଉପଦେଷ୍ଟା ସୁକାନ୍ତ ମହାପାତ୍ର ବାଲ୍ୟ ବିବାହ ବନ୍ଦ ଉପରେ ସଚେତନତା ପାଇଁ ସେମାନଙ୍କର ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ମତ ରଖିଥିଲେ। ଓବିସି ମଂଚ ଜିଲ୍ଲା ଆବାହକ ସରୋଜ ସାହୁ ବାଲ୍ୟ ବିବାହ ବନ୍ଦ କରିବା ଓ ସଚେତନତା କରିବା ପାଇଁ ଜାତି ଓ ସମାଜର ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ମତ ରଖିଥିଲେ। ଜିଲ୍ଲା ମହାସଂଘ ସ୍ୱୟଂସହାୟକ ଦଳର ସମ୍ପାଦିକା କେତକୀ ବେହେରା ବାଲ୍ୟ ବିବାହ ରୋକିବା ପାଇଁ ସ୍ୱୟଂ ସହାୟକ ଦଳର ଭୂମିକା ସମ୍ପର୍କରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ଓ କିଶୋରୀ ସଶକ୍ତି କରଣରେ ସମସ୍ତେ ନିଜ ନିଜର ଦାୟିତ୍ୱ ନେବା ପାଇଁ ନିଷ୍ପତି ନେଇଥିଲେ । ଏହି କାର୍ଯ୍ୟକ୍ରମରେ ନାକଟିଦେଉଳ ବ୍ଲକର ୫୧ଟି ଗ୍ରାମକୁ ଓ ଜମନକିରା ବ୍ଲକର ୧୦୮ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଥିଲା । ପ୍ରୋଗ୍ରାମ ଅଫିସର କମ୍ ପ୍ରୋଟେକ୍ସନ୍ ଅଫିସର ସରିତା ଦାସ ଏହିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଛଟେଲାଲ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# କପ୍ତିପଦାରେ ସର୍ବାଧିକ ୧୬.୦ ମି.ମି. ବର୍ଷା

ମୟୁରଭଞ୍ଜ : ଗତ ୨୪ ଘଂଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି । ମୟୂରଭଞ୍ଜ ଜିଲ୍ଲାର କପ୍ତିପଦାରେ ସର୍ବାଧିକ ୧୬.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ଭଦ୍ରକ ଜିଲ୍ଲାର ବାସୁଦେବପୁରରେ ୧୫.୦ ମି.ମି., ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡିରେ ୯.୦ ମି.ମି., ବାଲେଶ୍ୱର ଜିଲ୍ଲାର ସୋରୋରେ ୩.୦ ମି.ମି., ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର(ପିଟିଓ)ରେ ୧.୦ ମି.ମି. ଏବଂ କେନ୍ଦୁଝର ଜିଲ୍ଲାର କେନ୍ଦୁଝରଗଡ଼ରେ ୦.୬ ମି.ମି. ବର୍ଷା ରେକର୍ଡ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଗୁରୁବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# 'ସମାଜର ମୂଳଦୁଆକୁ ମଜବୁତ କରିବାରେ ବରିଷ୍ଠ ନାଗରିକମାନଙ୍କ ଭୂମିକା ଅତୁଳନୀୟ'




## ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ

ବଲାଙ୍ଗୀର (ପିପିଏସ) : ସମାଜର ମୂଳଦୁଆକୁ ମଜବୁତ କରିବାରେ ଏବଂ ପ୍ରତ୍ୟେକ ପରିବାରକୁ ସଂସ୍କୃତି ଓ ସଂସ୍କରଣର ସୂତ୍ରରେ ବାନ୍ଧି ରଖିବାରେ ବରିଷ୍ଠ ନାଗରିକମାନଙ୍କ ଭୂମିକା ଅତୁଳନୀୟ । ଏହି ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତାକୁ ବ୍ୟାପକ କରିବା ଏବଂ ସେମାନଙ୍କର ଅଧିକାର ତଥା କଲ୍ୟାଣ ସୁନିଶ୍ଚିତ କରିବା ଦିଗରେ ବଲାଙ୍ଗୀର ସହରସ୍ଥିତ ସୁଦପଡ଼ା କଲ୍ୟାଣ ମଣ୍ଡପଠାରେ ଅତ୍ୟନ୍ତ ଭବ୍ୟ ଓ ଆନନ୍ଦଦାୟକ ପରିବେଶରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ, ୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ତଥା ସମାଜ ସୁରକ୍ଷା ଓ ସଶକ୍ତିକରଣ ବିଭାଗର ମିଳିତ ପ୍ରୟାସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକମାନେ ଯୋଗଦେଇ ଏହି ଦିବସକୁ ଏକ ଐତିହାସିକ ଉତ୍ସବରେ ପରିଣତ କରିଥିଲେ। ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ମଦନଜିତ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବଲାଙ୍ଗୀର ପୌରପରିଷଦର ଅଧ୍ୟକ୍ଷା ଶ୍ରୀମତି ଲିକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେ ନିଜର ବକ୍ତବ୍ୟରେ କହିଥିଲେ ଯେ, ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ଚଳନ୍ତି ଜ୍ଞାନକୋଷ, ଯାହାଙ୍କର ଅଭିଜ୍ଞତା ଓ ଜ୍ଞାନରୁ ଆଜିର ଯୁବପିଢ଼ି ପ୍ରେରଣା ପାଇବା ଉଚିତ୍ । ସେମାନଙ୍କ ସେବା ଓ ଯତ୍ନ ନେବା କେବଳ ଆଇନଗତ ଦାୟିତ୍ୱ ନୁହେଁ, ବରଂ ଏହା ପ୍ରତ୍ୟେକ ନାଗରିକଙ୍କର ନୈତିକ କର୍ତ୍ତବ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ପବିତ୍ରାନନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ଆଇନଗତ ସୁରକ୍ଷା, ରକ୍ଷଣାବେକ୍ଷଣ ଆଇନ ତଥା ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ହିତାଧି ଓ କଲ୍ୟାଣମୂଳକ ଯୋଜନାଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସଚେତନତା ଅଭାବରୁ ଯେପରି କୌଣସି ବରିଷ୍ଠ ନାଗରିକ ସେମାନଙ୍କ ହକ୍ ରୁ ବଞ୍ଚିତ ନ ହୁଅନ୍ତି, ସେ ସମ୍ପର୍କରେ ଦୃଢ଼ ଗୁରୁତ୍ୱାରୋପ କରିଥିଲେ। ସେହିପରି ବରିଷ୍ଠ ନାଗରିକ ସଂଘର ସଚିବ ଶ୍ରୀ ବସନ୍ତ ଆଚାର୍ଯ୍ୟ, ବିଶିଷ୍ଟ ବରିଷ୍ଠ ନାଗରିକ ଅଶୋକ ଚାନ୍ଦ, କପିଳେଶ୍ୱର ଖମାରୀ ଏବଂ ଖିରଦ୍ର ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ରହି ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ଦୈନନ୍ଦିନ ସମସ୍ୟା, ସ୍ୱାସ୍ଥ୍ୟସେବାର ଉନ୍ନତିକରଣ ଏବଂ ସାମାଜିକ ସୁରକ୍ଷା ପରିସରକୁ ଆହୁରି ବ୍ୟାପକ କରିବା ନେଇ ବାସ୍ତବଧର୍ମୀ ମତାମତ ରଖିଥିଲେ। ଅନ୍ୟପକ୍ଷରେ, ଏଏଲଆଇଏମ୍‌ସିଓ(ଏଲିମ୍‌କୋ) , ବଲାଙ୍ଗୀରଙ୍କ ପ୍ରତିନିଧି ସୁରେନ୍ଦ୍ର ଭୋଇ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସହାୟକ ଉପକରଣ, କୃତ୍ରିମ ଅଙ୍ଗ ଏବଂ ସେଗୁଡ଼ିକୁ ପାଇବାର ସହଜ ପ୍ରକ୍ରିୟା ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଦାୟିତ୍ୱ ଉପଖଣ୍ଡ ସମାଜ ସୁରକ୍ଷା ଅଧିକାରୀ ସସ୍ମିତା ହୋତା ଏବଂ ସୁମିତ୍ରା ଖରା ତୁଲାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ ।

# ଶିଶୁ ବିକାଶ କେନ୍ଦ୍ର ପକ୍ଷରୁ କ୍ରୀଡ଼ା ଉତ୍ସବ



ବଲାଙ୍ଗିର, (ପିପିଏସ୍) : ବଲାଙ୍ଗିର ର ଅଗ୍ରଣୀ ସାମାଜିକ ସ୍ୱେଚ୍ଛାସେବୀ ସଂଗଠନ ଶିଶୁ ବିକାଶ କେନ୍ଦ୍ର ର ୪୦ତମ କ୍ରୀଡା ଉତ୍ସବ ଶିଶୁ ବିକାଶ କେନ୍ଦ୍ର ଓ ସମାଜସେବୀ ସୋମନାଥ ମିଶ୍ର ସ୍ମୃତି ସମିତିର ମିଳିତ ସହଯୋଗରେ ଚୁଡାପାଲି ନିକଟସ୍ଥ ଭୁଣ୍ଡିମୁହାଣ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନ ଧରି କ୍ରୀଡା କାର୍ଯ୍ୟକ୍ରମ ହୋଇଥିଲା । ୧୪ ଗୋଟି ବିଭାଗରେ ଶହେ କୋଡିଏ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମ ଶିଶୁ ବିକାଶ କେନ୍ଦ୍ରର ସଭାପତି ମଦନ ମୋହନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୃସିଂହ ବରିହା ମୁଖ୍ୟ ଅତିଥି, ପୂଜ୍ୟପୂଜା ସେବା ସଂଗଠନର ସଭାପତି ତଥା ସୋମନାଥ ମିଶ୍ର ସ୍ମୃତି ସମିତିର ଆବାହକ କେଶବ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶିଶୁ ହୃଦୟ ସରଳ, ତରଳ ଓ ନରମ ଦାୟିତ୍ୱ ଏବଂ ଶିଶୁ ପ୍ରକୃତରେ କ୍ଷୁଦ୍ର ହୁଏ ସେ ବିରାଟ ସମୁଦ୍ର, ଏହି କଥା ହୃଦୟଙ୍ଗମ କରି କାମ କରିବାକୁ ଓ ପଲାମାନଙ୍କୁ ଗଢିବାକୁ ପରାମର୍ଶ ଦେଇଥିଲେ । ସଭା ଆରମ୍ଭରେ ଗଜାନନ ପୂଜା ହୋଇଥିଲା । ବେଦ ପଠନ କରିଥିଲେ ସନ୍ତୋଷିନୀ ନାଏକ ଓ ସ୍ୱାଗତ ସଂଗୀତ ଗାନ କରିଥିଲେ ମୁନମୁନ ମହାନନ୍ଦ, ପୂର୍ଣ୍ଣିମା ଗୁରୁ, ନନ୍ଦିନୀ ମହାନନ୍ଦ ଓ ଜାଗୃତି ବିଶି ଓ ପ୍ରିୟା ରଣା । ସଭାକୁ ପରିଚାଳନା କରିଥିଲେ ସଂପାଦକ ମଧୁ ସାହୁ ଓ ବାର୍ଷିକ କ୍ରୀଡା ବିବରଣ ପଠନ କରିଥିଲେ କ୍ରୀଡା ସଂପାଦକ ଧିରେନ୍ଦ୍ର ନାରାୟଣ ସିଂହଦେଓ । ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ କସ୍ତୁରୀ ରଥ । ଦୀପ୍ତିମୟୀ ମିଶ୍ର, ପ୍ରଶାନ୍ତ ଷଡଙ୍ଗୀ, ସୁନାଧର ବନଛୋର, ପ୍ରମୋଦ କୁମାର ରଣା, ବିଷ୍ଣୁପ୍ରିୟା ରାଉତ । ଶେଷରେ ଧନ୍ୟବାଦ ଦେଇଥିଲେ ସୁରେଶ କୁମାର ସାହୁ ।

# ରାଜସ୍ୱ ବିଭାଗ ସମୀକ୍ଷା ବୈଠକ

ନୂଆପଡା: ନୂଆପଡା ଜିଲ୍ଲାରେ ପ୍ରଥମ ଥର ପାଇଁ ମାସିକ ରାଜସ ବିଭାଗ ସମୀକ୍ଷା ବୈଠକ ବିବରଣୀ ଓଡ଼ିଆରେ ପ୍ରକାଶିତ ହୋଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ବୈଠକ ଆରମ୍ଭରେ ଜିଲ୍ଲାପାଳ ସମସ୍ତ ରାଜସ୍ୱ ଅଧିକାରୀଙ୍କୁ ସ୍ୱାଗତ କରି ରାଜସ୍ୱ ଆଦାୟର ଗୁରୁ ଦାୟିତ୍ୱ ସମ୍ବନ୍ଧରେ ଚେତାଇ ଦେଇଥିଲେ। ରାଜସ୍ୱ ମାମଲା ସବୁ ତୁରନ୍ତ ଫୈସଲା କରିବା, ବେଆଇନ ଇଟାଭାଟି ସବୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ କ୍ଷ ରାଜସ୍ୱ ବିଭାଗ ଜନସାଧାରଣଙ୍କ ନିକଟରେ ପହଂଚିବା ପାଇଁ' ଗାଁ ରେ ରାଜସ୍ୱ ପ୍ରଶାସନ' କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ କହିଥିଲେ। ସେ ରାଜସ୍ୱ ଅଧିକାରୀମାନଙ୍କୁ କଠିନ ପରିଶ୍ରମ କରି ଜନସାଧାରଣଙ୍କ ଆସ୍ଥାଭାଜନ ହେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ପାର୍ଚ୍ଚା ର କଲମ ୨ ସଂଶୋଧନ, ବସୁନ୍ଧରା ଯୋଜନା, ଏନଫୋର୍ସମେଂଟ, ସିଟି ଏବଂ ଜିଏସଟି, ଅବକାରୀ,ପରିବହନ, ମାଇନିଂ ସମେତ ଅନ୍ୟ ରାଜସ୍ୱ ସମ୍ପର୍କିତ ବିଷୟଗୁଡିକର ସମୀକ୍ଷା କରିଥିଲେ। ବୈଠକ ପରେ ଏହି ବୈଠକର ବିବରଣୀ ପ୍ରଥମ ଥର ପାଇଁ ଓଡ଼ିଆରେ ପ୍ରକାଶିତ ହୋଇଛି । ଜିଲ୍ଲାପାଳ ଏଥିରେ ଖୁସି ବ୍ୟକ୍ତ କରି ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ଚିଠିପତ୍ର ଓ ବିବରଣୀ ଓଡିଆରେ ଲିପିବଦ୍ଧ କରିବା ପାଇଁ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି ।

# ଫୁଲବାଣୀରେ ଜିଲ୍ଲାସ୍ତରୀୟ ଦିଶା ଅଧିବେଶନ

କନ୍ଧମାଳ: ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ(ପଂଚାୟତ ଭବନ, ଫୁଲବାଣୀ) ଠାରେ ଅଧ୍ୟକ୍ଷ, ଦିଶା ଅଧିବେଶନ, କନ୍ଧମାଳ ତଥା ଲୋକସଭା ସଦସ୍ୟ, କନ୍ଧମାଳ ସୁଶାନ୍ତ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଦ୍ୱିତୀୟ ଦିଶା ଅଧିବେଶନ ଆୟୋଜିତ ହୋଇଯାଇଛି । ସାଂସଦ ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ ଏହି ଦିଶା ବୈଠକ କନ୍ଧମାଳ ଜିଲ୍ଲାର ଉନ୍ନତି ଓ ପ୍ରଗତି ପାଇଁ ଦିଶା ଦେଖାଇବ । ବିଧାୟକ ଫୁଲବାଣୀ ଉମାଚରଣ ମଲ୍ଲିକ, ବିଧାୟକ, ବାଲିଗୁଡ଼ା ଚକ୍ରମଣି କହଁର, ବିଧାୟକ, ଜି ଉଦୟଗିରି ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଜିଲ୍ଲାପାଳ କନ୍ଧମାଳ ବେଦଭୂଷଣ, ଅଧ୍ୟକ୍ଷା, ଜିଲ୍ଲା ପରିଷଦ, କନ୍ଧମାଳ ନନ୍ଦିନୀ ମଲ୍ଲିକ ଜିଲ୍ଲାର ବିଭିନ୍ନ ବିଭାଗର ଯେପରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଜଳସେଚନ, ଜଙ୍ଗଲ ଓ ସାମାଜିକ ସୁରକ୍ଷା ଇତ୍ୟାଦିର ଲୋକ କଲ୍ୟାଣ ଯୋଜନା ଗୁଡ଼ିକର ସମୀକ୍ଷା କରିବା ସହିତ ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର ଉପରେ ଆଲୋଚନା କରିଥିଲେ ଏବଂ ତତ୍ପରତାର ସହିତ କାମକରି ଯୋଜନାକୁ ଲୋକଙ୍କ ପାଖରେ ପହଂଚାଇବା ନିମନ୍ତେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ କନ୍ଧମାଳ ଶ୍ରୀ ବେଦଭୂଷଣ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ(ପ୍ରଶାସନ), ଜିଲ୍ଲା ପରିଷଦ, କନ୍ଧମାଳ ନରେନ୍ଦ୍ର ନାୟକ, ଅଧ୍ୟକ୍ଷା, ବିଜ୍ଞାପିତ ଅଂଚଳ ପରିଷଦ, ଘୁ. ଉଦୟଗିରି, ଅଧ୍ୟକ୍ଷା, ବିଜ୍ଞାପିତ ଅଂଚଳ ପରିଷଦ, ବାଲିଗୁଡା, କନ୍ଧମାଳ ଜିଲ୍ଲାର ସମସ୍ତ ୧୨ ଗୋଟି ପଂଚାୟତ ସମିତିର ଅଧ୍ୟକ୍ଷା/ଅଧ୍ୟକ୍ଷ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଉପଖଣ୍ଡ ସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଜାତୀୟ ସେବା ସଂସ୍ଥାର ଆଭିମୁଖ୍ୟ ସମ୍ପର୍କିତ କର୍ମଶାଳା

ଝାରସୁଗୁଡ଼ା : ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଝାରସୁଗୁଡ଼ାର ଯୁକ୍ତଦୁଇ ଉଭୟ ବାଳକ ଓ ବାଳିକା ଜାତୀୟ ସେବା ସଂସ୍ଥାର ଆନୁଷ୍ଠାନିକ ଉଦଘାଟନ ସହିତ ଜାତୀୟ ସେବା ସଂସ୍ଥାର ଆଭିମୁଖ୍ୟ ଉପରେ ଏକ ଦିବସୀୟ କର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଅଧ୍ୟାପିକା ସ୍ୱାଗତିକା ବାରିକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁକ୍ତଦୁଇ ଜାତୀୟ ସେବା ସଂସ୍ଥାର ସଂଯୋଜକ ଅଧ୍ୟାପକ ହିମାଂଶୁ ଶେଖର ମହାକୁର ସ୍ୱାଗତ ସମ୍ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଜିଲ୍ଲା ସଂଯୋଜକ ଡ. ଲାଲଧାରୀ ସିଂ ଜାତୀୟ ସେବା ସଂସ୍ଥାର ଆଭିମୁଖ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ପ୍ରାଧ୍ୟାପକ ତପନ କୁମାର ବାରିକ ବୃକ୍ଷ ରୋପଣ ଓ ପରିବେଶ ସୁରକ୍ଷା ଉପରେ ଛାତ୍ର ଛାତ୍ରୀମାନଙ୍କୁ ଉତବୋଧନ ଦେଇଥିବା ବେଳେ ଅଧ୍ୟାପିକା ଡ. ବିଶାଖା ସାଙ୍ଗଣିଆଁ ଯୁବ ସମାଜର କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। କର୍ମଶାଳା ପ୍ରାରମ୍ଭରେ ଆଜି ଦିନରେ ଫୁଲବାମା ଆତଙ୍କବାଦୀ ଆକ୍ରମଣରେ ସହିଦ ହୋଇଥିବା ସୈନିକମାନଙ୍କ ସମ୍ମାନ ପ୍ରତି ଗୋଟିଏ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ପ୍ରାଧ୍ୟାପିକା ଗୀତାରାଣୀ ଦୀକ୍ଷିତ, ପ୍ରାଧ୍ୟାପକ ବ୍ରଜେଶ କୁମାର ସାହୁ, ଅଧ୍ୟାପକ ଡ. ମନୀଷ କୁମାର ଦ୍ୱିବେଦୀ ଓ ଛାତ୍ରଛାତ୍ରୀ ମାନେ ଯୋଗଦେଇ ଜାତୀୟ ସେବା ସଂସ୍ଥାର ମହତ୍ୱ ଉପରେ ଆଲୋଚନା କରିଥଲେ। ଶେଷରେ ଅଧ୍ୟାପିକା ପରିସୀମା ଭୋଇ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଆଇନ ସଚେତନତା ଶିବିର

ପୁରୀ: ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ ଅନୁଯାୟୀ ହୋପ ଇଜ ଲାଇଫ ଚାରିଟେବୁଲ ଟ୍ରଷ୍ଟ, ବେଲଦଳ, ପୁରୀ ଠାରେ ଆଇନ ସେବା ପ୍ରାଧିକରଣ ତରଫରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଆଜିର ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଉଦ୍ଘାଟନ କରିବା ସହ ନିଜ ବକ୍ତବ୍ୟରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ରହିଥିବା ଆଇନ ସହାୟତା ବ୍ୟବସ୍ଥା ଉପରେ ଆଲୋଚନା କରିବା ସହ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କ'ଣ ଏବଂ ଆଇନ ସେବା ପାଇବା ପାଇଁ କେଉଁ କେଉଁମାନେ ଯୋଗ୍ୟ, ସେହି ବିଷୟରେ ଆଲୋଚନା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅନୁଷ୍ଠାନର ଅନ୍ତେବାସୀ ଏବଂ ସେଠାକାର ଉପସ୍ଥିତ କର୍ମକର୍ତ୍ତା ମାନଙ୍କୁ ଆଇନ ସେବା ପ୍ରାଧିକରଣ ତରଫରୁ ଟିଫିନ ବଂଟାଯାଇଥିଲା ଏବଂ ପରିଶେଷରେ ସେମାନଙ୍କୁ ପ୍ରାଧିକରଣ ତରଫରୁ ଧନ୍ୟବାଦ ଅର୍ପଣ ସହ ଆଇନ ସେବାର ଉପଯୋଗୀତା ଓ ଉପଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ସହ ଏହା କିପରି ଜନସାଧାରଣଙ୍କ ଉପଯୋଗୀ ହୋଇପାରିବ ଏଥିପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପ୍ରାଧିକାରଣର କର୍ମଚାରୀମାନେ ସହଯୋଗ କରିଥିଲେ ।

# ଚିକିତ୍ସାଳୟକୁ ବ୍ୟାଟେରୀ ଆମ୍ବୁଲାନ୍ସ ପ୍ରଦାନ

ଜୟପୁର: ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଗର୍ଭବତୀ ମହିଳା ଓ ବରିଷ୍ଠ ନାଗରିକ ମାନେ ସୁବିଧାରେ ଯାତାୟତ କରିବା ନିମନ୍ତେ ସ୍ୱେଚ୍ଛାସେବୀ ସଞ୍ଜୟ କୁମାରେ ଜୈନଙ୍କ ପକ୍ଷରୁ ଜିଲ୍ଲା ଚିକିତ୍ସାଳୟକୁ ଏକ ବ୍ୟାଟେରୀ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଉପଜିଲ୍ଲାପାଳ ଏ.ସସ୍ୟାରେଡ୍ଡୀ ଉପସ୍ଥିତ ରହି ଆନୁଷ୍ଠାନିକ ଉଦଘାଟନ କରି ଲୋକଙ୍କ ନିମନ୍ତେ ସମର୍ପଣ କରିଥିଲେ। ଏହି ବ୍ୟାଟେରି ଆମ୍ବୁଲାନ୍ସରେ ଜଣେ ରୋଗୀଙ୍କ ସହ ଅନ୍ୟ ୩ ଜଣ ସହଯୋଗୀ ବସି ଯାତାୟତ କରିପାରିବେ। ଜିଲ୍ଲା ଚିକିତ୍ସାଳୟରେ ବିଭିନ୍ନ ବିଭାଗ ଗୁଡିକୁ ଦୂର ଦୂରରେ ରହିଥିବା ଯୋଗୁଁ ରୋଗୀଙ୍କୁ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ସଞ୍ଜୟ କୁମାର ଜୈନ ନିଜ ସ୍ୱର୍ଗତ ଦୁଇ ଭାଇ ଜୟ କୁମାର ଜୈନ ଓ ବିଜୟ କୁମାର ଜୈନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଗାଡିଟି ସମର୍ପଣ କରିଛନ୍ତି। ନିଶୁଳ୍କ ଭାବେ ଏହି ଗାଡି ସେବା ପ୍ରଦାନ କରାଯିବ ବୋଲି ସଞ୍ଜୟ ଜୈନ ପ୍ରକାଶ କରିଛନ୍ତି । ଏହି ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ, ସିଡିଏମଓ ରବିନ୍ଦ୍ର ନାଥ ମିଶ୍ର, ଡିଏମଓ ଦିଲ୍ଲିପ କୁମାର ବିଶ୍ୱାଳ, ମ୍ୟାନେଜର ରୁପସୀ ନାୟକ, ଉମାଶଙ୍କର ଆଚାରୀ, ଡା.ବାଲି ଜୟବାବୁ ପ୍ରମୁଖ ଉପସ୍ଥିତ ଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଚମ୍ପୁଆ : ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । ଚମ୍ପୁଆ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରାବଣୀ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ବ୍ଲକ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାଏକ ଯୋଗଦେଇ ଉଦଘାଟନ କରିଥିବାବେଳେ ସମ୍ମାନୀତ ଅତିଥି ଭାବେ ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, କେନ୍ଦୁଝର ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂ, ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସରିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଭିନ୍ନକ୍ଷମ ପାଇଁ ସରକାର କରୁଥିବା ବିଭିନ୍ନ ଯୋଜନାର ଲାଭ ପ୍ରଦାନ ସହ ସରକାରୀ ସୁବିଧାରୁ ବଂଚିତ ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ସହାୟତା ଯୋଗାଇବା ନେଇ ଶିବିର ଆୟୋଜନର ଲକ୍ଷ୍ୟ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ଶିବିରରେ ଚମ୍ପୁଆ ବ୍ଲକର ୨୨ ଗୋଟି ଗ୍ରାମପଂଚାୟତ ଓ ଚମ୍ପୁଆ ଏନଏସି ରୁ ୧୯୬ ଜଣ ଭିନ୍ନକ୍ଷମ ନାମ ପଞ୍ଜିକରଣ କରିଥିଲେ । ସେଥି ମଧ୍ୟରୁ ୧୪୩ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଶ୍ରବଣ ବାଧିତ ବିଶେଷଜ୍ଞ ଡା. ଅନୀତା ମଞ୍ଜରୀ ଜେନା, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ତନ୍ମୟ ମଲ୍ଲିକ, ମାନସିକ ଅନଗ୍ରସର ବିଶେଷଜ୍ଞ ଡା. ନିହାର ରଞ୍ଜନ ରଥ, ଚକ୍ଷୁ ବିଶେଷଜ୍ଞ ଡା. ରଶ୍ମିରଞ୍ଜନ ଭଞ୍ଜ , ଟେକ୍ନିସିଆନ ମାନସ ରଞ୍ଜନ ମହାନ୍ତ ଯୋଗ ଦେଇ ଭିନ୍ନକ୍ଷମ ମାନଙ୍କୁ ପରୀକ୍ଷା କରି ଚିହ୍ନଟ କରିଥିଲେ । ୪ ଜଣ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ହ୍ୱିଲଚେୟାର ପ୍ରଦାନ କରାଯିବା ସହ ୧୨ ଜଣଙ୍କୁ ବସ ପାସ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ନାଏକ, ବିଏସଏସଓ ଶିବାନୀ ମାରାଣ୍ଡି, କାର୍ଯ୍ୟକାରୀ ସହାୟକ ଦୀପଙ୍କର ଦାଶ, ଯାନ୍ତ୍ରୀକ ପରିଚାଳକ ଶୁଭଙ୍କର ପାତ୍ର ଓ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟକ୍ରମ ସହାୟକ ହରେକୃଷ୍ଣ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ ପାଳିତ

ଜୟପୁର: ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଆଜି ପାଳିତ ହୋଇଯାଇଛି । ପ୍ରଥମେ, ନର୍ସିଙ୍ଗ, ଫାର୍ମାସି ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଜିଲ୍ଲା ଚିକିତ୍ସାଳୟର ପରିସରରେ ଅନୁଷ୍ଠିତ ହୋଇଥିଲା । ଏହାକୁ ରକ୍ତଭଣ୍ଡାର ଅଧିକାରୀ ଡ.ସୂର୍ଯ୍ୟ ଶେଖର ମିଶ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ରକ୍ତଭଣ୍ଡାରର ସମସ୍ତ କର୍ମଚାରି ଉପସ୍ଥିତ ଥିଲେ। ପରେ ସମସ୍ତ ରକ୍ତଦାତା, ପ୍ରବର୍ତ୍ତକ, ବିଭିନ୍ନ ଅନୁଷ୍ଠାନ, ନର୍ସିଙ୍ଗ, ଫାର୍ମାସି ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଡ. ଦୁର୍ଗା ପାତ୍ର, ଡ. ସୂର୍ଯ୍ୟ . ଶେଖର ମିଶ୍ର , ଡ. ରୀତିକ ପାଢ଼ୀ, ଲକ୍ଷ୍ମୀ କାନ୍ତ ଗାଇନି, ଅଭୟ ପଣ୍ଡା ଏବଂ ରକ୍ତଭଣ୍ଡାରର ଅନ୍ୟାନ୍ୟ କର୍ମକର୍ତ୍ତା, ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ୪୮ଟି ଅନୁଷ୍ଠାନକୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନୀତ କରାଯାଇଥିଲା ।ମୁଖ୍ୟ ଅତିଥି ଭାବେ ଜୟପୁର ପୌରପାଳିକାର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଯୋଗ ଦେଇ, ଜୟପୁର ପାଇଁ ବ୍ଲଡ଼ ଡୋନାସନ ଭ୍ୟାନ ଯୋଗାଇ ଦେବା,ରକ୍ତ କିଭଳି ସମସ୍ତଙ୍କୁ ମିଳିପାରିବ ସେଥିପାଇଁ ସମସ୍ତଙ୍କ ସାହାଯ୍ୟ,ତଥା ସମସ୍ତେ ମିଳିମିଶି ରକ୍ତ ଅଭାବକୁ ଦୂରେଇ ଦେବା ପାଇଁ କାମ କରିବା ବୋଲି କହିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଶିଶୁରୋଗ ବିଶେଷଜ୍ଞ ଡ. ଦୁର୍ଗାପତ୍ର ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ରକ୍ତର ଆବଶ୍ୟକତା ଏବଂ ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟକୁ ସାଧୁବାଦ ତଥା ଧନ୍ୟବାଦ ଜଣେଇବା ସହ ଏଭଳି ସାଧୁ କାର୍ଯ୍ୟ ଆଗକୁ ମଧ୍ୟ ଜାରି ରଖିବା ପାଇଁ ଅନୁରୋଧ କରିଥିଲେ । ୫୭ ଥର ଓ'-ରକ୍ତଦାତା ତୁଳସୀ ନାୟକଙ୍କୁ ବହୁ ପ୍ରଶଂସା କରିଥିଲେ ।ଏହି ସଭାଟି ରକ୍ତଦାତା ଅଧିକାରୀ ସୂର୍ଯ୍ୟ ଶେଖର ମିଶ୍ରଙ୍କ ପୌରୋହିତରେ ହୋଇଥିଲା । ସମ୍ମାନୀତ ପର୍ବ ପରେ ମେଡିକାଲ ମ୍ୟାନେଜେର ରୂପଶ୍ରୀ ମଧୁସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

ଭୁବନ: ଢ଼େଙ୍କାନାଳ ଜିଲ୍ଲା ଭୁବନ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକ ସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ବିଡ଼ିଓ ଆୟୁଷି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନ ବରିଷ୍ଠ ନାଗରିକ ସଂଘର ସଦସ୍ୟ ଅବସର ପ୍ରାପ୍ତ ପୋଲିସ ଅଫିସର ଶ୍ରୀଧର ବେହେରାଙ୍କ ସମେତ ରଥ ସେଠୀ, ବ୍ରଜ ରାଉତ, ଡାକ୍ତର ରମେଶ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ମାନେ ସମାଜ ପାଇଁ ବୋଝ ନୁହନ୍ତି, ସେମାନେ ସମାଜ ପାଇଁ ସମ୍ପତି ଓ ମାର୍ଗଦର୍ଶକ । ଯେଉଁ ଘରେ ନାହାନ୍ତି ବୁଢ଼ୀ ବୁଢ଼ା, ସେ ଘର ଉଜୁଡ଼ା । ବରିଷ୍ଠ ମାନଙ୍କୁ ଅବହେଳା କିମ୍ବା ହତାଦର ନୁହେଁ, ପରିଣତ ବୟସରେ ସେମାନଙ୍କୁ ଯତ୍ନ ଏବଂ ସ୍ନେହ, ଆଦର ଦରକାର ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ନାଗରିକ ମାନେ ସୁସ୍ଥ, ନିରାମୟ ଓ ଦୀର୍ଘ ଜୀବନ ପାଇଁ ନିୟମିତ ଭାବେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଡାକ୍ତର ରମେଶ କୁମାର ସାହୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଶତାଧିକ ବରିଷ୍ଠ ନାଗରିକ ମାନଙ୍କର ସ୍ୱାସ୍ଥ୍ୟ ଓ ରକ୍ତ ଚାପ ପରୀକ୍ଷା କରାଯିବା ସହିତ ପରିଚୟ ପତ୍ର, ମାନପତ୍ର ପ୍ରଦାନ କରାଯାଇଥିଲା ।

# କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

କେନ୍ଦୁଝର : କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାର ୫ଟି ପ୍ରମୁଖ କେନ୍ଦ୍ରରେ ବ୍ଲକସ୍ତରୀୟ ତଥା ମଣ୍ଡଳସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ-୨୦୨୬ ସଫଳତାର ସହ ଆୟୋଜିତ ହୋଇଯାଇଛି । ଜିଲ୍ଲାର କୋଣ ଅନୁକୋଣରେ ଲୁଚି ରହିଥିବା କ୍ରୀଡ଼ା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚୟନ ଶିବିର ଆୟୋଜନ କରାଯାଇଛି । କେନ୍ଦୁଝରଗଡସ୍ଥିତ ଡି.ଡି. ସ୍ପୋର୍ଟସ କମ୍ପ୍ଲେକ୍ସ, ହରିଚନ୍ଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସାହାରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟ ଏବଂ ତେଲକୋଇ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏହି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟତଃ ଆଥଲେଟିକ୍ସ, ଖୋ-ଖୋ ଏବଂ ଭଲିବଲ୍ ଭଳି କ୍ରୀଡ଼ା ଶୃଙ୍ଖଳାରେ ପ୍ରତିଭା ଚୟନ କରାଯାଇଛି । ୮ରୁ ୧୪ ବର୍ଷ ବୟସ୍କ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ବେଶ୍ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସକାଳ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶତାଧିକ କ୍ରୀଡ଼ାବିତ୍ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ସ୍ଥାନୀୟ କ୍ରୀଡ଼ା ଶିକ୍ଷକ ଓ ବିଭାଗୀୟ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ଭାବେ ଏହି ଚୟନ ପ୍ରକ୍ରିୟା ସମାପ୍ତ ହୋଇଛି । ରାଜ୍ୟ ସରକାରଙ୍କ ଏହି ଅଭିନବ ପ୍ରୟାସ ଦ୍ୱାରା କେନ୍ଦୁଝର ଜିଲ୍ଲାର ଗ୍ରାମାଂଚଳରୁ ଆଗାମୀ ଦିନରେ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍ ସୃଷ୍ଟି ହୋଇପାରିବେ ବୋଲି ସରୋଜ କୁମାର ମଲ୍ଲିକ ଆଶା ପ୍ରକାଶ କରିଛନ୍ତି।

# ବିଶ୍ୱ ଶାକାହାରୀ ଦିବସ ପାଳିତ

ଜୟପୁର: କୋରାପୁଟ ଜିଲ୍ଲା ଆୟୁର୍ବେଦ ବିକାଶ ପରିଷଦ ପକ୍ଷରୁ ବିଶ୍ୱ ଶାକାହାରୀ ଦିବସ ପାଳିତ ହୋଇଯାଇଛି । ଜୟପୁର ଯାଦବ ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ଡାକ୍ତର ସୁଦର୍ଶନ ଗୌଡ଼ ଅଧ୍ୟକ୍ଷତା କରିଥିଲେ । ସଂପାଦକ କବିରାଜ ପରମେଶ୍ୱର ପାତ୍ରଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ଦିବସ ଉପରେ ଡାକ୍ତର ମନୋଜ କୁମାର ବିଶ୍ୱାଳ, ବୈଦ୍ୟରାଜ ଶ୍ରୀନିବାସ ପାତ୍ର ପ୍ରମୁଖ କହିଥିବା ବେଳେ ପରିବେଶ ଓ ପ୍ରାଣୀମାନଙ୍କର ସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ ଆଇନ ପରାମର୍ଶଦାତା ରାଜେନ୍ଦ୍ର କୁମାର ଗୌଡ଼ କହିଥିଲେ । ଏଥିରେ ସୂର୍ଯ୍ୟ ନାରାୟଣ ମିଶ୍ର, ହରିହର ବେହେରା, ଦିପିଲ ପୁକାର ଭୂମିୟା, ଶିବ କେଶବ ଦାଶ, ସୁରେନ୍ଦ୍ର ପଟ୍ଟନାୟକ, ରାଜେନ୍ଦ୍ର କୁମାର ଜେନା, ଖଲି ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିବା ବେଳେ ସହ ସଂପାଦକ ସତ୍ୟ ନାରାୟଣ ପରିଛା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସଭାପତି ଡାକ୍ତର ଗୌଡ଼ ଶାକାହାରୀ ଅର୍ଥାତ୍ ନିରାମିଷ ଭୋଜନ ଦ୍ୱାରା ଖାଦ୍ୟ ଲାଗି ପ୍ରାଣୀଙ୍କ ହତ୍ୟା ଆବଶ୍ୟକ ହୋଇନଥାଏ, ଅହିଂସାର ସିଦ୍ଧାନ୍ତକୁ ଏହା ସମର୍ଥନ କରିଥାଏ ବୋଲି କହିଥିଲେ । କବିରାଜ ପାତ୍ର କହିଥିଲେ ଯେ, ଶାକାହାର ହୃଦ୍ ରୋଗ, ମଧୁମେହ ଓ କେତେକ କର୍କଟ ରୋଗର ଆଶଙ୍କା କମ୍ କରିଥାଏ ବୋଲି ଯୁକ୍ତି ରଖିଥିଲେ । ଶାକାହାରୀ ଖାଦ୍ୟ ସନ୍ତୁଳିତ ପୁଷ୍ଟିସାର ଓ ତନ୍ତୁ ରହିଥାଏ ଯାହା ହଜମ ଶକ୍ତିକୁ ଭଲ ରଖେ, ଉଦ୍ଭିଦ-ଆଧାରିତ ଖାଦ୍ୟ ପରିବେଶ ପାଇଁ ଅଧିକ ସ୍ଥାୟୀ ଓ ଅନୁକୂଳ ବୋଲି ମନେକ ବକ୍ତା କହିଥିଲେ ।

# ମାଲକାନଗିରିରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

## ୬ ବରିଷ୍ଠ ନାଗରିକ ସମ୍ବର୍ଦ୍ଧିତ

ମାଲକାନଗିରି : ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ମାଲକାନଗିରି ଆନୁକୂଲ୍ୟରେ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ-୨୦୨୬ ସମାରୋହ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମାରୋହର ଉଦ୍ଘାଟନ କରିଥିଲେ । ବରିଷ୍ଠ ନାଗରିକମାନଙ୍କ ସମାଜ ପ୍ରତି ଅବଦାନ ଓ ସେମାନଙ୍କ ସୁରକ୍ଷା ସମ୍ପର୍କରେ ଆଲୋକପାତ କରି ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ, ବରିଷ୍ଠ ନାଗରିକମାନେ ଆମ ସମାଜର ମାର୍ଗଦର୍ଶକ ଓ ଅଭିଭାବକ। ସେମାନଙ୍କ ଅନୁଭବ, ଜ୍ଞାନ ଓ ଆଶୀର୍ବାଦ ସମାଜକୁ ସଠିକ ଦିଗଦର୍ଶନ ଦେଇଥାଏ। ସେମାନଙ୍କର ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଆଇନଗତ ଅଧିକାର ସୁନିଶ୍ଚିତ କରିବା ସହ ସେମାନଙ୍କୁ ସମ୍ମାନଜନକ ଜୀବନଯାପନର ପରିବେଶ ଯୋଗାଇଦେବା ଜିଲ୍ଲା ପ୍ରଶାସନର ପ୍ରାଥମିକତା। ଏହି ସମାରୋହରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ସୁଶ୍ରୀ ସଙ୍ଗୀତା ପାତ୍ର, ମାଲକାନଗିରି ବିଧାୟକଙ୍କ ପ୍ରତିନିଧି ନିହାର ରାୟ, ଜିଲ୍ଲା ବରିଷ୍ଠ ନାଗରିକ ସଂଗଠନର ସମ୍ପାଦକ ଅଶୋକ ସାମଲ, ଉପଦେଷ୍ଟା ରବିନ୍ଦ୍ର କୁମାର ମହାରଣା ଏବଂ ଜିଲ୍ଲା ସଦର ଚିକିତ୍ସାଳୟର ମେଡିସିନ ବିଶେଷଜ୍ଞ ଡକ୍ଟର ବାସନ୍ତୀ ହାଁସଦା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ଦିବସ ପାଳନ ଅବସରରେ ସକାଳ ୭ଟାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏହାପରେ ସ୍ଥାନୀୟ ପାଠାଗାର ପରିସରରେ ବୃକ୍ଷରୋପଣ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଏବଂ ଏକ ସଚେତନତା ପଦଯାତ୍ରା ସଂଗଠିତ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ଆୟୋଜିତ ସାଧାରଣ ସଭାରେ ଆଇନଗତ ସଚେତନତା କର୍ମଶାଳା ସହ ନିଶାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ଭାଗରେ ମନୋଜ୍ଞ ଭଜନ ସମାରୋହ ଆୟୋଜିତ ହୋଇଥିଲା ଏବଂ ବିଭିନ୍ନ ସାମାଜିକ କ୍ଷେତ୍ରରେ ଅତୁଳନୀୟ ଯୋଗଦାନ ପାଇଁ ୬ ଜଣ ବରିଷ୍ଠ ନାଗରିକଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିତ ହୋଇଥିବା ବେଳେ ବିଭାଗୀୟ କର୍ମଚାରୀ ଓ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଦସ୍ୟବୃନ୍ଦ ସକ୍ରିୟ ସହଯୋଗ କରିଥିଲେ।

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାହାଁନ୍ତି, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୦୩।୧୦।୨୦୨୬ ■ ଶନିବାର

## ସପ୍ତାହାନ୍ତ ବିଚାର

# ଉତ୍ତରପ୍ରଦେଶ ଲେଖିବ ରାଷ୍ଟ୍ରୀୟ ରାଜନୀତିର ଡ୍ରାଫ୍ଟ

ଉତ୍ତରପ୍ରଦେଶ ସମେତ ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁର ବିଧାନସଭା ନିର୍ବାଚନ ଫେବୃଆରୀ-ମାର୍ଚ୍ଚ ୨୦୨୭ରେ ହେବାକୁ ଯାଉଛି । ଏସବୁ ରାଜ୍ୟମାନଙ୍କରେ ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଇଲାଣି, କିନ୍ତୁ ସମସ୍ତଙ୍କ ନଜର ଉତ୍ତରପ୍ରଦେଶ ଉପରେ ରହିଛି, କାରଣ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଲାଗି ଏହା ତୃତୀୟ କାର୍ଯ୍ୟକାଳର ଦ୍ୱାର ଖୋଲିଦେଇପାରେ ଓ ଲୋକସଭା ନିର୍ବାଚନ ୨୦୨୯ର ଚିଠା ବା ଡ୍ରାଫ୍ଟ ଲେଖିପାରେ । ୨୦୨୪ରେ ଭାରତୀୟ ଜନତା ପାର୍ଟି ଉତ୍ତରପ୍ରଦେଶରେ ୨୯ଟି ଆସନ ହରାଇବା ସହ ୩୩ଟି ଆସନରେ ସୀମିତ ହୋଇଯାଇଥିଲା । ସମାଜବାଦୀ ପାର୍ଟି ଓ କଂଗ୍ରେସ ମେଣ୍ଟ ୩୭+୬=୪୩ଟି ଆସନ ଜିତିଲେ ଓ ଭାଜପାକୁ ଲୋକସଭାରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବାରୁ ରୋକି ଦେଇଥିଲା । ଏହା ସତ୍ତ୍ୱେ ରାଜ୍ୟରେ ଭାଜପା/ଏନଡିଏର ଜନମତ ପ୍ରତିଶତ ୪୪.୦୧ ଥିବାବେଳେ ଏସପି-କଂଗ୍ରେସ ମେଣ୍ଟର ୪୩.୫୨ ପ୍ରତିଶତ ଥିଲା । ସ୍ମରଣଯୋଗ୍ୟ ଯେ ୨୦୧୨ରେ ସମାଜବାଦୀ ପାର୍ଟି ମାତ୍ର ୨୯ ପ୍ରତିଶତ ଓ ୨୦୦୭ରେ ବିଏସପି ୩୦ ପ୍ରତିଶତ ଭୋଟ ପାଇ ସରକାର ଗଠନ କରିଥିଲା, ତେଣୁ ଭାଜପା/ଏନଡିଏର ଏବେକାର ୪୦ ପ୍ରତିଶତ ଜନାଧାର ତ୍ରିକୋଣୀୟ ନିର୍ବାଚନୀ ସଂଘର୍ଷରେ ବିଜୟଲାଭ କରିବାର ସମ୍ଭାବନା ରହିଛି, କିନ୍ତୁ ଭାଜପାର ବିଜୟ ମାର୍ଗ ଏତେ ସହଜ ନୁହେଁ । ଯୋଗୀ ଆଦିତ୍ୟନାଥ ଯଦିଓ 'ଆଇନକାନୁନ ବ୍ୟବସ୍ଥା' ଓ 'ଲୋକ କଲ୍ୟାଣ ଏବଂ ବିକାଶ' ନେଇ ଲୋକଙ୍କ ବିଶ୍ୱାସ ହାସଲ କରିପାରିଛନ୍ତି, କିନ୍ତୁ ନିର୍ବାଚନରେ ଭୋଟଦାତା 'ବିପକ୍ଷର ବିମର୍ଶ'ର ଭ୍ରମଜାଲରେ ଫସିଯାଇ ଅନ୍ୟ କେଉଁଠାକୁ ଚାଲିଯାଇ ପାରନ୍ତି । ବିଗତ ଲୋକସଭା ନିର୍ବାଚନରେ ଏହା ହିଁ ହୋଇଥିଲା । ଅଖିଳେଶ-ରାହୁଲ ମିଶିକରି ଭାଜପାର '୪୦୦ ପାର୍' ଉପରେ ଏପରି 'ନେରେଟିଭ୍' ଗଢ଼ିଥିଲେ ଯେ ଏତେ ଆସନ ଜିତିଗଲେ ଭାଜପା 'ବାବା ସାହେବଙ୍କ ସମ୍ବିଧାନକୁ ଓଲଟାଇଦେବ' ଓ 'ସ୍ଥାନ ସଂରକ୍ଷଣକୁ ସମାପ୍ତ କରିଦେବେ' । ଏପ୍ରକାର ପ୍ରଚାରରେ ଭ୍ରମିତ ଲୋକ ଦଳିତ ଓ ଓବିସି ମତଦାତା ଭାଜପାଠାରୁ ଖସିଗଲେ ।

ଯେଉଁ ଭାରତୀୟ ଜନତା ପାର୍ଟି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାନୁଆରୀ-ମାର୍ଚ୍ଚ ୨୦୨୪ରେ ୬୦ ପ୍ରତିଶତ ଲୋକଙ୍କ ପସନ୍ଦ ଥିଲେ, ଏପ୍ରିଲ-ମଇ ବେଳକୁ ତାହା ୪୦ ପ୍ରତିଶତକୁ ଖସିଆସିଲା । ନହେଲେ ଉତ୍ତରପ୍ରଦେଶରେ ମଧ୍ୟପ୍ରଦେଶ, ଓଡ଼ିଶା, ଦିଲ୍ଲୀ, ବିହାର, ଗୁଜରାଟ ଭଳି ପରିଣାମ ଆସିଥାଆନ୍ତା । ବିଜୟ ଦୃଷ୍ଟିରୁ ଶାସକ ଦଳ ଦ୍ୱାରା ସୁଶାସନ ସହିତ ଏକ ପ୍ରଭାବଶାଳୀ କେନ୍ଦ୍ରୀୟ ବିମର୍ଶ ମଧ୍ୟ ଗଢ଼ାଯିବା ଦରକାର । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ବିପକ୍ଷ ସହ କେବଳ ନୁହେଁ, ଭାଜପାର ଆଭ୍ୟନ୍ତରୀଣ କନ୍ଦଳ ପ୍ରତି ମଧ୍ୟ ଧ୍ୟାନ ଦେବାକୁ ହେବ । ମୁଖ୍ୟମନ୍ତ୍ରୀ ପଦ ପାଇଁ ଅନେକଙ୍କର ଅଭିଳାଷ ରହିଛି । କେନ୍ଦ୍ରୀୟ ନେତୃତ୍ୱର ହସ୍ତକ୍ଷେପ ଓ ସଂଘର ପୃଷ୍ଠଭୂମି ନଥିବା ମଧ୍ୟ ଏକ ପ୍ରସଙ୍ଗ, କିନ୍ତୁ ଯୋଗୀ ଆଦିତ୍ୟନାଥଙ୍କ କର୍ମଠ ଆଚରଣ, ମୋଦୀଙ୍କ ସମର୍ଥନ ଓ ଜନତାଙ୍କ ଆଶୀର୍ବାଦର ତ୍ରିବେଣୀ ଦ୍ୱାରା ସେ ନିର୍ବିରୋଧ ଗତିରେ ନିଜ ଲକ୍ଷ୍ୟସ୍ଥଳ ଆଡ଼କୁ ଅଗ୍ରସର ହୋଇଚାଲିଛନ୍ତି । କିନ୍ତୁ ସମସ୍ୟା ତ ସବୁବେଳେ ରହିବ । କାରଣ, ଉତ୍ତରପ୍ରଦେଶ ଜନସଂଖ୍ୟା ଦୃଷ୍ଟିରୁ ଏକ ବଡ଼ ରାଜ୍ୟ । ଆଜିର ଦିନରେ 'ଜେନ-ଜି' ଦ୍ୱାରା ପରୀକ୍ଷା ଓ ରୋଜଗାର ନେଇ ସେମାନଙ୍କ ମନରେ ଆକ୍ରୋଶ ରହିଛି, କିନ୍ତୁ ଯେଉଁ ଦେଶରେ ସୁଡ଼ାନ, ବେଲଜିୟମ, ୟୁଏଇ ଆଦିର ସମାନ ସଂଖ୍ୟକ ଜନସାଖ୍ୟା କେବଳ ଗୋଟିଏ ବର୍ଷରେ ବଢ଼ିଯାଆନ୍ତି, ସେଠି କେଉଁ ପାର୍ଟି ବା ଦଳ ପାଖରେ ରୋଜଗାର ଯୋଗାଇବାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇପାରିବ ? 'ଜେନ-ଜି' ହାତରେ ମୋବାଇଲ ଅଛି, ସେମାନେ କ'ଣ ଜାଣନ୍ତି ନାହିଁ ୧୯୮୯ରେ କାହିଁକି ଲୋକେ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଥିଲେ ? କ'ଣ ୩୬-୩୭ ବର୍ଷ ପରେ ମଧ୍ୟ କଂଗ୍ରେସ କାହିଁକି ଏଯାଏ ଥଳକୂଳ ପାଇପାରୁ ନାହିଁ ? କ'ଣ ସେମାନେ ଜାଣନ୍ତି ନାହିଁ ସମାଜବାଦୀ ପାର୍ଟିର ଶାସନ କାଳରେ ଭୟ, ଜାତିବାଦ ଓ ମୁସଲିମ ତୁଷ୍ଟୀକରଣ ଚରମରେ ଥିଲା ? କ'ଣ ଲୋକେ ଜାଣନ୍ତି ନାହିଁ ସମାଜବାଦୀ ପାର୍ଟି-କଂଗ୍ରେସ ଶାସନ କାଳରେ ଦଙ୍ଗା ବାରମ୍ବାର ଘଟୁଥିଲା ? ସେମାନେ କ'ଣ ଜାଣନ୍ତି ନାହିଁ ଗତ ୧୦ ବର୍ଷ ଭିତରେ ଏସପି-କଂଗ୍ରେସ ମୋଦୀଙ୍କୁ ଅପମାନିତ କରିବା ଛଡ଼ା କୌଣସି ରଚନାତ୍ମକ, ସକାରାତ୍ମକ କଥା ଲୋକଙ୍କ ଆଗରେ ରଖିନାହାନ୍ତି ଯେ ସେମାନେ ଭାଜପାଠାରୁ ଆଉ କିଛି ଭଲ ଶାସନ ପ୍ରଦନା କରିପାରିବେ ? ରାଜ୍ୟର ପ୍ରମୁଖ ବିପକ୍ଷ ଦଳ ସମାଜବାଦୀ ପାର୍ଟି ଜାତିଗତ ସମୀକରଣର ସଂକୀର୍ଣ୍ଣତା, ତୃଣମୂଳ ସ୍ତରର ରାଜନୀତିରେ ଦୁର୍ବଳତା, ସଂଖ୍ୟାଲଘୁବାଦ, ପରିବାରବାଦ, ଶାସନ ଓ ବିକାଶର ଉତ୍ତମ ମଡେଲ ପ୍ରଦାନର ଅଭାବ ତଥା ପୂର୍ବ କାର୍ଯ୍ୟକାଳର ଛବି ସହ ଲଢ଼ୁଛି । ଏହାର ସମାଧାନ ଖୋଜିବା ବଦଳରେ ସମାଜବାଦୀ ପାର୍ଟି ନକାରାତ୍ମକ ଓ ପ୍ରତିଗାମୀ ରାଜନୀତିକୁ ବାଛିଛି । ପ୍ରଥମେ ମୁସଲମାନ-ଯାଦବ ଓ ପୁଣି 'ପିଡିଏ' (ପଛୁଆବର୍ଗ-ଦଳିତ-ସଂଖ୍ୟାଲଘୁ) କୌଶଳ ପ୍ରୟୋଗ କଲା, କିନ୍ତୁ ଏବେ ସମାବେଶୀ ରାଜନୀତିର ମୋଦୀ-ମନ୍ତ୍ର ସବକା ସାଥ, ସବକା ବିକାଶ ଯୋଗୁଁ ପଛରେ ପଡ଼ିଯାଇଛି ।

ବହୁଜନ ସମାଜ ପାର୍ଟି ସୁପ୍ରିମୋ ମାୟାବତୀ ଏକଦା ରାଜ୍ୟ ରାଜନୀତିରେ ସଶକ୍ତ ପ୍ରତିଦ୍ୱନ୍ଦ୍ୱୀ ଥିଲେ । ତାଙ୍କର ସୋସିଏଲ ଇଞ୍ଜିନିୟରିଙ୍ଗ ଦ୍ୱାରା ୨୦୦୭ରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ସେ ସରକାର ଗଠନ କରିଥିଲେ । କିନ୍ତୁ ସେ ସମର୍ଥନକୁ ସେ ବଜାୟ ରଖିପାରିଲେ ନାହିଁ । ସେ ବ୍ରାହ୍ମଣ ଓ ଦଳିତମାନଙ୍କ ଆକାଂକ୍ଷା ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିପାରିଲେ ନାହିଁ । ସମ୍ଭବତଃ ସେ ଜାଣିପାରିଲେ ନାହିଁ ଯେ ରାଜନୀତି କେବଳ କ୍ଷମତା ପ୍ରାପ୍ତ କରିବାର କଳା ନୁହେଁ, ବରଂ ତାହାକୁ ବଜାୟ ରଖିବା ପାଇଁ ଏକ ବିଧି ମଧ୍ୟ । ୨୦୨୨ ବିଧାନସଭାରେ ବିଏସପି କେବଳ ଗୋଟିଏ ଆସନ ଓ ୨୦୨୪ ଲୋକସଭାରେ ଗୋଟିଏ ବି ଆସନ ଜିତିପାରି ନାହିଁ । ତାହାର ମାତ୍ର ୧୦ ପ୍ରତିଶତ ଭୋଟ ରହିଛି । ସେଠି ଦଳିତ ରାଜନୀତିର ଅନ୍ୟ ଜଣେ ନେତା ଚନ୍ଦ୍ରଶେଖର ଉତ୍ତରପ୍ରଦେଶର ନଗୀନା ଲୋକସଭା ଆସନରୁ ଜିତି ସମସ୍ତଙ୍କୁ ଚକିତ କରିଦେଇଛନ୍ତି । ମାୟାବତୀ ବିଚାରଧାରା, ସଂଗଠନ ଓ ନେତୃତ୍ୱ ଯୋଗୁଁ ନିଜର ଜନାଧାର ହରାଇ ଚାଲିଛନ୍ତି । ୨୦୧୪ରେ ଭାଜପା ସେ ରାଜ୍ୟରେ ଅଧିକାଂଶ ସଂରକ୍ଷିତ ଆସନଗୁଡ଼ିକୁ ଜିତି ଦଳିତମାନଙ୍କ ମଧ୍ୟରେ ନିଜର ପ୍ରତିଷ୍ଠା ବଢ଼ାଇଥିଲା । ସେମାନଙ୍କୁ ସଂଗଠନ ଓ କ୍ଷମତାରେ ସମାନୁପାତିକ ପ୍ରତିନିଧିତ୍ୱ ଦେଇ ତାଙ୍କର ବିଶ୍ୱାସ ହାସଲ କରିଥିଲା । ଆଜି ଦଳିତଙ୍କ ପାଖରେ କିଛି କାରଣ ନାହିଁ ସେମାନେ ଭଳଜପାକୁ ଛାଡ଼ି ସମାଜବାଦୀ ପାର୍ଟି କି କଂଗ୍ରେସ ଭଳି ଦଳକୁ ସମର୍ଥନ କରିବେ ।

ମୁସଲମାନ ମତ ଉପରେ ସମାଜବାଦୀ ପାର୍ଟି ସବୁବେଳେ ନିଜର ଏକାଧିକାର ଥିବା ମାନିଆସିଛି, କିନ୍ତୁ ଏବେକାର କଂଗ୍ରେସ ଓ ମାୟାବତୀଙ୍କ ବ୍ୟତୀତ ଅସଦୁଦ୍ଦିନ ଓବୈସୀଙ୍କ ପାର୍ଟି ମଧ୍ୟ ନିର୍ବାଚନ ଲଢ଼ିଲାଣି, ଯାହା ମୁସଲମାନବହୁଳ ନିର୍ବାଚନ ମଣ୍ଡଳୀ ଉପରେ ନଜର ରଖିଛି । କେତେକ ମୁସଲମାନ ନେତାଙ୍କ ଦ୍ୱାର ମୁସଲମାନ ମୁଖ୍ୟମନ୍ତ୍ରୀ କରାଯିବା ଦାବି ତଥା ଓବୈସୀଙ୍କ୍ ପ୍ରତି ସମର୍ଥନ ଅଖିଳେଶଙ୍କ 'ପିଡିଏ' ଉପରେ ପ୍ରଶ୍ନଚିହ୍ନ ଛିଡ଼ା କରିଦେଇଛି । ଏବେ ତ କେତେକ ମୁସଲମାନ ମଧ୍ୟ ଯୋଗୀ ଆଦିତ୍ୟନାଥଙ୍କ ଆଇନ-ଶୃଙ୍ଖଳା ବ୍ୟବସ୍ଥା, ବିକାଶ ଓ ଲାଭାର୍ଥୀ ଯୋଜନାଗୁଡ଼ିକୁ ସମର୍ଥନ କଲେଣି । ଛୋଟ ଛୋଟ ଦଳ ନିଜର ଅସ୍ମିତା ଓ 'ଏନଡିଏ'ରେ କ୍ଷମତାର ଭାଗିଦାରୀ ହେତୁ ନିଜ ଢଙ୍ଗରେ ପ୍ରୟାସ ଚଳାଇଛନ୍ତି । ୨୦୨୪ ଲୋକସଭା ନିର୍ବାଚନରେ କଂଗ୍ରେସକୁ ଆସନ ଛାଡ଼ିବାରେ କୌଣସି ଆପତ୍ତି ନଥିଲା, କାରଣ ରାଷ୍ଟ୍ରୀୟ ରାଜନୀତିରେ କଂଗ୍ରେସ ନେତୃତ୍ୱ ସ୍ୱୀକାର୍ଯ୍ୟ ଥିଲା । କିନ୍ତୁ ରାଜ୍ୟରେ ସମାଜବାଦୀ ପାର୍ଟିକୁ ନିଜର ଗୁରୁତ୍ୱ ବଜାୟ ରଖିବାକୁ ହେଲେ ତାହାକୁ କଂଗ୍ରେସ ପାଇଁ ଆସନ ଛାଡ଼ି ସଂପର୍କରେ ସତର୍କ ରହିବାକୁ ହେବ, କାରଣ ଉତ୍ତରପ୍ରଦେଶରେ କଂଗ୍ରେସ ଯେତେ ସଶକ୍ତ ହେବ, ସମାଜବାଦୀ ପାର୍ଟି ସେତେ ଦୁର୍ବଳ ହେବ । ❐❐

## ପ୍ରାପ୍ତପତ୍ର

### ବଢୁଛି ତାପମାତ୍ରା ଓ ବାୟୁ ପ୍ରଦୂଷଣ

ପ୍ରତିଦିନ ରାଜରାସ୍ତାରେ ଲକ୍ଷଲକ୍ଷ ଗାଡ଼ି ମୋଟର ଯା'ଆସ କରୁଛି । ଲୋକଙ୍କ ଆବଶ୍ୟକତା ଅନୁସାରେ ବିଦ୍ୟୁତ ଉପକରଣର ବ୍ୟବହାର, ଜନସଂଖ୍ୟା ବୃଦ୍ଧି, ଗାଡ଼ି ମୋଟରରୁ ବାହାରୁଥିବା ଅଙ୍ଗାରକାମ୍ଳ ଏବେ ରାଜ୍ୟ ପାଇଁ ବୋଝ ହେଲାଣି । ଏସବୁ ବୋଝକୁ କମାଇବାର ଏକମାତ୍ର ଉପାୟ ହେଲା ଗଛ ଲଗାଇବା ଓ ବନୀକରଣ ଯୋଜନାକୁ ବ୍ୟାପକ କରିବା । ଓଡ଼ିଶା ବାର୍ଷିକ ପ୍ରାୟ ୧୦ କୋଟି ଟନ୍ ଅଙ୍ଗାରକାମ୍ଳ ବାୟୁ ମଣ୍ଡଳକୁ ଛାଡୁଛି । ତାପମାତ୍ରା ବୃଦ୍ଧି, ଗ୍ରୀଷ୍ମର ଅବଧି ବୃଦ୍ଧି ବର୍ଷା ମାସର ଅବଧି କମିବା, ବର୍ଷାରେ ଅନିୟମିତତା, ମୌସୁମୀ ଆସିବାରେ ବିଳମ୍ବ ଭଳି ପରିସ୍ଥିତି ପଛରେ ସବୁଠାରୁ ବଡ଼ କାରଣ ହେଉଛି ଅଙ୍ଗାରକାମ୍ଳ ଗ୍ୟାସର ବୃଦ୍ଧି । ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳର ମାତ୍ରା ଅଧିକ ହେଉଥିବାରୁ ଓଡ଼ିଶାର ସ୍ଥିତି ଜଟିଳ ହେବାରେ ଲାଗିଛି । ଯାହାର ପ୍ରତିଫଳନ ରାଜଧାନୀରେ ଅଧିକ ଦେଖିବାକୁ ମିଳୁଛି । ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ତଥ୍ୟ ଅନୁସାରେ ଯେତିକି ଅଙ୍ଗାରକାମ୍ଳ ଓଡ଼ିଶା ନିର୍ଗତ କରୁଛି ତାର ୬୨% ଶକ୍ତି କ୍ଷେତ୍ରରୁ ଆସୁଛି । ୮୩% ଅଙ୍ଗାରକାମ୍ଳ ତାପଜ ବିଦ୍ୟୁତ ଯୋଗୁଁ ସୃଷ୍ଟି ହେଉଛି । କୃଷି କାର୍ଯ୍ୟରେ ବିଭିନ୍ନ ପ୍ରକ୍ରିୟା, ବର୍ଜ୍ୟବସ୍ତୁରୁ ନିର୍ଗତ ହେଉଥିବା ଅଙ୍ଗାରକାମ୍ଳ ବି ବଢ଼ି ଚାଲିଛି । ବଢୁଥିବା ତାପମାତ୍ରା ଓ ବଦଳୁଥିବା ପାଣିପାଗର ସ୍ଥିତିରେ ସୁଧାର ଆଣିବା ପାଇଁ ପୁଣିଥରେ ଏସବୁକୁ ସକ୍ରିୟ କରିବା ସହ ବନୀକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଦରକାର ବୋଲି ପରିବେଶବିତମାନେ ମତ ଦେଇଛନ୍ତି । ଦିନକୁ ଦିନ ଅସମ୍ଭବ ତାତି, କାଳବୈଶାଖି, ପାଣିପାଗ ଜଳବାୟୁର ଅସ୍ୱାଭାବିକତା ପାଇଁ ଆମ୍ଭେମାନେ ହିଁ ଦାୟୀ । ବ୍ୟାପକ ଭାବେ ଗଛ କାଟି ବନୀକରଣ ନକରି କଂକ୍ରିଟ ଜଙ୍ଗଲ ତିଆରି କରୁଛୁ । ଯେଉଁ ପାଣି ଅତ୍ୟନ୍ତ ଜୀବନ ପାଇଁ ମୂଲ୍ୟବାନ ଏବଂ ବିଶ୍ୱ ସମାଜ ପାଇଁ ଅତ୍ୟନ୍ତ ଜୀବନ ସଞ୍ଜିବନୀ । ସେହିପରି ଅଳିଆ ଆବର୍ଜନକୁ ଜଳାଶୟ ମଧ୍ୟକୁ ଫୋପାଡୁଛୁ ଯାହାଦ୍ୱାରା ବର୍ଷ ତମାମ ତାପମାତ୍ରା ବୃଦ୍ଧି ହେବ ସହ ପ୍ରଦୂଷଣ ବଢୁଛି । ତେଣୁ ସଚେତନତା ଅତ୍ୟନ୍ତ ଜରୁରୀ ।

ବିଚିତ୍ରାନନ୍ଦ ନାୟକ,
ତୁଳସୀପୁର, କଟକ

# ଏ ବିଶ୍ୱ ଉପରେ ସମସ୍ତଙ୍କର ଅଧିକାର



ମାୟାଧର ନାୟକ

ଯେଉଁଠି ଭୋକ ଆଉ ରୋଗ ନଥିବ, ସେଇଭଳି ପୃଥିବୀ ଆବଶ୍ୟକ । ଭୋକ, ରୋଗ ଏ ଧରଣୀବକ୍ଷରୁ ପୋଛିଦେବାକୁ ହେବ । ଆମ ପ୍ରିୟ ବିଶ୍ୱର ବିଜ୍ଞାନ ଏଯାବତ୍ ସେଭଳି ପରମାଣୁ ବୋମା ତିଆରି କରିପାରିନି, ଯାହା ଏ ଦୁଇ ଛୋଟ ଅଥଚ ସବୁଠୁ ବଡ ସାଂଘାତିକ ଶତ୍ରୁ ଭୋକ ଓ ରୋଗକୁ ମଣିଷଜାତିର ଅଭିଧାନରୁ ମୂଳପୋଛ କରିଦେବ । ଯୁଦ୍ଧଠାରୁ ଅଧିକ ଭୟଙ୍କର ଘଟଣା ଏ ପୃଥିବୀରେ ହୋଇନଥାଏ । ଯୁଦ୍ଧାସ୍ତ୍ର ମଣିଷକୁ ବୁଦ୍ଧିହୀନ ଶିଶୁ କରିଦିଏ । ହାତରେ ପଡିଲେ ସେ ଖେଳିବାକୁ ବ୍ୟଗ୍ର ହୁଏ ।

ଏଇ ପୃଥିବୀର ଆଦ୍ୟକାଳରୁ ଆଦିମ ସାମ୍ୟବାଦ ଥିଲା । ପରେ ପରେ ସାମନ୍ତବାଦ, ସାମ୍ରାଜ୍ୟବାଦ, ପୁଞ୍ଜିବାଦ, ସମାଜବାଦ, ସଂଶୋଧନବାଦ । ପୁନଶ୍ଚ ପଚମାନ ପୂତି ଗନ୍ଧମୟ ଶୋଷଣମୂଳକ ସମାଜ ବ୍ୟବସ୍ଥାରେ ପୁଞ୍ଜିବାଦର କାୟା ବିସ୍ତାର । ବିଶ୍ୱ ସାମ୍ୟବାଦ ବହୁ ଦୂରରେ । ଆଜି ସମଗ୍ର ବିଶ୍ୱର ୮୦୦ କୋଟି ଜନଗଣ ଜଘନ୍ୟ ଶୋଷଣମୂଳକ ପୁଞ୍ଜିବାଦର କରାଳକରାଘାତରେ ଆକ୍ରାନ୍ତ । ପ୍ରତ୍ୟେକ ବାଦ୍‌ରୁ ଉତ୍ତୀର୍ଣ୍ଣ ହେବାପାଇଁ ମଣିଷକୁ ଯୁଗ ଯୁଗ ଲାଗିଯାଇଛି ।

ଏକ ପରିବର୍ତ୍ତିତ ପରିସ୍ଥିତିରେ ଆଜି ବଦଳିଯାଇଛି ସଂଗ୍ରାମର ସଂସ୍କୃତି, ଚଳାପଥର ଚିତ୍ରପଟ । ଆଜି ଆମ ସାମ୍ନାରେ ହସ ହସ ମୁହଁରେ ଛଦ୍ମବେଶୀ ଶତ୍ରୁ... ବନ୍ଧୁତ୍ୱର ବେଶଭୂଷାରେ ବିପଜ୍ଜନକ ବୈରୀ । ଅତୀତର ଯେଉଁ ପୁଞ୍ଜିବାଦକୁ ଆମେ ଭେଟୁଥିଲୁ ବନ୍ଧୁକର ସଂଗୀନ୍ ମୂନରେ, ସୁରକ୍ଷାବଳୟର ବ୍ୟୂହ ମଧ୍ୟରେ – ସେ ପୁଞ୍ଜିବାଦ ତା'ର ପୁରୁଣା ଚରିତ୍ର ବଦଳାଇ ସାରି, ବସିସାରିଲାଣି ଆମ ବୈଠକଖାନାର ଟେବୁଲ ଆରପଟେ । ସେ ଆମକୁ ଖତମ କରିବାକୁ ଚାହୁଁଛି ଖେଳେଇ ଖେଳେଇ, ଜଖମ କରିବାକୁ ଚାହିଁଛି ଜବରଦସ୍ତ ! ମାତ୍ର ତା'ର ଏ ବୈରଭାବକୁ ସେ ପିନ୍ଧାଇସାରିଛି ବନ୍ଧୁତ୍ୱର ମାଖନ-ମଖା ମଖମଲ୍ଲୀ ମୁଖା । ବର୍ତ୍ତମାନ ପୁଞ୍ଜିବାଦ ତା' ମୁହଁରେ ପ୍ରଚାର କରୁଛି ପ୍ରଗତିବାଦର ପ୍ରଳାପ... ଧନତନ୍ତ୍ରର ଧ୍ୱଜାରେ ତାରକିତ କରାଯାଉଛି କେତେ ସ୍ମାରକିତ ସ୍ୱପ୍ନ ! କୁବେରମାନେ ଦଖଲ କରିସାରିଛନ୍ତି କୁର୍ସି । ସେମାନଙ୍କ ହାତରେ, ପ୍ରଶାସନ । ସେମାନଙ୍କ ଆଖିର ଇସାରାରେ ନାଚୁଛନ୍ତି ନାଗରୀ-ନମ୍ବରୀ ଫେସନ୍ ସୋ'ର ଫୁଙ୍ଗୁଳୀ ଅପ୍ସରା । ସେମାନଙ୍କ କମ୍ପାନୀର କଳାଧୂଆଁ ଆଜି ଗୋଟାପଣେ ଗିଳିଦେବାକୁ ବସିଛି ଆମ ନୀଳ ଆକାଶ ତଳର ଧୂସର ପର୍ବତ, ସବୁଜ ପ୍ରାନ୍ତର, ହଳଦିଆ ହିଡମାଟି । ଖାଲି କ'ଣ ମାଟି ଆଉ ଘାଟୀ – ପରିବର୍ତ୍ତିତ ପୁଞ୍ଜିବାଦ ଆଜି ତା'ର ଆସୁରିକ ଆମିଷ ଆଁ' ମେଲାଇ ଚଳୁ କରିଦେବାକୁ ବସିଛି ଆମର ଜଳ, ଜମି, ଜଙ୍ଗଲ – ଖଣି – ଖାଦାନ୍ – ବାଗାନ... ସବୁକିଛି ! ଆଜିର ଏ ପୁଞ୍ଜିବାଦର ହିସାବଜୋରସ୍ତ ହସ କାଲି ଡାକିଆଣିବ ସର୍ବହରାର ହାହାକାର ! ବିସ୍ଥାପିତ ହେବେ ଆମ ବଂଶଧର ବର୍ଗ । ଅଧିବାସୀର ଅଧିତ୍ୟକାରେ ଆସନ୍ତାକାଲି ଗଢିଉଠିବ କେତେ କଂକ୍ରିଟ୍‌ର କୁତବ୍‌ମିନାର । ମୁନାଫା ପାଇଁ ସେମାନେ – ସେଇ ସଇତାନୀ ସଇସମାନେ ଆମ କବର ଉପରେ ଠିଆ କରାଇବେ ସେମାନଙ୍କ ଷ୍ଟିଲଘୋଡାର ଷ୍ଟାଚ୍ୟୁ ! ଏଇ ଦେଖନ୍ତୁ, ପରିବର୍ତ୍ତିତ ପୁଞ୍ଜିବାଦ କେମିତି ଅଇଁଠାପତ୍ରର ଅବଶିଷ୍ଟାଂଶ ପରି ମୁଠାମୁଠା ବୋନସ୍ ଫିଙ୍ଗିଚାଲିଚି ଆଜିର ଶ୍ରମିକ ଶ୍ରେଣୀ ଆଡକୁ । ଯେଉଁ ସୁନ୍ଦରଜୀବନର ପ୍ରତିଶ୍ରୁତି ଏ ପୁଞ୍ଜିବାଦ ଶୁଣାଇଚାଲିଛି, ଜାଣନ୍ତି କି ସେ ପୁଞ୍ଜିର ପାହାଡ ତଳେ ଦିନେ ଆମର ଉତ୍ତରଦାୟାଦ ଚାପିହୋଇ ଆର୍ତ୍ତନାଦ କରିବାକୁ ବାଧ ହେବେ ? ପ୍ରଚୁର ପୁଞ୍ଜି ତଳେ ପୁଞ୍ଜି ହୋଇରହିଚି ସଇତାନର କ୍ଷୁଧା । ସେ କ୍ଷୁଧାର ଅଜଗର ଦିନେ ବନ୍ଦୀ କରିନେବ ଆମର ବିବେକ, ବିଶ୍ୱାସ, ବିଚାର ଓ ବିଧାନ – ସବୁକିଛି । ମଣିଷର ହୃଦୟକୁ ସେ ପରିଣତ କରିଦେବ ଯନ୍ତ୍ରରେ କେବଳ । ତା' ମନ୍ତ୍ର ମଣିଷକୁ ମଇଁଷି, ଭେଣ୍ଡାକୁ ମେଣ୍ଢା, ପୁରୁଷକୁ ପଶୁ ଏବଂ ନାରୀକୁ ନାରକୀୟ ମୋଲାୟମ୍ କରିବାର ମାରାତ୍ମକ ମୋଲାୟମ୍ ମନ୍ତ୍ର । ମୁହଁରେ ହସ ସିନା, ଭିତରେ ଭୟଙ୍କର ବିଷର ଭଉଁରି । ହୁସିଆର !

ସବୁ ଏକ ହେବ ଆସନ୍ନ ମୁକାବିଲାର ମଇଦାନରେ । ଆମର ପହିଲା ନମ୍ବର ଦୁଷ୍‌ମନ୍ ଏଇ ସ୍ଫୀତିକୃତ ପୁଞ୍ଜିବାଦ ସହିତ ଲଢ଼ିବା ପୂର୍ବରୁ ଆମକୁ ପ୍ରଥମେ କିନ୍ତୁ ଲଢ଼ିବାକୁ ପଡିବ ଆମ ନିଜ ଭିତରର ଦ୍ୱନ୍ଦ, ଦ୍ୱିଧା ଓ ଦ୍ୱିଖଣ୍ଡିତ ଦର୍ଶନ ସହିତ । କାରଣ ଭବିଷ୍ୟତର ମହାସଂଗ୍ରାମ ପୂର୍ବରୁ ଆମର ପୂର୍ବପ୍ରସ୍ତୁତି ଆରମ୍ଭ ହେବ ଆମ ନିଜର ଅଟଳ ନିଷ୍ଠା ଓ ଅସଲ ଅଙ୍ଗୀକାରକୁ ସମ୍ବଳ କରି । ଆମକୁ ସଂକଳ୍ପ ନେବାକୁ ପଡିବ ନିଜ ରକ୍ତାକ୍ଷରରେ । ଆମ ଭିତରର ଭୟକୁ ଜୟ କଲେ ହିଁ ବିଜୟ ଆମର ହାତପାଆନ୍ତରେ । ଜାତି-ଧର୍ମ-ବର୍ଣ୍ଣ-ଲିଙ୍ଗ ନିର୍ବିଶେଷରେ ଆମେ ସମସ୍ତେ ହେବା କାୟୋମନୋବାକ୍ୟରେ କ୍ରାନ୍ତିକାମୀ-ଅଗ୍ରଗାମୀ । ଆମ ଅଗ୍ରଗତିର ପଥ ଯେତେ ଦୁର୍ଗମ ହେଉପଛେ, ସେ ପଥ ହେଉ ବଜ୍ରଶପଥର ବନପଥ । ଆମ ମହାସଂଗ୍ରାମର ପାନିପଥ । ଆନ୍ଦୋଳନର ଆବର୍ତ୍ତ ପରେ ଆମେ ବିପ୍ଳବର ବିଜୟ ପତାକା ଉଡାଇବା ଦଳିତ-ଶୋଷିତ-ନିଷ୍ପେସିତର ନବନିର୍ମିତ ରାଜଧାନୀରେ । ଏଇଥିପାଇଁ ଆଜି ପ୍ରୟୋଜନ ସେଇ ପ୍ରଲୋଭନମୁକ୍ତ ଲୌହକଠିନ ଚରିତ୍ରବତ୍ତା – ଅଙ୍ଗୀକାରବଦ୍ଧ ଆଗ୍ନେୟ ଆଦର୍ଶ ଏବଂ ନିଷ୍ପାପର ନେତୃତ୍ୱର ଉଦାତ୍ତ ଆହ୍ୱାନ ।

ଆଜି ସମୟର ଆହ୍ୱାନ – ଆମେ ମଣିଷ ମାନବସମାଜର ମୁକ୍ତି ପାଇଁ ଏକ ନବମାନବସମାଜର ସମ୍ବିଧାନ ଘୋଷଣା ଜରିଆରେ ଶାନ୍ତି, ମୈତ୍ରୀ, ସାମ୍ୟ ପ୍ରତିଷ୍ଠା ଆମର ଲକ୍ଷ୍ୟ । ସମଗ୍ର ବିଶ୍ୱରେ ପେଟକୁ ଦାନା, ଦେହକୁ କନା, ମୁଣ୍ଡ ଗୁଞ୍ଜିବାକୁ ଅନ୍ତତଃ ବଖୁରିଏ ବସାଘର ପାଇବା – ଏ ମଣିଷଜାତିର ଜନ୍ମଗତ ଅଧିକାର । ଏ ବିଶ୍ୱ ଉପରେ ସମସ୍ତଙ୍କର ଅଧିକାର । ଆକାଶ, ପାତାଳ, ମର୍ତ୍ତ୍ୟ, ଜଳ, ଜଙ୍ଗଲ, ମାଟି, ମା – ସବୁ ଆମର । ମଣିଷ, ଜୀବଜନ୍ତୁ, ପଶୁପକ୍ଷୀ ସମସ୍ତଙ୍କର ଏ ମହାଜଗତ୍ ଉପରେ ଅଧିକାର ଅଛି । ମାତ୍ର ଆମ ଅଧିକାର ଆମେ କ'ଣ ସାବ୍ୟସ୍ତ କରିପାରୁଛେ ? ଆଜି ଆଉ ମୁଣ୍ଡରେ ହାତଦେଇ ବସିବାର ବେଳ ନାହିଁ – ନିଜ ଅଧିକାର ନିଜେ ଛିଣ୍ଡାଇ ଆଣିବା ।

ଶତଶତାବ୍ଦୀର ଉପେକ୍ଷିତ, ଅଭୁକ୍ତ ଭାରତଭୂଇଁ ହିଁ ହେଉଛି ଆମ ସମସ୍ତଙ୍କର କର୍ମଭୂମି, ମର୍ମଭୂମି, ଯୁଦ୍ଧଭୂମି ତଥା ବିଜୟଭୂମି । ଶଠ ରାଜନେତାଙ୍କ ଦୌରାତ୍ମ୍ୟରୁ ଶୋଷକ, ଶାସକଗୋଷ୍ଠୀଙ୍କ କୂଟଚକ୍ରାନ୍ତରୁ ମୁକ୍ତ କରିବାକୁ ହେବ କୋଟିକୋଟି ଅବହେଳିତ, ଦୀନଦରିଦ୍ର ଜନଗଣଙ୍କୁ । ପ୍ରଥମେ ଗାଁର, ମା'ର ସେବା କରିବା । ଧୀରେଧୀରେ ରାଜ୍ୟ, ପ୍ରଦେଶ ଦେଶବିଦେଶକୁ ସଜାଡିବାକୁ ଯୁଦ୍ଧଯାତ୍ରା ଆରମ୍ଭ କରିବା । ମାତୃଭୂମିର ଶୋଷିତ, ଲାଂଛିତ, ନିର୍ଯାତିତ, ଅନାହାରକ୍ଲିଷ୍ଟ, ଉତ୍ପୀଡିତଙ୍କ ମୁହଁରେ ହସ ଫୁଟାଇବା ପାଇଁ କ୍ଷୁଧା, ଦାରିଦ୍ର୍ୟ, ବେକାରି, ଅଶିକ୍ଷା, ଅନ୍ୟାୟ, ଅତ୍ୟାଚାର, ଭ୍ରଷ୍ଟାଚାର, ଶୋଷଣ, କଷଣ, ଅପସଂସ୍କୃତି, ବିକୃତ ବ୍ୟବସ୍ଥା, ସର୍ବୋପରି ମୃତ୍ୟୁଭୀରୁ ସମାଜବ୍ୟବସ୍ଥାର ମୂଳୋତ୍ପାଟନ ପାଇଁ ସଂଗ୍ରାମର ମଇଦାନ୍‌ରେ ନିଜକୁ ନିଃସ୍ୱାର୍ଥ ଭାବରେ ସାମିଲ କରିବାକୁ ହେବ । ପ୍ରଥମେ ନିଜକୁ ପରିବର୍ତ୍ତନ କରିବା, ନିଜ ବିରୁଦ୍ଧରେ ଲଢିବ । ନିଜ ଭିତରେ ଥିବା ଚରମ ଶତ୍ରୁ ବ୍ୟକ୍ତିବାଦ, ଅହମିକା, ଆତ୍ମକୈନ୍ଦ୍ରିକତା, କାମନା, ବାସନା, ହିଂସା, କ୍ରୋଧ, ଲୋଭ-ପ୍ରଲୋଭନ, ମୋହ, ଅନ୍ଧବିଶ୍ୱାସ, କୁସଂସ୍କାର, ଅପସଂସ୍କୃତି, ହତାଶାକୁ ହତ୍ୟା କରିବା ପ୍ରତି ମୁହୂର୍ତ୍ତରେ– 'ଅସମ୍ଭବ'କୁ ସମ୍ଭବ କରିବା ପାଇଁ ପଣ କରିବା । ନୂତନ ଚିନ୍ତା, ସତ୍ୟାନୁସନ୍ଧାନ, ପରୋପକାର ତଥା ଆତ୍ମବଳିଦାନର ବିରଳ ମାର୍ଗରେ ନିର୍ଭୀକ ଅଭିଯାତ୍ରୀଟିଏ ହେବା ପାଇଁ ଅଙ୍ଗୀକାରବଦ୍ଧ ହେବା । ସଂଯତ ଚାଳିଚଳନ, ବେଶପୋଷାକ, କଥାବାର୍ତ୍ତା, ଆଚାରବ୍ୟବହାର ଓ ଢଙ୍ଗଢାଙ୍ଗରେ ଜନଗଣଙ୍କର ନିକଟବର୍ତ୍ତୀ ହେବା ।

ଆଖି ଆଗରେ ଘଟିଯାଉଥିବା ଦାରୁଣ ଘଟଣା, ମାଆ ଭଉଣୀ, ଶିଶୁ ଓ ନିରୀହ ଲୋକଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ତତ୍‌କ୍ଷଣାତ୍ ମୁକାବିଲା ନିଶ୍ଚୟ କରିବା । ଆମର ମିତ୍ରମାନଙ୍କୁ କଷ୍ଟ ନଦେଇ ନିଜେ ସମସ୍ତ କ୍ଳେଶ ବରଣ କରି ଦେଶ ପାଇଁ ଯାବତୀୟ ଆହ୍ୱାନର ଚାପ ସହିବାକୁ ପଶ୍ଚାତ୍‌ପଦ ହେବାନାହିଁ । ଘରକାମ, ନିଜ କାମ, ସର୍ବୋପରି ଦେଶକାମ ସୁଚାରୁରୂପେ ତୁଲାଇବା ସାଙ୍ଗକୁ ଆମ ବାସସ୍ଥାନରେ ଅନ୍ୟୂନ ଗୋଟିଏ ଫଳନ୍ତି ଗଛ ଲଗେଇବା । ଆମ ଭିତରେ ଥିବା ଖରାପ ଅଭ୍ୟାସ, ନିଶା ସେବନ, ମନ୍ଦ ପ୍ରକୃତି, ଆମ ପାଇଁ ଓ ଅନ୍ୟମାନଙ୍କ ପାଇଁ କ୍ଷତିକାରକ, ତାକୁ ଯଥାଶୀଘ୍ର ପରିତ୍ୟାଗ କରିବା । ସାଧାରଣ ଲୋକ ଯେ କୌଣସି ବିପଦରେ ପଡ଼ିଥିଲେ ଯଥାଶକ୍ତି ଖଟାଇ ଯଥାସମ୍ଭବ ସାହାଯ୍ୟ କରିବା । ଜ୍ଞାନାଭ୍ୟାସ ଓ କର୍ମପ୍ରକ୍ରିୟା ମୂଳରେ ଥିବା ବ୍ୟବଧାନକୁ ହ୍ରାସ କରିବା ନିମନ୍ତେ ପ୍ରତ୍ୟେକ ସଜାଗ ମୁହୂର୍ତ୍ତରେ ପ୍ରସ୍ତୁତ ରହିବା । ସକାଳ ୫ଟା ବ୍ରହ୍ମମୁହୂର୍ତ୍ତରେ ନିଦ୍ରା ତ୍ୟାଗ କରିବା । ରାତି ୧୧ଟାରେ ଶୟନ କରିବା । ସମକାଳୀନ ସମାଜ ଜୀବନରେ ପରିଲକ୍ଷିତ ଜଡତା ଓ ନିଷ୍କ୍ରିୟତାର ଦୂରୀକରଣ କରି ସାମାଜିକ ସଂସ୍କାର ଓ ସୌହାର୍ଦ୍ଦ୍ୟର ବାତାବରଣ ସୃଷ୍ଟି କରିବା ଦିଗରେ ସବୁମନ୍ତେ ଉଦ୍ୟମ କରିବା । ଆଦର୍ଶ ପାଠାଗାର, ଶିକ୍ଷାଶିବିର, ସାଂସ୍କୃତିକ ତଥା ନାନାବିଧ କ୍ରୀଡ଼ାକେନ୍ଦ୍ର ପ୍ରତିଷ୍ଠା କରି ସ୍ଥାନୀୟ ବାତାବରଣକୁ ପ୍ରାଣବନ୍ତ କରିବା ପାଇଁ ପ୍ରଚେଷ୍ଟା କରିବା । ରୁଗ୍‌ଣ ରାଜନୀତିର ମାୟାଜାଲରେ ଛନ୍ଦିହେଉଥିବା ନିଜ ଭୂମିର ମଣିଷମାନଙ୍କ ସୁଖଦୁଃଖରେ ଭାଗୀଦାର ହୋଇ ସେମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଦିଗରେ ବଜ୍ରବାହୁ ପରି କାର୍ଯ୍ୟ କରିଯିବା । 'ମୁକୁଟ ଠାରୁ ମୁଣ୍ଡ ମୂଲ୍ୟବାନ୍' । ପଦପଦବୀ, ମୁକୁଟ ପଛରେ ନଗୋଡାଇ ବିଶ୍ୱ ପରିବର୍ତ୍ତନ ମହାସଂଗ୍ରାମରେ ମୁଣ୍ଡ ଖଟାଇବା । ପଛରେ ଅନ୍ଧାର, ଆଗରେ ଆଲୋକ – ଆଗେଇଚାଲ ଚିର ନିର୍ଭୀକ । କଷ୍ଟ କିମ୍ବା ମୃତ୍ୟୁକୁ ଭୟ କରିବା ନାହିଁ । ଆମେ ହେବା ଜଗତ୍‌ଜିତା ।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ଭାରତୀୟ ସଂସ୍କୃତିରେ ପିତୃପକ୍ଷ

ଆର୍ତ୍ତତ୍ରାଣ ରାଉତ

ଭାରତୀୟ ସଂସ୍କୃତି ହେଉଛି ତ୍ୟାଗ, ସଂସ୍କାର, କୃତଜ୍ଞତା ଏବଂ ମାନବୀୟ ମୂଲ୍ୟବୋଧର ଏକ ମହାନ ଗାଥା । ଏହି ପବିତ୍ର ଭୂମିରେ କେବଳ ଜୀବିତ ମାନଙ୍କ ସହ ସମ୍ପର୍କ ରଖାଯାଏ ନାହିଁ, ବରଂ ଇହଲୋକ ତ୍ୟାଗ କରି ସାରିଥିବା ପୂର୍ବପୁରୁଷ ବା ପିତୃପୁରୁଷମାନଙ୍କ ସହିତ ମଧ୍ୟ ଆଧ୍ୟାତ୍ମିକ ସେତୁ ରକ୍ଷା କରାଯାଇଥାଏ । ଏଠାରେ କେବଳ ଜୀବିତ ମାନଙ୍କୁ ନୁହେଁ, ବରଂ ଇହଲୋକ ତ୍ୟାଗ କରି ଚାଲିଯାଇଥିବା ପୂର୍ବପୁରୁଷ ବା ପିତୃପୁରୁଷମାନଙ୍କୁ ମଧ୍ୟ ଅତ୍ୟନ୍ତ ଶ୍ରଦ୍ଧାର ସହ ସ୍ମରଣ କରାଯାଇଥାଏ । ଏହି କାଳଜୟୀ ପରମ୍ପରାର ସବୁଠାରୁ ବଡ଼ ପ୍ରତୀକ ହେଉଛି 'ପିତୃପକ୍ଷ' ବା 'ମହାଳୟା ପକ୍ଷ' । ପ୍ରତିବର୍ଷ ଭାଦ୍ରବ ମାସର ପୂର୍ଣ୍ଣିମାଠାରୁ ଆରମ୍ଭ କରି ଆଶ୍ୱିନ ମାସର ଅମାବାସ୍ୟା (ମହାଳୟା) ପର୍ଯ୍ୟନ୍ତ ୧୫ ଦିନର ସମୟକୁ ପିତୃପକ୍ଷ ଭାବେ ପାଳନ କରାଯାଏ ।

ଏହି ସମୟ ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଏକ ପବିତ୍ର ଅବସର । ଆଧ୍ୟାତ୍ମିକ ଦୃଷ୍ଟିରୁ ଏହା ଆତ୍ମାର ସମ୍ପର୍କକୁ ଦୃଢ଼ କରିବା ସହ ସାମାଜିକ ସ୍ତରରେ ମାନବ ସମାଜକୁ ଏକତା ସୂତ୍ରରେ ବାନ୍ଧିବାର ଏକ ଅନନ୍ୟ ମାଧ୍ୟମ । ପିତୃପକ୍ଷର ମହତ୍ତ୍ୱ କେବଳ ପୂଜାପାଠ କିମ୍ବା ବାହ୍ୟ ଧାର୍ମିକ ରୀତିନୀତି ମଧ୍ୟରେ ସୀମିତ ନୁହେଁ । ଏହାର ସାମାଜିକ, ପାରିବାରିକ ଏବଂ ଅନ୍ତର୍ନିହିତ ସନାତନ ଆଧ୍ୟାତ୍ମିକ ବିଜ୍ଞାନ ଅତ୍ୟନ୍ତ ଗଭୀର । ସନାତନ ଧର୍ମ ଦର୍ଶନ ଅନୁସାରେ, ମଣିଷ ଶରୀର ଧାରଣ କରି ଜନ୍ମ ହେବା ପରେ ମୁଖ୍ୟତଃ ତିନୋଟି ଋଣରେ ବାନ୍ଧି ହୋଇଥାଏ— ଦେବ ଋଣ, ଋଷି ଋଣ ଏବଂ ପିତୃଋଣ । ଆମର ଅସ୍ତିତ୍ୱ, ଶରୀର, ସଂସ୍କାର ଏବଂ ସମୃଦ୍ଧି ପଛରେ ଆମ ପୂର୍ବପୁରୁଷଙ୍କ ରକ୍ତ, ସଂଘର୍ଷ ଓ ଆଶୀର୍ବାଦ ରହିଛି । ପିତୃପକ୍ଷରେ ତର୍ପଣ ଓ ଶ୍ରାଦ୍ଧ କରି ଆମେ ସେମାନଙ୍କ ପ୍ରତି ଆମର ପରମ କୃତଜ୍ଞତା ପ୍ରକାଶ କରିଥାଉ । ଆଧ୍ୟାତ୍ମିକ ବିଶ୍ୱାସ ଅଛି ଯେ, ଶ୍ରଦ୍ଧାପୂର୍ବକ ଦିଆଯାଉଥିବା ଜଳ ଓ ପିଣ୍ଡଦାନ ଦ୍ୱାରା ପିତୃଲୋକରେ ଥିବା ଆତ୍ମାମାନେ ତୃପ୍ତି ଲାଭ କରନ୍ତି ଏବଂ ସେମାନଙ୍କର ଊର୍ଦ୍ଧ୍ୱଗତି ହୋଇଥାଏ, ଯାହା ବଂଶଧରମାନଙ୍କ ଜୀବନକୁ ସୁଖମୟ କରିଥାଏ । ପିତୃପକ୍ଷରେ ତର୍ପଣ ଓ ପିଣ୍ଡଦାନ କରି ଆମେ ସେମାନଙ୍କ ପ୍ରତି ଆମର କୃତଜ୍ଞତା ପ୍ରକାଶ କରିଥାଉ, ଯାହା ଦ୍ୱାରା ପିତୃଋଣରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । 'ଶ୍ରଦ୍ଧୟା ଦୀୟତେ ଇତି ଶ୍ରାଦ୍ଧମ୍' ଅର୍ଥାତ୍ ଯାହା ଶ୍ରଦ୍ଧାର ସହ ଦାନ କରାଯାଏ, ତାହା ହିଁ ଶ୍ରାଦ୍ଧ । ଏହି ପକ୍ଷରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଜଳତର୍ପଣ, ଅନ୍ନ ଏବଂ ବସ୍ତ୍ର ଦାନ କରାଯାଏ । ମାନ୍ୟତା ଅଛି ଯେ ଏହି ୧୫ ଦିନ ପିତୃଲୋକରୁ ପୂର୍ବପୁରୁଷମାନେ ମର୍ତ୍ତ୍ୟମଣ୍ଡଳକୁ ଆସନ୍ତି ଏବଂ ନିଜ ବଂଶଧରଙ୍କ ସେବା ଓ ଶ୍ରଦ୍ଧାରେ ପ୍ରସନ୍ନ ହୋଇ ସେମାନଙ୍କୁ ସୁଖ, ସମୃଦ୍ଧି ଓ ଦୀର୍ଘାୟୁର ଆଶୀର୍ବାଦ ପ୍ରଦାନ କରନ୍ତି । ପିତୃପକ୍ଷର ସାମାଜିକ ଦିଗଟି ଅତ୍ୟନ୍ତ ପ୍ରେରଣାଦାୟୀ । ଏହି ଅବସରରେ ଦାନ, ପୁଣ୍ୟ ଓ ସେବା କାର୍ଯ୍ୟ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥାଏ । ଗରିବ, ଅସହାୟ ଓ ବ୍ରାହ୍ମଣମାନଙ୍କୁ ଭୋଜନ କରାଇବା ଏବଂ ବସ୍ତ୍ର ଦାନ କରିବା ଦ୍ୱାରା ସମାଜରେ ଥିବା ଆର୍ଥିକ ତାରତମ୍ୟ ଦୂର ହୁଏ ଏବଂ ପରସ୍ପର ମଧ୍ୟରେ ସହାନୁଭୂତି ବୃଦ୍ଧି ପାଏ । ଯେତେବେଳେ ଜଣେ ବ୍ୟକ୍ତି ନିଜ ପୂର୍ବପୁରୁଷଙ୍କ ସ୍ମୃତିରେ ସମାଜର ଅଭାବୀ ଲୋକଙ୍କୁ ସାହାଯ୍ୟ କରେ, ସେତେବେଳେ ସମାଜରେ ମାନବିକତା ଏବଂ ଭ୍ରାତୃଭାବ ଅଧିକ ଦୃଢ଼ ହୋଇଥାଏ ।

ଆଜିର ଆଧୁନିକ, ବ୍ୟସ୍ତବହୁଳ ଓ ଏକକ ପରିବାର ଯୁଗରେ ମଣିଷ ନିଜର ଚେରକୁ ଭୁଲିଯାଉଛି । ନୂତନ ପିଢ଼ିର ପିଲାମାନେ ସେମାନଙ୍କ ଜେଜେବାପା, ଓ ଜେଜେମା କିମ୍ବା ପୂର୍ବପୁରୁଷଙ୍କ ନାମ ଓ ସେମାନଙ୍କର ଅବଦାନ ବିଷୟରେ ଜାଣିବାକୁ ସୁଯୋଗ ପାଉନାହାନ୍ତି । ପିତୃପକ୍ଷ ନିଜର ବଂଶାବଳୀ ଓ ଇତିହାସକୁ ମନେ ପକାଇବାର ଏକ ସୁନ୍ଦର ମାଧ୍ୟମ ।

ପିତୃପକ୍ଷ ସମୟରେ ଘରେ ପୂର୍ବପୁରୁଷଙ୍କ ଆଲୋଚନା ହେବା ଦ୍ୱାରା ପିଲାମାନେ ନିଜର ବଂଶାବଳୀ ଓ ପାରିବାରିକ ଇତିହାସ ସହ ପରିଚିତ ହୁଅନ୍ତି । ଏହା ସେମାନଙ୍କ ମନରେ ନୈତିକତା, ଜ୍ୟେଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ଏବଂ ସଂସ୍କାରର ବୀଜ ବପନ କରେ । ଆଧ୍ୟାତ୍ମିକ ଦୃଷ୍ଟିରୁ ପିତୃପକ୍ଷ ଆମକୁ ଶିଖାଏ ଯେ ସଂସାରର ସମସ୍ତ ଜୀବ ଏକାଠି ଜଡ଼ିତ । ଏହି ୧୫ ଦିନ ମଧ୍ୟରେ କେବଳ ମଣିଷ ନୁହେଁ, ବରଂ ପଶୁପକ୍ଷୀ, ବିଶେଷ କରି କାଉ (ବାୟସ), ଗୋମାତା ଏବଂ କୁକୁର ଆଦିଙ୍କୁ ଶ୍ରାଦ୍ଧର ଅନ୍ନ ଅର୍ପଣ କରାଯାଏ । ଏହା ଦର୍ଶାଏ ଯେ ପ୍ରକୃତିର ପ୍ରତିଟି ଜୀବ ମଧ୍ୟରେ ସେହି ଏକା ଈଶ୍ୱରୀୟ ସତ୍ତା ବିରାଜମାନ । ଏହି ପରମ୍ପରା ମାଧ୍ୟମରେ ମଣିଷ ନିଜର ଅହଂକାର ତ୍ୟାଗ କରି ସମଗ୍ର ସୃଷ୍ଟି ପ୍ରତି ଦୟା ଓ ପ୍ରେମଭାବ ରଖିବାକୁ ଶିଖେ, ଯାହା ଭାରତୀୟ ସଂସ୍କୃତିର ମୂଳମନ୍ତ୍ର 'ବସୁଧୈବ କୁଟୁମ୍ବକମ୍' (ସମଗ୍ର ବିଶ୍ୱ ଆମ ପରିବାର) କୁ ଚରିତାର୍ଥ କରେ । ଭାରତୀୟ ଚେତନାରେ ପିତୃପକ୍ଷ କୌଣସି ନକାରାତ୍ମକତା ବା ଶୋକର ସମୟ ନୁହେଁ, ବରଂ ଏହା ହେଉଛି ପରମ ଶ୍ରଦ୍ଧା, ଆତ୍ମସମୀକ୍ଷା ଏବଂ ସାମାଜିକ ସେବାର ଏକ ପବିତ୍ର ପର୍ବ । ମହାଳୟା ଅମାବାସ୍ୟାରେ ପିତୃପୁରୁଷଙ୍କୁ କୃତଜ୍ଞତାର ସହ ବିଦାୟ ଦେବା ସହିତ ଦେବୀ ଦୁର୍ଗାଙ୍କ ଆଗମନ ବା ପାର୍ବଣ ଋତୁର ଶୁଭାରମ୍ଭ ହୋଇଥାଏ । ଏହା ଆମକୁ ମନେ ପକାଇଦିଏ ଯେ, ଯେଉଁ ସମାଜ ନିଜର ଅତୀତ ଓ ପୂର୍ବପୁରୁଷଙ୍କୁ ସମ୍ମାନ ଦିଏ, ସେହି ସମାଜର ଭବିଷ୍ୟତ ସର୍ବଦା ଉଜ୍ଜ୍ୱଳ ଓ ସୁରକ୍ଷିତ ରହେ । ଆସନ୍ତୁ, ଏହି ପିତୃପକ୍ଷରେ ଆମର ପୂର୍ବପୁରୁଷମାନଙ୍କୁ ଆନ୍ତରିକତାର ସହ ସ୍ମରଣ କରିବା, ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଏବଂ ସମାଜର ମଙ୍ଗଳ ପାଇଁ ନିଜକୁ ନିୟୋଜିତ କରିବା । ତାହା ହିଁ ହେବ ସେମାନଙ୍କ ପ୍ରତି ପ୍ରକୃତ ତର୍ପଣ । ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନରେ ପିତୃପକ୍ଷର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ବିଶେଷ କରି ଶ୍ରୀକ୍ଷେତ୍ର ପୁରୀର ବାଇଶି ପାହାଚରେ ପିଣ୍ଡଦାନର ମହତ୍ତ୍ୱ ପୁରାଣ ପ୍ରସିଦ୍ଧ ।

ଭୁବନେଶ୍ୱର
ମୋ: ୯୩୩୭୮୩୪୪୧୧

# ଦେଲା ହାତ ସରେ ନାହିଁ

ଧ୍ରୁବ ଚରଣ ଘିବେଲା

କିଛି ଦିନ ତଳେ ଯାଇଥିଲି ଦେବଗଡ଼ । ବୌଦ୍ଧରୁ ଦେବଗଡ଼ ପାଖାପାଖି ୧୧୫ କିଲୋମିଟର । ବାହାରିଲି ଦିନ ୧୦ ଟାରେ । ବୌଦ୍ଧରୁ ଅଳ୍ପ ଟିଫିନ କରି ବାହାରିଥିଲି । ତଥାପି ରେଢ଼ାଖୋଲ କଲେଜ ଛକରେ ଥିବା ଝୁପୁଡ଼ି ଜଳଖିଆ ଦୋକାନରେ ଅଟକିଥିଲୁ ଆଉ କିଛି ଜଳଖିଆ ଖାଇ ନେବା ପାଇଁ । ବିକ୍ରମ ଗାଡ଼ି ରଖିଲା । ମୁଁ ତିନୋଟି ବରା ଖାଇଲି । ତାପରେ ପୁଣି ବାହାରିଲୁ ଦେବଗଡ଼ ଅଭିମୁଖେ । ଦେବଗଡ଼ ରାସ୍ତାରେ ଗୋଧିଡ଼ିପ ଛକ ପରେ ରାସ୍ତାକଡ଼ର ଗୋଟେ ଚା ଦୋକାନରେ ଅଟକିଲୁ । ବିନା ଚିନିର ଚା କଥା କହିବାରୁ ଚା ଦୋକାନୀ ଧାଇଁ ଯାଇ କ୍ଷୀର ପ୍ୟାକେଟଟେ ନେଇ ଆସି ଚା ବସାଇଲା ।

ଆଗରୁ ସେଠି ତିନି ଜଣ ଯୁବକ ବସି ଗପୁଥିଲେ ।। ଜଣେ କହିଲେ ଆଗାମୀ ପଞ୍ଚାୟତ ଇଲେକ୍ସନରେ ଆମ ଗାଁରୁ ବିରେନ ଓ ପାଖ ପଞ୍ଚାୟତରୁ ସୁରେନ ସରପଞ୍ଚ ପ୍ରାର୍ଥୀ ହେଉଛନ୍ତି । ଆଗୁଆ ପ୍ରସ୍ତୁତି ସେମାନେ ଚଳେଇଲେଣି । ଲୋକବାକ ସେଟସାଟ ଚାଲିଛି । ସେଠି ବିରେନ ବି ଥିଲେ ତାହା ତାଙ୍କ କଥାବାର୍ତ୍ତାରୁ ଠଉରେଇଥିଲି । ଜଣେ କହିଲା ଭାଇ ବିରେନ, ତୁମେ ଆମକୁ ଆଗୁଆ ଖାଇବାକୁ ଦେଇ ଦିଅ । ବିରେନ କହିଲା, ମୁଁ ଭାଇ ଗରିବ ଲୋକ । ପାଞ୍ଚ ଖଣ୍ଡ ଗାଁ ଲୋକ ଚାହୁଁଛନ୍ତି ବୋଲି ଠିଆ ହେବାକୁ ଭାବିଛି । ବାକି ଦି' ଜଣ କହିଲେ ତୁମେ ଠିଆ ହୁଅ ଭଲ ହେବ । ଆମେ ଅଛୁ । ହେଲେ ଗରିବ ବୋଲି ଏମିତି ବାହାନା କଲେ କେମିତି ହେବ । ଅସଲକୁ ଦେବାର ମାନସିକତା ଥାଏ ଗରିବଙ୍କ । ଗରିବର ହାତ ଖୋଲା ମେଲା ଥାଏ । ଲୋକୋକ୍ତି ରହିଛି – 'ଦେଲା ହାତ ସରେ ନାହିଁ, ନେଲା ହାତ ପୂରେ ନାହିଁ ।' ଅସଲ ଧନୀଙ୍କ ଚିପା ହାତରୁ କିଛି ନିଗିଡ଼େ ନାହିଁ । ଧନୀ ଲୋକ ସହଜରେ ଅନ୍ୟକୁ କିଛି ଦିଅନ୍ତି ନାହିଁ । ସେମାନଙ୍କ କଥୋପକଥନରୁ ଗୋଟେ ମଞ୍ଜି କଥା ମୋତେ ଭଲ ଲାଗିଥିଲା, ତାହା ହେଉଛି 'ଦେଲା ହାତ ସରେ ନାହିଁ, ଆଉ ନେଲା ହାତ ପୂରେ ନାହିଁ ।'

ଏହା ଶୁଣି ଭାବିଲି ନିହାତି ସତ କଥା ତ ଏହା । ମୁଁ ଦେଖିଛି ଅନେକ ଥିଲାବାଲା ଦେବାକୁ କୁଣ୍ଠିତ ହୁଅନ୍ତି । ନେବାକୁ ହମହମ ହୁଅନ୍ତି । ଚା ପିଇ ସାରିଲା ପରେ ପୁଣି ଯାତ୍ରା ଗୋଧିଡ଼ିପରୁ ଆରମ୍ଭ ହେଲା । ହେଲେ ଦେବା ନେବା ନେଇ ଆମ୍ଭ ଛୋଟ ମନ ମସ୍ତିଷ୍କରେ ଭାବନାର ଖିଅ ଲମ୍ବି ଚାଲିଥିଲା । ସତରେ କେତେକଙ୍କୁ ଧନ ସଞ୍ଚିବାର ଏମିତି ନିଶା ଘାରିଥାଏ ଯେ ସେମାନେ କାହାକୁ ଖାଇବାକୁ ଦେବା କଥା ଛାଡ଼, ନିଜ ପାଟି ପେଟ ସୁଖ ପାଇଁ ବି ଖାଆନ୍ତି ନାହିଁ । ହେଲେ କାହାଠୁ ପାଇଲେ ଗିଳି ପକାନ୍ତି । ଦୈବାତ ସେ ଖାଉଥିଲେ କେବେ ତାଙ୍କୁ ଦେଇଥିବା ଲୋକକୁ ଦେଖିଦେଲେ ନିଜେ ଚଟାପଟ ଗିଳି ଦେଇ ସେଇଠୁ ଛୁ ମାରନ୍ତି । କେତେକ ପୁଣି କେଉଁଠି କିଣି ଖାଇବା କଥା ଉଠିଲେ ଡାଇବେଟିସର ବାହାନା କରନ୍ତି । କିଏ ଖାଇବାକୁ ଡାକିଲେ ଆଗ ଦଉଡ଼ନ୍ତି । ଆଳୁ ଆଇଟମର ଆଳୁଚପ, ସିଙ୍ଗଡ଼ା ବି ଖାଇ ପକାନ୍ତି । ରସଗୋଲା ବି ଗିଳି ଦିଅନ୍ତି । ଆଜିର ଦିନରେ ଅନେକ ଲୋକ, ଧନୀ ହୋଇଥାନ୍ତି ଅତ୍ୟଧିକ ସଞ୍ଚୟ ମାନସିକତାରୁ ପୁଣି ତାହା ନ ଖାଇ ନ ପିଇ ଗଚ୍ଛିତ ରଖି । ପ୍ରତ୍ୟେକ ଜିନିଷର ଉପଯୁକ୍ତ ବିନିଯୋଗ ହେବା ଚାହି । ଖାଲି ଥାକ ଥାକ କରି ରଖିଲେ ତାର ବିଶେଷ ମୂଲ୍ୟ ରହି ନ ଥାଏ । ଜ୍ଞାନ ଥାଇ ଜ୍ଞାନ ନ ବାଣ୍ଟିଲେ ତାର ମୂଲ୍ୟ ନ ଥାଏ । ଧନ ଥାଇ ଦାନ ନ କଲେ ସେ ଧନର କି ମୂଲ୍ୟ ? ଶେଷକୁ ଚୋର ଥଣ୍ଟଙ୍କ ହାବୁଡ଼ରେ ପଡ଼ି ଧନ ନାଶ ଯାଇଥାଏ । ଅପାତ୍ର ମୁହଁରେ ପଡ଼େ । ଗରିବ ନିର୍ଦ୍ଧନ ନ ଥାଇ ବି ଅନ୍ୟକୁ ଦେଇ ଥୋଇ ଖୁସି ସାଉଁଟେ । ଖୁସି ଅନୁଭବ କରେ । ଧନୀ ଦେଲେ ସ୍ୱାର୍ଥ ଥାଇ ଦିଅନ୍ତି । ସତରେ ଯେଉଁମାନେ ଦେଇ ଅନ୍ୟ ମୁହଁରେ ହସ ଫୁଟେଇପାରନ୍ତି, ସେମାନେ ମହାନ ନିଶ୍ଚୟ । ସେମାନଙ୍କ ପାଇଁ 'ଦେଲା ହାତ ସରେ ନାହିଁ' ଉକ୍ତିଟି ବେଶ ପ୍ରଯୁଜ୍ୟ । ଅନ୍ୟପାଖେ ଧନୀର ଧନଘରେ ଯେତେ ଭରି ଭର୍ତ୍ତି ହେଲେ ବି ଧନୀର ଅମାର ଭରିବା ନିଶାରେ କେବେ ବ୍ରେକ ପଡ଼ି ନ ଥାଏ । ସେଭଳିଆ ଧନୀଙ୍କ ପାଇଁ 'ନେଲା ହାତ ପୂରେ ନାହିଁ' ଉକ୍ତିଟି ଅକ୍ଷରେ ଅକ୍ଷରେ ସତ ମନେହୋଇଥାଏ ।

ବଉଦରାଜ, ବୌଦ୍ଧ
ମୋ. ୯୪୩୭୪୭୮୪୬୬





## ମାଆ ଆସୁଛନ୍ତି

### ପ୍ରଶାନ୍ତ କୁମାର ଦାଶ



ମାଆ ଆସୁଛନ୍ତି ନାଶିବେ ଅସୁର
ଶାନ୍ତି ଖେଳିଯିବ ଛାଆଁକୁ
କରିବେ ସରସ ସୁନ୍ଦର୍ ଧରାରେ
ସହର ସାହି ଓ ଗାଆଁକୁ ।।

ଫୁଟିଲାଣି ସୁନାରଙ୍ଗୀ ଜହ୍ନିଫୁଲ
ଜକ ଜକ ସେତ ଦିଶୁଛି
ଅଳସୀନଈଟି ଗାଇ ମିଠା ଗୀତ
ଦରିଆ ଦେହରେ ମିଶୁଛି ।।

ନୀଳ ଆକାଶରେ ଭାସେ ଧଳାମେଘ
ନାହିଁ ବରଷାର ଡରଟି
ଗୋବରରେ ଲିପି ଝୋଟି ଚିତା ଦେଇ
ସଜେଇଛି ବୋଉ ଘରଟି ।।

ମାଆ ଆସୁଛନ୍ତି ମେଢ଼ ମଣ୍ଡପରେ
ବସିକି ପାଇବେ ପୂଜାତ
ଶଙ୍ଖ ଭେରୀ ତୂରୀ ବାଜିବ ମହୁରୀ
ତେଲିଙ୍ଗି ବାଇଦ ବାଜାତ ।।

ଧଳା କାଶତଣ୍ଡୀ ରୂପତ କରୁଚି
ମଣିଷ ମନକୁ କୁହୁକ
ରାତି ପାହାନ୍ତାରୁ ଛୁଟାଉଛି ଫୁଟି
ଗଙ୍ଗଶିଉଳି ତା ମହକ ।।

ଭାଙ୍ଗି ବାଡ଼ ଡେଇ ସୁନା ସଂସାରର
ସୁଖ ଶାନ୍ତି ଯିଏ ନାଶୁଚି
ଏଇ ଶରତରେ ଆମ ମରତରେ
ମାଆ ଦୟାମୟୀ ଆସୁଚି ।।

ମାଆ ଆସୁଛନ୍ତି ଅଧୀରେ ଭକତ
ଗାଉଚି ଜଣାଣ ତାହାର
ଦେଇଯିବେ ମାଆ ଭୋକିଲା ପେଟକୁ
ମନଜାଣି ଫଳ ଆହାର ।।

କୁଞ୍ଜର -ସଙ୍ଗଳାଇ, ପିପିଲି -ପୁରୀ
ମୋବାଇଲ -୯୬୭୮୮୨୨୧୯୦

## ଚଢ଼େଇଟିଏ

### ଭୁବନାନନ୍ଦ ପାଣିଗ୍ରାହୀ



ଚଢ଼େଇଟିଏ ମୁଁ ଚଢ଼େଇଟିଏ
ନୀଳ ଆକାଶର ଚଢ଼େଇଟିଏ
ଟିକି ଟିକି ଡେଣା ଝାଡ଼ି ମୁଁ ଦିଏ
ମନ ମୋର ଯେବେ ଯୁଆଡ଼େ ହୁଏ ।
ଟାଣୁଆ ଖରା ତାତିକୁ ଜମା
ଖାତିର କେବେ କରେନି ମୁହିଁ
ଉଡ଼ି ଉଡ଼ି ଯାଏ ବହୁତ ଦୂର
ଆକାଶର ଧଳା ବଉଦ ଛୁଇଁ ।
ଘୂରି ଘୂରି ବୁଲେ ପାହାଡ଼ ବଣ
ଟିକି ଝରଣାର ପାଣି ମୁଁ ପିଏ
ସୁଲୁ ସୁଲୁ ଯେବେ ପବନ ବହେ
ମିଠା ମିଠା ସୁରେ ଗୀତଟେ ଗାଏ ।
ଜାତି ଜାତି ଫଳ ଖୋଜି ମୁଁ ଖାଏ
ଟିକି ଥଣ୍ଟିରେ ସୁଆଦ ଚାଖି
ଭାବିଲ ଥରେ, କହିଲ ଦେଖି
ମୋ ଠାରୁ କିଏ ସେ ଅଛିରେ ସୁଖୀ ?
ସୂରୁଜ ବୁଡ଼ିଲେ ନଇଁଲେ ସଞ୍ଜ
ଥିଇରି ଥିଇରି ଗଡ଼ିଲେ ବେଳ
ଟିକି ଡେଣା ଝାଡ଼ି ଫେରି ମୁଁ ଯାଏ
ଉଚ୍ଚ ବରଗଛ ବସାକୁ ମୋର ।

ଗେଡ଼ିଆପଲ୍ଲୀ, ଖୋର୍ଦ୍ଧା -୭୫୨୦୬୧
ମୋ - ୯୯୩୭୭୨୪୩୧୨

## ଫେରି ଆସ ବାପୁ

### ଶ୍ରୀମତୀ ଉତ୍ତରା ନାୟକ

ଫେରି ଆସ ବାପୁ ସରଗ ରାଇଜୁ
ଫେରି ଆସ ଫେରି ଆସ
ଭାରତ ମାତାର ଭାଗ୍ୟ ବିଧାତା ହେ
ଫୁଟାଇ ମୁଖରେ ହସ
ହେ ଅମର ବୀର, ଏଇ ଅକ୍ଟୋବର
ଦୁଇ, ତୁମ ଜନ୍ମ ଦିନ
ହୃଦୟ ପ୍ରାଣରେ ଭରି ଦିଏ ଶାନ୍ତି
ଶୁଣିଦେଲେ ତୁମ ନାମ
ଜନମ ଭୂଇଁର ଆଖି କୋଣେ ଲୁହ
ଦେଖିଥିଲ ବଡ଼ ହୋଇ
ସେଦିନୁ ଶପଥ କରିଲ, ଦେଶକୁ
ସ୍ୱାଧୀନ କରିବା ପାଇଁ
ଦିନ ଥିଲା ଦିନେ ଏଇ ମାଟି ପାଇଁ
ଆତ୍ମ ବଳି ଦେଇଥିଲ
ବିଦେଶୀ କବଳୁ ଭାରତ ମାତାକୁ
ମୁକ୍ତିପଥ ଦେଖାଇଲ

ପରାଧୀନତାର - ଶୃଙ୍ଖଳ ଛିଣ୍ଡାଇ
ମାଟି ମାଆ ଓଠେ ହସ
ଭରି ଦେଇଥିଲ, ଜୀବନଟା ସାରା
ସହି କ୍ଳେଶ, କାରା ବାସ
' ସତ୍ୟର ବୀଜୟ ହୁଏ ' ଏହି କଥା
ସଦାବେଳେ କହୁଥିଲ
' ଅହିଂସା ବଳରେ ବଳିୟାନ ଆମ'
ଏହି ଶିକ୍ଷା ଦେଉଥିଲ
' ଭାରତର ପୁଅ ବୀର ପୁଙ୍ଗବ ସେ,
ଡରେ ନାହିଁ, ହାରେ ନାହିଁ
ହାରିଗଲେ ନାମ ସ୍ୱର୍ଣ୍ଣାକ୍ଷରେ ରହେ
ଅମର ଶହୀଦ ହୋଇ'
ସାଗରର ନୀଳ ଉଚ୍ଛୁଳା ତରଙ୍ଗ
ତ୍ୱ ଯଶ, କିର୍ତ୍ତୀ ଗାଏ
ଗଗନ, ପବନ, ନଦ, ନଦୀ, ବନ
ତୁମକୁ ମନେ ପକାଏ
କୋଟିଏ ପ୍ରଣତି ଘେନ ହେ ମହାତ୍ମା
ସରଗରୁ ଆସ ଫେରି
ତୁମ ଆଗମନେ, ହିଂସା, ଅହମିକା
ସବୁ ଯାଉ ଅପସରି

ବିଟଣା କେନ୍ଦ୍ରାପଡା
୮୨୬୦୯୬୦୧୫୫

# ଦୁଇଟି ନାମ ଗୋଟିଏ ରୂପ

### ସୁଧାଂଶୁ ଶେଖର ଦ୍ୱିବେଦୀ

ଗଙ୍ଗା କୂଳରେ ଗାଁଟିଏ । ସେ ଗାଁରେ କାଲୁ ପାତ୍ର ଜଣେ ଭଲ ଚାଷୀ ଭାବେ ଜଣାଶୁଣା ।ଦିନେ ସେ ତା' ସ୍ତ୍ରୀକୁ କହିଲା-କାମ କରି କରି ସାରା ଜୀବନ ବିତିଗଲାଣି ।ଏବେ ଚାଲ ଠାକୁର ନାମ ଜପ କରିବା । ମୁଁ ତ ପ୍ରତିଦିନ ଭଗବାନ ଶିବଙ୍କ ନାମ ଜପ କରୁଛି ।ତା' ସ୍ତ୍ରୀ କହିଲା ।

ତୁ ଭୁଲ କରୁଛୁ । ବିଷ୍ଣୁ ଭଗବାନଙ୍କ ନାମ ଜପ କର ।ସେ ପରା ସବୁ ଦେବ ଦେବୀଙ୍କ ଅପେକ୍ଷା ମହାନ ।କାଲୁ ଜଣେଇଲା ।

କଥାକୁ ନେଇ ଦୁହିଙ୍କ ମଧ୍ୟରେ ଯୁକ୍ତି ତର୍କ ଆରମ୍ଭ ହେଇଗଲା । କାଲୁ କହିଲା ବିଷ୍ଣୁ ବଡ଼ ତ ତା' ସ୍ତ୍ରୀ କହିଲା ଶିବ ବଡ଼ ।

ଗଙ୍ଗା କୂଳରେ ଜଣେ ସାଧୁ ରହୁଥାନ୍ତି ।କଥାର ସମାଧାନ ପାଇଁ ଦୁହେଁ ତାଙ୍କ ନିକଟରେ ପହଞ୍ଚିଲେ ।ସାଧୁ ଦୁହିଙ୍କ କଥା ଶୁଣି କହିଲେ-ମଁଶ ତୁମ ଦୁହିଙ୍କ କଥାର ସମାଧାନ ଆସନ୍ତା କାଲି କରିବି । ତୁମେ ଦୁହେଁ ସକାଳେ ଏଠିକୁ ଆସିବ ।

ତା ପରଦିନ ସକାଳ ହେବା ମାତ୍ରେ ଦୁହେଁ ସାଧୁଙ୍କ ନିକଟରେ ହାଜର ।ସାଧୁ କାଲୁ ଓ ତା' ସ୍ତ୍ରୀକୁ ଇଶାରା କରି କହିଲେ-ତୁମେ ଦୁହେଁ ଗଙ୍ଗାରେ ସ୍ନାନ ସାରି ଆସ,ମୁଁ ତୁମ ସମସ୍ୟା ସମାଧାନ କରିବି । ସାଧୁଙ୍କ ଆଦେଶ ମାନି ଦୁହେଁ ଗଙ୍ଗାରେ ସ୍ନାନ ସାରି ଫେରିଲେ ।ସାଧୁ ଦୁହିଁଙ୍କୁ ପଚାରିଲେ-ଗଙ୍ଗା ସ୍ନାନ ପରେ କେମିତି ଲାଗୁଛି ?

ଗଙ୍ଗା ସ୍ନାନ ପରେ ମନରେ ଶାନ୍ତି ଲାଗୁଛି ବୋଲି ଜଣାଇଲେ । କିନ୍ତୁ ସାଧୁ କହିଲେ-କିନ୍ତୁ ମୋତେ ସନ୍ତୁଷ୍ଟି ହେଲା ଭଳି ଅନୁମାନ ହେଉନାହିଁ । ଗୋଟେ କାମ କର ଆଗରେ ଯେଉଁ ଘାଟ ଅଛି ସେଠି ଆଉଥରେ ସ୍ନାନ କରି ଆସ ।

ପତି-ପତ୍ନୀ ଆଉଥରେ ଗଙ୍ଗା ଘାଟକୁ ଯାଇ ସ୍ନାନ ସାରି ଫେରି ଆସିଲେ ।ସାଧୁ ପୁଣି କହିଲେ-ନା ଏବେବି ତୁମ ଦୁହିଙ୍କ ଶରୀର ପୂରା ଶୁଦ୍ଧ ହୋଇ ନାହିଁ ।ଆଉଥରେ ଅନ୍ୟ ଘାଟକୁ ଯାଇ ସ୍ନାନ କର ।



ବିଚରା ପତି-ପତ୍ନୀ ତୃତୀୟଥର ବି ସ୍ନାନ କରି ଫେରିଲେ ।ଏଥର ମଧ୍ୟ ସାଧୁ ଦୁହିଁଙ୍କର ଦୋଷ ବାହାର କରି କହିଲେ-ନା ତଥାପି ଶୁଦ୍ଧ ହେଲାନାହିଁ ।ଏବେ ଗଙ୍ଗା ଆରପାଖ ଘାଟକୁ ଯାଇ ସ୍ନାନ କର ।

ଦୁହେଁ ତିନି ତିନି ଥର ସ୍ନାନ କରି ବିରକ୍ତ ହୋଇ ଯାଇଥାନ୍ତି ।ହେଲେ ସାଧୁଙ୍କ ଆଦେଶ ମାନିବାକୁ ପଡିବ ।ନିରୁପାୟ କାଲୁ ଓ ତା' ପତ୍ନୀ ଗଙ୍ଗା ଆରପାଖ ଘାଟରେ ସ୍ନାନ କରି ଫେରି ଆସିଲେ ।କାଲୁ ଆଉ ନିଜକୁ ସମ୍ଭାଳି ନପାରି କହିଲା- ହେ ମହାତ୍ମା !ଗଙ୍ଗା ନଦୀ ତ ଗୋଟିଏ,ଏ ଘାଟରେ ସ୍ନାନ କରନ୍ତୁ କି ଅନ୍ୟ ଘାଟରେ ସ୍ନାନ କରନ୍ତୁ ଯେଉଁଠି ବି ସ୍ନାନ କଲେ ସମାନ ପୁଣ୍ୟ ମିଳିବ ।ତା' କଥା ଶୁଣି ସାଧୁ ହସି ହସି କହିଲେ-ଦେଖିଲ ନିଜ ସମସ୍ୟା କେମିତି ନିଜେ ସମାଧାନ କଲ ।

କାଲୁ ଓ ତା' ପତ୍ନୀ ବିବ୍ରତ ହୋଇ କହିଲେ- କେମିତି ?

ଯେମିତି ଗଙ୍ଗା ମା'ର ମହିମା ସମସ୍ତ ଘାଟରେ ଅନୁଭବ କରିଲ ଠିକ୍ ସେମିତି ଭଗବାନଙ୍କ ଶକ୍ତି ସବୁ ସ୍ଥାନରେ ଥାଏ ।ବିଷ୍ଣୁ ଏବଂ ଶିବ ଦୁଇଟି ନାମ ଗୋଟେ ରୂପ ।

ବିସି-୭୪,ସଲ୍ଟ ଲେକ୍,କଲକତା-୬୪
ମୋ-୯୬୮୧୩୭୩୫୧୨

# ଗଧ ଚୋର

### କୈଳାସ ଚନ୍ଦ୍ର ସାହୁ

କୌଣସି ଏକ ଗାଆଁରେ ରାଧୁ ନାମରେ କୃଷକଟିଏ ଥିଲା । ତା'ର ଗଧଟିଏ ଥିଲା । ସେ ଗଧ ପିଠିରେ ଜିନିଷ ପତ୍ର ଲଦି ନେବା ଆଣିବା କରୁଥିଲା ।

ଥରେ ରାଧୁ ଗଧକୁ ନେଇ ହାଟକୁ ଯାଉଥିଲା । ବାଟରେ ଗୋଟିଏ ଗଛ ମୂଳେ ଦୁଇଜଣ ଠକ ବସିଥିଲେ । ଦୁହେଁ ଗଧକୁ ଦେଖି କିପରି ନେବେ ଯୋଜନା କଲେ । ଯୋଜନା ଅନୁସାରେ ଦୁହେଁ ଗଧ ପଛେ ପଛେ ଯିବାକୁ ଲାଗିଲେ ।

ରାଧୁ ପଘାଟିକୁ ଧରି ମନ ଫୁଲାଣିଆ ଗୀତଟିଏ ଗାଇ ଗାଇ ଚାଲିଥାଏ । ଗଧ ଚାଲୁଥାଏ ପଛରେ । କୁଆଡ଼କୁ ତା'ର ନିଘା ନ ଥାଏ । ଗୋଟିଏ ଠକ ଗଧ ବେକରୁ ପଘାଟିକୁ ଫିଟାଇ ଦେଇ ନିଜ ବେକରେ ଗଳାଇ ଦେଇ ରାଧୁ ପଛେ ପଛେ ଯିବାକୁ ଲାଗିଲା । ଅନ୍ୟ ଠକଟି ଗଧକୁ ନେଇ ଚାଲିଗଲା ।

କିଛି ସମୟପରେ ଯେତେ ଦଉଡି ଟାଣିଲେ ବି ଗଧଟା ଆଉ ଯେତେବେଳେ ଆଗକୁ ଗଲା ନାହିଁ ସେତେବେଳେ ରାଧୁ ବୁଲିପଡ଼ି ପଛକୁ ଅନାଇଲା । ଠକଟାକୁ ଦେଖି ସେ ଯେମିତି ଆକାଶରୁ ଖସି ପଡ଼ିଲା । ପାଟିରୁ ତା'ର କଥା ବାହାରିଲା ନାହିଁ । କି ଆଶ୍ଚର୍ଯ୍ୟ ! ମୋ ଗଧ ଗଲା କୁଆଡେ ? ଏ କିଏ ? ସେ ତାକୁ ପଚାରିଲା - ତମେ କିଏ ? ମୋ ଗଧ କାହିଁ ? ଠକଟା କହିଲା, ମୁଁ ତମର ସେଇ ଗଧ ।

-- ତମେ ମଣିଷ ହେଲ କିପରି ?

-- ସେ କାହାଣୀ ବଡ ବିଚିତ୍ର ଆଜ୍ଞା । ଅନେକ ଦିନ ତଳେ ଆମ ଘରକୁ ଜଣେ ସାଧୁ ଆସିଥିଲେ । ମୋ ବାପା ବୋଉ ଧର୍ମ ପରାୟଣ ଥିଲେ । ସେମାନେ ସାଧୁଙ୍କୁ ଯଥାମାନ୍ୟ ଜଣାଇ ଘରେ ରଖିଲେ । ମୁଁ କିନ୍ତୁ ସାଧୁ ସନ୍ନ୍ୟାସୀଙ୍କୁ ଘୃଣା କରୁଥିଲି । ତେଣୁ ସେଦିନ ରାତିରେ ସାଧୁ ଶୋଇ ଥିଲାବେଳେ ତାଙ୍କର ଜଟ ଓ ଦାଢିକୁ କାଟି ଦେଲି । ସାଧୁ ମୋର ଏପରି ବ୍ୟବହାରରେ ଭୀଷଣ ରାଗିଯାଇ ମୋତେ ଗଧ ହୋଇଯିବା ପାଇଁ ଅଭିଶାପ ଦେଲେ । ମୁଁ ସଙ୍ଗେ ସଙ୍ଗେ ଗଧ ହୋଇଗଲି । ମୋର ଅବସ୍ଥା ଦେଖି ମୋ ବାପା ବୋଉ ସାଧୁଙ୍କ ପାଦତଳେ ପଡି କ୍ଷମା କରିଦେବା ପାଇଁ ନିବେଦନ କଲେ ।

ମୋ ବାପା ବୋଉଙ୍କର କରୁଣ ପ୍ରାର୍ଥନାରେ ସାଧୁଙ୍କର ହୃଦୟ ତରଳି ଗଲା । ସେ କହିଲେ, ଅଭିଶାପ ଆଉ ଫେରାଇ ନେଇ ହେବ ନାହିଁ । ତଥାପି ମୁଁ ତା'ର ମୁକ୍ତିର ବାଟ ବତାଇ ଦେଉଛି । ସେ କୌଣସି କୃଷକ ଘରେ ରହି କାମ ଧନ୍ଦା କରୁ । ଯେଉଁ ଦିନ ଦୁଇ ବର୍ଷ ପୂରଣ ହେଇଯିବ ସେ ଆପେ ଆପେ ମଣିଷ ହୋଇଯିବ । ତେଣୁ ମୁଁ ଘରୁ ଚାଲିଆସି



ପଡ଼ିଆରେ ଚରୁଥିା ସମୟରେ ଜଣେ ବେପାରୀ ମତେ ଧରି ନେଇଯାଇ ହାଟରେ ତମକୁ ବିକ୍ରି କରିଦେଇଥିଲା । ଆଜି ଦୁଇ ବର୍ଷ ପୂରଣ ହେଇଯିବାରୁ ମୁଁ ଆପେ ଆପେ ମଣିଷ ହୋଇଗଲି । ମୋତେ ଏବେ ଯିବାକୁ ଦିଅନ୍ତୁ ।

ରାଧୁ ତା କଥାକୁ ବିଶ୍ୱାସ କରି ତାକୁ ଛାଡିଦେଲା । ଠକଟା ହସି ହସି ତା ସାଙ୍ଗ ପାଖକୁ ଚାଲି ଗଲା । ରାଧୁ ଘରକୁ ଫେରି ଆସିଲା । ତା ସ୍ତ୍ରୀ ରାଧୀ ତାକୁ ପଚାରିଲା, ହଇହେ ! ତମେ ପରା ପରିବା ଆଣିବା ପାଇଁ ହାଟକୁ ଯାଇଥିଲ ? ଫେରି ଆସିଲ କାହିଁକି ? ଗଧ କୁଆଡେ ଗଲା ? ରାଧୁ ଗୋଟି ଗୋଟି କରି ସବୁ କଥା ରାଧୀକୁ କହିଲା । ରାଧୀ କିନ୍ତୁ ତା କଥାକୁ ବିଶ୍ୱାସ କଲା ନାହିଁ ।କାରଣ ସେ ଜାଣିଥିଲା, ରାଧୁ ବେଳେ ବେଳେ ନିଶା ଖାଏ । ସମ୍ଭବତଃ ନିଶାର ମାତ୍ରା ଆଜି ଅଧିକ ହୋଇ ଯାଇଛି । ତେଣୁ ଗଧଟାକୁ କାହାକୁ ଦେଇଆସି ଏଠାରେ ନାଟକ କରୁଛି । ତେଣୁ ରାଧୀ ତାକୁ ନେଇ ଥାନାକୁ ଗଲା । ଥାନାବାବୁ ସବୁ ଶୁଣିଲେ ଓ ପ୍ରକୃତ ରହସ୍ୟ ଉନ୍ମୋଚନ କରିବେ ବୋଲି ଆଶ୍ୱାସନା ଦେଲେ ।

ପରଦିନ ଥାନାଧିକାରୀ ରାଧୁକୁ ନେଇ ନିକଟସ୍ଥ ଗଧ ହାଟକୁ ଗଲେ । ହାଟକୁ ଅନେକ ଗଧ ବିକ୍ରି ହେବାପାଇଁ ଆସିଥାନ୍ତି । ଥାନାବାବୁ ରାଧୁକୁ କହିଲେ, ଏ ହାଟସାରା ବୁଲି ଦେଖ , ତୁମ ଗଧ ଏଠାରେ ଅଛି କି ନାହିଁ । ସତକୁ ସତ ଠକ ଦୁହେଁ ସେଦିନ ଗଧକୁ ବିକ୍ରି କରିବା ପାଇଁ ହାଟକୁ ଆଣିଥିଲେ । ରାଧୁ ଗଧ ସହ ଠକକୁ ଦେଖି ବିସ୍ମିତ ହୋଇଗଲା । ତାର ଗଧ ଯେ ମଣିଷ ହୋଇନି ଏବଂ ସେ ଠକଙ୍କ ହାବୁଡ଼ରେ ପଡି ଯାଇଛି ଏ କଥା ବୁଝି ପାରିଲା । ତା ସହିତ ତ ଥାନାବାବୁ ସାଧା ପୋଷାକରେ ଥିଲେ । ସେ ଠକ ଦୁହିଙ୍କୁ ଧରି ନେଇ ଥାନାକୁ ଚାଲିଗଲେ । ମାଡ ଭୟରେ ଦୁହେଁ ସବୁ କଥା ସତ ସତ ମାନିଗଲେ । ଥାନାବାବୁ ରାଧୁକୁ ତା ଗଧଟାକୁ ଫେରାଇ ଦେଲେ ଓ ଠକ ଦୁହିଁଙ୍କୁ ଜେଲକୁ ପଠାଇ ଦେଲେ।।

ସା/ ପୋ -ବୈରୀଠେଙ୍ଗଡ, ଭାୟା - ଧାନମଣ୍ଡଳ,
ଜିଲ୍ଲା - ଯାଜପୁର, ପିନ୍ ୭୫୪୦୨୪
ମୋ - ୯୪୩୯୯୦୨୯୯୬

## ଶିଶୁ କବିତା

### ଆସିଛି ଅଶିଣ ମାସ

#### ନିରଞ୍ଜନ ସାହୁ

ଶରତ ଋତୁର ଦ୍ୱିତୀୟ ଚରଣେ
ଅଶିଣ ଆସିଛି ଧରା
ବରଷା ସମ୍ପୂର୍ଣ୍ଣ ବିଦାୟ ନେଇଛି
ପଡୁଛି କଅଁଳ ଖରା
ରାତିରେ କାକର ଝରେ
ନୂଆନୂଆ ଶୀତ ପଡ଼ିବ ଏଥର
ସର୍ଦ୍ଦି, କାଶ ଘରେ ଘରେ ।

ଧବଳ ରଙ୍ଗର ବଉଦ ଭାସୁଛି
ସୁନୀଳ ଆକାଶ ଦେଶେ
ଧରଣୀ ନିଜକୁ ସଜାଇ ଦେଇଛି
ଶ୍ୟାମଳ ରଙ୍ଗର ବେଶେ
ଫୁଟିଅଛି କାଶତଣ୍ଡି
ଧବଳ ରଙ୍ଗରେ ଶୋଭା ପାଉଅଛି
ପାଟ, ନଦୀ ପଠା ମଣ୍ଡି ।

ସରୋବରେ ଏବେ ସ୍ୱଚ୍ଛ ଜଳରାଶି
କୁମୁଦ, କମଳ ଫୁଟେ
ଆନମନା ହୋଇ ପାଗଳ ମଧୁପ
ସରୋବର ଦିଗେ ଛୁଟେ
ହସଇ ଶରଦ ଶଶୀ
' ଆ ଜହ୍ନମାମୁଁ ' ଗୀତ ଗାଏ ମାଆ
କୋଳେ ପୁଅ ଥାଏ ବସି ।

ଅଶିଣେ ଆସିବ ଦଶହରା ପର୍ବ
ବିରାଜିବେ ଦଶଭୁଜା
ଶକ୍ତିପୀଠ ଅବା ପୂଜା ମଣ୍ଡପରେ
ଚାଲିବ ମାଆଙ୍କ ପୂଜା
କୁମାର ଉତ୍ସବ ହେବ
' ବଉଳବେଣୀ 'ର ମୂର୍ଚ୍ଛନା ଶୁଭିବ
ଅପାର ଆନନ୍ଦ ଦେବ ।

ଅଶିଣ ମାସକୁ ସୁଷମା ପଣରେ
କେହି ତ ନୁହଁନ୍ତି ସରି
ରୂପାଥାଳି ପରି ସରଗ ଶଶୀରୁ
ଜୋଛନା ପଡଇ ଝରି
ପାର୍ବଣର ମାସ ଇଏ
କ୍ଷେତରେ କ୍ଷେତରେ ଧାନ୍ୟ ଲକ୍ଷ୍ମୀ ବିଜେ
ଚାଷୀ ଦେଖି ହସିଦିଏ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

## ଜାତିର ଜନକ ମହାତ୍ମା ଗାନ୍ଧୀ

### ନଗେନ୍ଦ୍ର ନାଥ ପଟ୍ଟନାୟକ



ଭାରତ ମାତାର ସୁତ
କାନେ ଫୁଙ୍କିଥିଲେ ଜଗତ ବାସୀଙ୍କ
ଅହିଁସାର ମହାମନ୍ତ୍ର ।।
ସନ୍ଥ ଥିଲେ ସେ ସାବରମତିର
ଥିଲେ ସତ୍ୟର ପୂଜାରୀ
ଧର୍ମ ମୂଲ୍ୟବୋଧ ଆଦର୍ଶ ସତ୍ୟର
ପଥ ଥିଲେ ଅନୁସରି ।।
ଛାଡ଼ିଥିଲେ ଆମ ଦେଶ ଗୋରାମାନେ
ଅହିଂସାର ରଣେ ହାରି ।।
ଶିକୁଳି ତୁଟିଲା ପରାଧିନତାର
ଆମ ହାତେ ଆମ ଡୋରି ।।
ଜିତିଗଲେ ବାପୁ ଅହିଂସା ବଳରେ
ବାଜିଲା ବିଜୟ ବାଜା
ଭାରତମାତାର ବୁକୁରେ ଉଡ଼ିଲା
ଦେଶର ତ୍ରିରଙ୍ଗା ଧ୍ୱଜା ।।
ଆସ ଆଉ ଥରେ ବାପୁ ମହାତମା
ଆସ ତୁମେ ଅବତରି
ସାକାର ହେଉ ଯେ ରାମରାଜ୍ୟ ତୁମ
ଏତିକି ଆମ ଗୁହାରି ।।

ଓସ୍କାର ସିଟି ,ଲକ୍ଷ୍ମୀ ସାଗର କେନାଲ ରୋଡ
ଭୁବନେଶ୍ୱର ,ମୋ - ୯୪୩୮୩୩୨୧୩୮

# ଦୁର୍ଗା ପୂଜାରେ କୋଲକାତା ଯିବେ ପ୍ରଧାନମନ୍ତ୍ରୀ ମୋଦୀ, ଅମିତ ଶାହା, ନୀତିନ ନବୀନ !



କଲକାତା : ଚଳିତ ବର୍ଷ ପଶ୍ଚିମବଙ୍ଗର ଦୁର୍ଗା ପୂଜାରେ ଭାରତୀୟ ଜନତା ପାର୍ଟି (ବିଜେପି)ର ବରିଷ୍ଠ ନେତାମାନଙ୍କର ଏକ ସମାବେଶ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ବଙ୍ଗଳାର ଦୁର୍ଗା ପୂଜା ମଣ୍ଡପ ପରିଦର୍ଶନ କରିବାକୁ ନିମନ୍ତ୍ରଣ କରିବାକୁ ଯୋଜନା ରହିଛି। ୧୦ ଅକ୍ଟୋବରରେ କଲକାତାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିଜେପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅନୁରୋଧ କରିଛି। ଏହି ଦିନ ମହାଳୟା। ବଙ୍ଗଳା ବିଜେପି କହିଛି ଯେ ପ୍ରଧାନମନ୍ତ୍ରୀ କଲକାତାର ପ୍ରସିଦ୍ଧ ଇଡେନ ଗାର୍ଡେନରେ ଅବସ୍ଥିତ ପ୍ରଧାନମନ୍ତ୍ରୀ କଲକାତାର ମଣ୍ଡପରେ ବଙ୍ଗୀୟ ଲୋକଙ୍କ ସହିତ ପୂଜା କରିବା ଏବଂ ଇଡେନ ଗାର୍ଡେନରେ ଜନସମାବେଶକୁ ସମ୍ବୋଧିତ କରିବା ପାଇଁ ବିଜେପି ଯୋଜନା କରିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତର କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇ ନଥିଲେ ମଧ୍ୟ, ଦଳ ନିଶ୍ଚିତ ଯେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ କଲକାତା ଗସ୍ତ ଖୁବ୍ ଶୀଘ୍ର ଚୂଡ଼ାନ୍ତ ହେବ। ଦୁର୍ଗା ପୂଜା ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ମଧ୍ୟ ବିଜେପି କଲକାତା ଗସ୍ତ ପାଇଁ ନିମନ୍ତ୍ରଣ କରିଛି। ଗୃହମନ୍ତ୍ରୀ କଲକାତାର ପ୍ରସିଦ୍ଧ ସନ୍ତୋଷ ମିତ୍ର ସ୍କୋୟାର ମଣ୍ଡପ ପରିଦର୍ଶନ କରିବେ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆଗମନର ଗୋଟିଏ ଦିନ ପରେ ସେ ଆସିପାରନ୍ତି। ସେ ବହୁ ବର୍ଷ ଧରି ସେଠାରେ ପୂଜାରେ ଯୋଗ ଦେଇ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ଏବଂ ଅମିତ ଶାହାଙ୍କ ସହିତ, ବିଜେପି ସଭାପତି ନୀତିନ ନବୀନ ମଧ୍ୟ ବଙ୍ଗଳାର ଦୁର୍ଗା ପୂଜା ମଣ୍ଡପ ପରିଦର୍ଶନ କରିବାର ଯୋଜନା କରୁଛନ୍ତି।

# ବଲିଉଡ୍ ଅଭିନେତା ଡିନୋ ମୋରିଆ ଗିରଫ



ମୁମ୍ବାଇ : ମୁମ୍ବାଇ ପୁଲିସ ଅର୍ଥନୈତିକ ଅପରାଧ ଶାଖା ଶୁକ୍ରବାର ବଲିଉଡ୍ ଅଭିନେତା ଡିନୋ ମୋରିଆଙ୍କୁ ଗିରଫ କରିଛି । ତାଙ୍କ ନାମରେ ମିଠି ରିଭର ଡିଷ୍ଟିଲିଏସନ ପ୍ରକଳ୍ପରେ ଆର୍ଥିକ ହେରଫେର ନେଇ ଅଭିଯୋଗ ଥିଲା। ମୁମ୍ବାଇର ବାନ୍ଦ୍ରାସ୍ଥିତ ତାଙ୍କ ବାସଭବନରେ ୮ ଘଂଟାର ଜେରା ପରେ ତାଙ୍କୁ ଗିରଫ କରାଯାଇଥିବା ଜଣାପଡିଛି । ଉଲ୍ଲେଖଯୋଗ୍ୟ ପ୍ରକଳ୍ପରେ ଅନିୟମତତା ଯୋଗୁ ବ୍ରିହନ୍ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନକୁ ପ୍ରାୟ ୬୫ କୋଟି ଟଙ୍କାର ଅର୍ଥିକ କ୍ଷତି ହୋଇଥିଲା । ଏହି ଆର୍ଥିକ ଅନିୟମତତାରେ ଡିନୋ ମୋରିଆଙ୍କ ସମ୍ପୃକ୍ତି ଥିବା ଜଣା ପଡିବା ପରେ ଗତବର୍ଷ ଜୁନରେ ତାଙ୍କ ମୁମ୍ବାଇ ସ୍ଥିତ ବାସଭବନ ସମେତ ଅନ୍ୟ ୧୪ଟି ସ୍ଥାନରେ ୧୪ ଘଂଟା ତଲାସି କରାଯାଇଥିଲା । ଏଥିମଧ୍ୟରେ କେରଳର କୋଚି ଠାରେ ଥିବା ଡିନୋ ମେରିଆଙ୍କ ଭାଇଙ୍କ ବାସଭବନ ମଧ୍ୟ ସାମିଲ୍ ଥିଲା ।

# ମର୍ମନ୍ତୁଦ ଦୁର୍ଘଟଣା, ୩ ଗଣମାଧମ ଅଧିକାରୀଙ୍କ ମୃତ୍ୟୁ



ମିଜୋରାମ : ମିଜୋରାମରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ତିନିଜଣ କେନ୍ଦ୍ରୀୟ ସରକାରୀ ଗଣମାଧମ ଅଧିକାରୀଙ୍କ ମୃତ୍ୟୁ ହୋଇଛି ଏବଂ ଦୁଇ ଜଣ ଆହତ ହୋଇଛନ୍ତି। ଗୁରୁବାର ଦିନ ମିଜୋରାମର ସାତୀକ ନିକଟରେ, ସିଆଲସୁକ୍ ରୁ ଆଇଜଲ ଫେରୁଥିବା ସମୟରେ ସେମାନଙ୍କ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଖାଲକୁ ଖସିପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି। ମୃତ ଅଧିକମାରୀମାନେ ହେଲେ ଇମ୍ଫାଲ ସ୍ଥିତ ପିଆଇବି ଏବଂ ସିବିସି ଆଞ୍ଚଳିକ କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଡ. ଏଙ୍ଗାମ ପାମେ, ଦୂରଦର୍ଶନ କେନ୍ଦ୍ର ଆଇଜଲର ନିର୍ଦ୍ଦେଶକ ନାମପିବୁ ମାରିନମାଇ ଏବଂ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ କମ୍ୟୁନିକେସନର ଆଇଜଲ କାର୍ଯ୍ୟାଳୟର ଜଣେ କର୍ମଚାରୀ ଏଚ୍ ଲିଆନଭେଲା। ଡା. ଏଙ୍ଗାମ ପାମେ ଇଣ୍ଟର ମିଡିଆ ପବ୍ଲିସିଟି କୋଅର୍ଡିନେସନ କମିଟି (ଓଗଚଉଉ) ସମ୍ବନ୍ଧୀୟ ବୈଠକ ଏବଂ କିଛି କାମରେ ମିଜୋରାମ ଯାଇଥିଲେ। ଗୁରୁବାର ସେ ତାଙ୍କ ସହକର୍ମୀମାନଙ୍କ ସହ ସିଆଲସୁକ୍ ଯାଇଥିଲେ। ସେଠାରୁ ଆଇଜଲ ଫେରୁଥିବା ସମୟରେ ସାତିକ୍ ନିକଟରେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କିନ୍ତୁ ଦୁର୍ଘଟଣାସ୍ଥଳ ଦୁର୍ଗମ ଏବଂ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳର ଦୁର୍ଗମ ଏବଂ ପାହାଡ଼ିଆ ଭୂଗୋଳ କାର୍ଯ୍ୟାଳୟର ଉଦ୍ଧାର କାର୍ଯ୍ୟରେ ବାଧା ଉପୁଜିଥିଲା। ସିଆଲସୁକ୍ ପୋଲିସ ଏବଂ 'ୟଙ୍ଗ ମିଜୋ ଆସୋସିଏସନ୍' ର ସଦସ୍ୟମାନେ ମିଶି ଉଦ୍ଧାର କାର୍ଯ୍ୟ କରିଥିଲେ। ଗାଡ଼ିର ଡ୍ରାଇଭର ଏବଂ ଅନ୍ୟ ଜଣେ ଯାତ୍ରୀ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ମିଜୋରାମ ରାଜ୍ୟପାଳ ଭି.କେ. ସିଂହ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରାଯାଇଛି।

# ଘରୋଇ ହିଂସା ମାମଲାରେ ପୁଅର ଆଚରଣ ପାଇଁ ବାପାଙ୍କୁ ଦାୟୀ କରାଯାଇପାରିବନି : ହାଇକୋର୍ଟ



ନୂଆଦିଲ୍ଲୀ : କେବଳ ନିଜ ବୟସ୍କ ପୁଅର ଆଚରଣକୁ ନିୟନ୍ତ୍ରଣ କରିନପାରିବା କାରଣରୁ ଶ୍ୱଶୁରଙ୍କୁ ଘରୋଇ ହିଂସା ଆଇନ ଅଧୀନରେ ଦାୟୀ କରାଯାଇପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଜଷ୍ଟିସ୍ ମଧୁ ଜୈନଙ୍କ ଇଜଲାସ ଜଣେ ମହିଳାଙ୍କ ଆବେଦନ ଖାରଜ କରିବା ସମୟରେ ଏହି ମତ ଦେଇଛନ୍ତି। ତଳ କୋର୍ଟ ଏକ ମାମଲାରେ ଜଣେ ମହିଳାଙ୍କ ଶ୍ୱଶୁରଙ୍କ ବିରୋଧରେ ଘରୋଇ ହିଂସା ଅଭିଯୋଗ ଲାଗୁ ହେବ ନାହିଁ ବୋଲି କହିଥିଲେ । ଏହା ବିରୋଧରେ ମହିଳା ଜଣକ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ଅଭିଯୋଗ ଥିଲା ଯେ, ତାଙ୍କ ଅଲଗା ରହୁଥିବା ସ୍ୱାମୀ ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କରେ ଥିଲେ। ଏହା ବିରୋଧରେ ଶ୍ୱଶୁର କୌଣସି ପଦକ୍ଷେପ ନେଇନଥିବାରୁ ତାଙ୍କୁ ମଧ୍ୟ ଦାୟୀ କରାଯିବା ଉଚିତ ବୋଲି ମହିଳା ଜଣକ ଦାବି କରିଥିଲେ। ତେବେ ଅଦାଲତ କହିଛନ୍ତି ଯେ, ଘରୋଇ ହିଂସା ଆଇନର ଧାରା ୩ ଅନୁସାରେ ଶାରୀରିକ କିମ୍ବା ମାନସିକ କ୍ଷତି କରୁଥିବା କିମ୍ବା ଧମକ ଦେଉଥିବା ଆଚରଣ, ମୌଖିକ, ଭାବନାତ୍ମକ ଓ ଆର୍ଥିକ ନିର୍ଯାତନା ଆଦି ଅନ୍ତର୍ଭୁକ୍ତ। କିନ୍ତୁ କେବଳ ଦୁଇ ଜଣଙ୍କ ମଧ୍ୟରେ ଘରୋଇ ସମ୍ପର୍କ ରହିଥିବା କାରଣରୁ ଏହି ଆଇନ ଲାଗୁ ହୋଇପାରିବ ନାହିଁ। ଅଦାଲତଙ୍କ ଅନୁସାରେ, ଅଭିଯୋଗ ହୋଇଥିବା ପୁଅର ନୈତିକତାରେ ଶ୍ୱଶୁରଙ୍କ କୌଣସି ପ୍ରତ୍ୟକ୍ଷ ଭୂମିକା ଥିବା ଦର୍ଶାଯାଇନଥିଲା। ତେଣୁ ବୟସ୍କ ପୁଅର ଆଚରଣକୁ ନିୟନ୍ତ୍ରଣ କରିନଥିବା କାରଣରୁ ଜଣେ ବାପାଙ୍କୁ ଘରୋଇ ହିଂସା ଆଇନ ଅଧୀନରେ ଦାୟୀ କରାଯାଇପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଅଭିଯୋଗରେ ଶ୍ୱଶୁର ତାଙ୍କୁ ଅପମାନ, ଉପହାସ, ହୀନମନ୍ୟତା କିମ୍ବା ଧମକ ଦେଇଥିବା ଦାବି କରାଯାଇଥିଲେ ମଧ୍ୟ, ଏହାକୁ ସମର୍ଥନ କରିବା ଭଳି ନିର୍ଦ୍ଦିଷ୍ଟ ତଥ୍ୟ ଦିଆଯାଇନଥିବା କୋର୍ଟ କହିଛନ୍ତି। କେବଳ 'ଅପମାନ କଲେ', 'ପାଟି କଲେ' କିମ୍ବା 'ଗାଳି ଦେଲେ' ଭଳି ଶବ୍ଦ ବ୍ୟବହାର କରିବା ଦ୍ୱାରା ଧାରା ୩ ଅନୁସାରେ ମୌଖିକ କିମ୍ବା ଭାବନାତ୍ମକ ନିର୍ଯାତନା ପ୍ରମାଣିତ ହୁଏ ନାହିଁ ବୋଲି ଅଦାଲତ କହିଛନ୍ତି। ଗତ ଅଗଷ୍ଟରେ ତଳ କୋର୍ଟଙ୍କ ରାୟକୁ ଏହି ଆଦେଶରେ ଦିଲ୍ଲୀ ହାଇକୋର୍ଟ ବଜାୟ ରଖି ମହିଳାଙ୍କ ଆବେଦନ ଖାରଜ କରିଛନ୍ତି।

# ୧,୪୧୭ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲା: ଇଡି ଦ୍ୱାରା ୨ ଅଭିଯୁକ୍ତ ଗିରଫ



ଚେନ୍ନାଇ: କୃଷି ରପ୍ତାନି ବ୍ୟବସାୟରେ ଅଧିକ ଲାଭର ପ୍ରଲୋଭନ ଦେଖାଇ ପ୍ରାୟ ୩୬,୦୦ରେଜିଷ୍ଟ୍ରଡ୍ ନିବେଶକଙ୍କଠାରୁ ୧,୪୧୭.୮୬ କୋଟି ଟଙ୍କା ଠକେଇ କରିବା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୨ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ଦ୍ୱୟ ହେଲେ ଏସ୍. ନବୀନ କୁମାର ଓ ଏସ୍. ମୁଥୁସେଲଭମ୍। ଗତ ସେପ୍ଟେମ୍ବର ୨୯ ତାରିଖରେ ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମ୍ଏଲ୍ଏ) ଅଧୀନରେ ସେମାନଙ୍କୁ ଗିରଫ କରାଯିବା ପରେ ପିଏମ୍ଏଲ୍ଏ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା, ଯେଉଁଠାରେ କୋର୍ଟ ସେମାନଙ୍କୁ ୧୫ ଦିନ ପାଇଁ ନ୍ୟାୟିକ ହାଜତ (ଜୁଡିସିଆଲ୍ କଷ୍ଟଡି)କୁ ପଠାଇ ଦେଇଛନ୍ତି। ଇଡିର ସୂଚନାନୁସାରେ, ତାମିଲନାଡୁର ଇରୋଡ୍ ଜିଲ୍ଲା କ୍ରାଇମ୍ ବ୍ରାଞ୍ଚ ପକ୍ଷରୁ ରୁଜୁ ହୋଇଥିବା ମାମଲା ଆଧାରରେ ଏହି ତଦନ୍ତ ଆରମ୍ଭ ହୋଇଥିଲା। ଅଭିଯୁକ୍ତମାନେ 'ଏମଏସ୍ ୟୁନିକ୍ ଏକ୍ସପୋର୍ଟ' ଓ 'ଇଷ୍ଟ୍ ଭ୍ୟାଲି ଆର୍ଗୋ ଫାର୍ମସ୍' ନାମକ ସଂସ୍ଥା ମାଧ୍ୟମରେ 'ୟୁଏନ୍ଆଇ', 'ଏଫ୍ଏନପି', 'ଏଫ୍ଏପି' ଓ 'ୟୁଏନ୍ଆ' ଭଳି ବିଭିନ୍ନ ପ୍ରଲୋଭନକାରୀ ନିବେଶ ଯୋଜନା ଚଲାଉଥିଲେ। କୃଷିଜାତ ଦ୍ରବ୍ୟ ରପ୍ତାନିରୁ ଅଧିକ ଲାଭ ମିଳୁଥିବା କହି ସେମାନେ ୩୫,୭୫୯ ଜଣ ନିବେଶକଙ୍କଠାରୁ ବିପୁଳ ପରିମାଣର ଅର୍ଥ ସଂଗ୍ରହ କରିଥିଲେ। ମାତ୍ର ଆର୍ଥିକ ଯାଞ୍ଚରୁ ଜଣାପଡ଼ିଛି ଯେ, ଏହି କମ୍ପାନୀଗୁଡ଼ିକ ପ୍ରକୃତରେ କୌଣସି ରପ୍ତାନି ବ୍ୟବସାୟ କରୁନଥିଲେ ଏବଂ ଏହା କେବଳ ଲୋକଙ୍କୁ ଠକିବା ପାଇଁ ଏକ ଜାଲ୍ ବିଛାଯାଇଥିଲା। ତଦନ୍ତରୁ ଆହୁରି ସ୍ପଷ୍ଟ ହୋଇଛି ଯେ, ନିବେଶକଙ୍କ ୭୧୯ କୋଟିରୁ ଅଧିକ ଟଙ୍କା ୧୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ, ସହଯୋଗୀ ସଂସ୍ଥା, ପରିବାର ସଦସ୍ୟ ଏବଂ ନିକଟତର ଲୋକଙ୍କ ଆକାଉଣ୍ଟକୁ ପଠାଯାଇଥିଲା। ଏହି ପୁରା ଠକେଇର ମୁଖ୍ୟ ନାୟକ ନବୀନ କୁମାର ନିଜେ ସମସ୍ତ ବ୍ୟାଙ୍କିଙ୍ଗ କାରବାର ନିୟନ୍ତ୍ରଣ କରୁଥିଲେ। କମ୍ପାନୀରେ କେବଳ ୪ ଜଣ କର୍ମଚାରୀ ଥିବା ସତ୍ତ୍ୱେ ୩୯୦.୯୦ କୋଟି ଟଙ୍କା ମିଛରେ ଦରମା ବାବଦରେ ଦିଆଯାଇଥିବା ଦେଖାଯାଇଥିଲା ଏବଂ କୌଣସି ପ୍ରକୃତ କାରବାର ବିନା ୭୯.୫୬ କୋଟି ଟଙ୍କାର ପିଆଜ ଓ ଅନ୍ୟାନ୍ୟ କୃଷି ଦ୍ରବ୍ୟ କିଣାଯାଇଥିବା ଦର୍ଶାଯାଇଥିଲା। ଅନ୍ୟପକ୍ଷରେ, ଅନ୍ୟଜଣ ଅଭିଯୁକ୍ତ ମୁଥୁସେଲଭମ୍ ମାତ୍ର ୪୨.୧୦ ଲକ୍ଷ ଟଙ୍କା ନିବେଶ କରି କମିଶନ୍, ରେଫରାଲ୍ ବୋନସ୍ ଓ ରିଟର୍ଣ୍ଣ ଆକାରରେ ୧୨.୭୨ କୋଟି ଟଙ୍କା ହଡ଼ପ କରିଥିଲେ। ଗତ ଜୁନ୍ ମାସରେ ଇଡି ପକ୍ଷରୁ ୯ଟି ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ଏବେ ଅଧିକ ତଦନ୍ତ ଓ ସମ୍ପତ୍ତି ବାଜ୍ୟାପ୍ତ ପ୍ରକ୍ରିୟା ଜାରି ରହିଛି।

# ବିଜେପି ନେତାଙ୍କୁ ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗ, ୬ ଗିରଫ

ନୂଆଦିଲ୍ଲୀ: ଇକ୍‌ରେ ନିଆଁ ଲଗାଇବା ଘଟଣାର ତଦନ୍ତ କରୁ କରୁ ଏକ ହତ୍ୟା ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିଛି ଆନ୍ଧ୍ରପ୍ରଦେଶ ପୁଲିସ। ଏହି ମାମଲାରେ ସ୍ଥାନୀୟ ବିଜେପି ନେତାଙ୍କ ପତ୍ନୀଙ୍କ ସମେତ ୬ ଜଣଙ୍କୁ ଗିରଫ କରି କୋର୍ଟରେ ହାଜର କରାଯାଇଛି। ପରେ ସମସ୍ତଙ୍କୁ ନ୍ୟାୟିକ ହେପାଜତକୁ ପଠାଯାଇଛି। ପୁଲିସ ସୂଚନା ଅନୁସାରେ, ସେପ୍ଟେମ୍ବର ୧୩ ତାରିଖ ରାତିରେ ବିଜେପି ମଣ୍ଡଳ ସଭାପତି ମୁନିରାଜୁଙ୍କ ମୋଟରସାଇକେଲ୍ରେ ନିଆଁ ଲଗାଇ ଦିଆଯାଇଥିଲା। ଏନେଇ ମୁନିରାଜୁ ପୁଲିସରେ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ପ୍ରାଥମିକ ଭାବେ ଏହି ଘଟଣା ପଛରେ ସ୍ଥାନୀୟ ରାଜନୈତିକ ବିବାଦ ରହିଛି କି ନାହିଁ, ତାହା ନେଇ ପୁଲିସ ତଦନ୍ତ କରିଥିଲା। ଗଣେଶ ଚତୁର୍ଥୀ ଅବସରରେ ଫ୍ଲେକ୍ସ ଲଗାଇବାକୁ ନେଇ ହୋଇଥିବା ବିବାଦକୁ ମଧ୍ୟ ତଦନ୍ତ ପରିସରକୁ ଅଣାଯାଇଥିଲା। ତେବେ ଏହି ଦିଗରେ ତତ୍କାଳ କୌଣସି ଠୋସ୍ ପ୍ରମାଣ ମିଳିନଥିବା ପୁଲିସ କହିଛି। ଏହାପରେ ଉଉଞ୍ଚଠ ଫୁଟେଜ୍ ଏବଂ ବିଭିନ୍ନ ବୈଷୟିକ ପ୍ରମାଣକୁ ଯାଞ୍ଚ କରି ପୁଲିସ ସାଇ, ଉଦୟ କିରଣ, ଲୀଲା କୃଷ୍ଣ, ପୃଥ୍ୱୀରାଜ ଓ ହରିଶ ନାମକ ୫ ଜଣଙ୍କୁ ଚିହ୍ନଟ କରିଥିଲା। ଜେରା ବେଳେ ସେମାନେ ମୁନିରାଜୁଙ୍କ ବାଇକ୍ରେ ନିଆଁ ଲଗାଇଥିବା ସ୍ୱୀକାର କରିଥିବା ପୁଲିସ କହିଛି। ତେବେ ତଦନ୍ତ ଆଗକୁ ବଢ଼ିବା ପରେ ମାମଲା ନୂଆ ମୋଡ଼ ନେଇଥିଲା। ପୁଲିସ ତଦନ୍ତରେ ମୁନିରାଜୁଙ୍କ ପତ୍ନୀ ପ୍ରଶାନ୍ତିଙ୍କ ନାମ ମଧ୍ୟ ସାମ୍ନାକୁ ଆସିଥିଲା। ପୁଲିସର ଦାବି ଅନୁସାରେ, ପ୍ରଶାନ୍ତି ଅଭିଯୁକ୍ତ ସାଇଙ୍କ ସହ ନିୟମିତ ଯୋଗାଯୋଗରେ ଥିଲେ ଏବଂ ସ୍ୱାମୀଙ୍କ ସମ୍ପର୍କିତ କିଛି ବ୍ୟକ୍ତିଗତ ତଥ୍ୟ ତାଙ୍କ ସହ ଶେୟାର କରିଥିଲେ।

# ୧୦୦ରୁ ଅଧିକ ସଙ୍ଗଠନକୁ ହ୍ୟାକ୍ କଲା ଓପନଏଆଇର ଏଆଇ ଏଜେଣ୍ଟ

ୱାସିଂଟନ: ଚାଟ୍‌ଜିପିଟି ନିର୍ମାଣ କରିଥିବା କମ୍ପାନି ଓପନଏଆଇର ଏଆଇ ଏଜେଣ୍ଟ ୧୦୦ରୁ ଅଧିକ ସିଷ୍ଟମ୍ ହ୍ୟାକ୍ କରିବାକୁ ଚେଷ୍ଟା କରିଥିବା କମ୍ପାନି ପକ୍ଷରୁ କୁହାଯାଇଛି। କମ୍ପାନୀ ଏହାର ଏଆଇ ଏଜେଣ୍ଟମାନଙ୍କ ଦ୍ୱାରା ପ୍ରଭାବିତ ୧୦୦ ରୁ ଅଧିକ ସଂଗଠନକୁ ସତର୍କ ସୂଚନା ଜାରି କରିଥିବା ବ୍ଲଗରେ ପୋଷ୍ଟ କରି କହିଛି। ଏଆଇ ଲ୍ୟାବ୍ କହିଛି ଯେ, ଜୁଲାଇରେ ଘଟିଥିବା ହଗିଂ ଫେସ୍ ଘଟଣା ପରେ ଏହା ମଡେଲ୍ କାର୍ଯ୍ୟକଳାପ ସମୀକ୍ଷା କରୁଛି। ଓପନଏଆଇ କହିଛି ଯେ, ଏପର୍ଯ୍ୟନ୍ତ ଏହା ଏପରି କୌଣସି ଘଟଣା ଚିହ୍ନଟ କରିନାହିଁ ଯାହା ହଗିଂ ଫେସ୍ ପ୍ରୟାସର ଗମ୍ଭୀରତା ସହିତ ସମାନ ଥିଲା, ଯେଉଁଠାରେ ୭୦୦ ଏଆଇ ଏଜେଣ୍ଟ କମ୍ପାନୀର ସିଷ୍ଟମକୁ ହ୍ୟାକ୍ କରିବାକୁ ଚେଷ୍ଟା କରିଥିଲେ। ଏହା ସୂଚାଇ ଦେଉଛି ଯେ, ପରୀକ୍ଷଣ ପର୍ଯ୍ୟାୟରେ ମଧ୍ୟ ଟେକ୍ କମ୍ପାନିଗୁଡ଼ିକ ସେମାନଙ୍କର ଉନ୍ନତ ଏଆଇ ମଡେଲଗୁଡ଼ିକ ଉପରେ ନିୟନ୍ତ୍ରଣ ହରାଉଛନ୍ତି। ଏଆଇ ମଡେଲଗୁଡ଼ିକ କେବଳ ସିଷ୍ଟମ ସୁରକ୍ଷାକୁ ଅଣଦେଖା କରୁନାହାନ୍ତି ନାହିଁ, ବରଂ ମାନବ ନିୟନ୍ତ୍ରଣରୁ ମଧ୍ୟ ଖସି ଯାଉଛନ୍ତି। ତଥାପି କମ୍ପାନୀ ଦାବି କରିଛି ଯେ ଏହି ସଂଗଠନଗୁଡ଼ିକରୁ କୌଣସି ତଥ୍ୟ ଚୋରି ହୋଇନାହିଁ। ଏହିପରି ଦୁର୍ବ୍ୟବହାରପୂର୍ଣ୍ଣ ଏଆଇ ଘଟଣା ଓ ସୁରକ୍ଷା ବିପଦ ପାଇଁ ସମଗ୍ର ଏଆଇ ଶିଳ୍ପ ଉପରେ ନଜର ରଖାଯାଇଛି। ଜ୍ୟାକବ କକ୍ସନ ଓ ଇଭାନ ହୁବିଙ୍ଗରଙ୍କ ପରି ଏଆଇ ଗବେଷକମାନେ ଦାବି କରିଛନ୍ତି ଯେ, ଏଆଇ ଖୁବ୍ ଶୀଘ୍ର ମାନବଜାତିକୁ ଶେଷ କରିପାରେ। ଆନ୍ଥ୍ରୋପିକର ସିଇଓ ଡାରିଓ ଆମୋଡେଇ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଏହା ଏହି ପ୍ରଯୁକ୍ତିର ସବୁଠାରୁ ବଡ଼ ବିପଦ ହୋଇ ରହିଛି। ଏଆଇ ବିକାଶରେ ମନ୍ଥରତା ପାଇଁ ଆହ୍ୱାନ ପରେ, କିଛି ବଡ଼ ଆମେରିକୀୟ ଟେକ୍ କମ୍ପାନୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସୁରକ୍ଷିତ ଏଆଇ ବିକାଶ ପାଇଁ ଏକ ସ୍ୱେଚ୍ଛାକୃତ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି।

# ମୋଦିଙ୍କୁ ପ୍ରଶଂସାରେ ପୋତି ପକାଇଲେ ପୁଟିନ୍



ମସ୍କୋ : ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି । ମୋଦିଙ୍କୁ ବିଶ୍ୱର ସେହି ନେତାମାନଙ୍କ ମଧ୍ୟରେ ପୁଟିନ୍ ସାମିଲ କରିଛନ୍ତି, ଯାହାଙ୍କ ସହ ରୁଷିଆର ଭଲ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି। ଏହାସହ ୟୁକ୍ରେନ୍ ସଂଘର୍ଷର ଶେଷ ପାଇଁ ମୋଦି ଲଗାତାର ପ୍ରଶ୍ନ ଉଠାଉଥିବା ପୁଟିନ୍ କହିଛନ୍ତି। ପୁଟିନ୍ କହିଛନ୍ତି ଯେ, ମୋଦିଙ୍କ ସହ ରୁଷିଆର ଭଲ ଓ ବ୍ୟକ୍ତିଗତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଥିଲେ ମଧ୍ୟ ସେ ୟୁକ୍ରେନ୍ରେ ଚାଲିଥିବା ସଂଘର୍ଷକୁ ଶେଷ କରିବା ପ୍ରସଙ୍ଗ ଲଗାତାର ଉଠାଇଥାନ୍ତି । ଉଭୟ ପକ୍ଷ ଗ୍ରହଣ କରିପାରିବା ଭଳି ସମାଧାନ ଖୋଜିବାରେ ମୋଦିଙ୍କ ଗଭୀର ଆଗ୍ରହ ରହିଛି ବୋଲି ପୁଟିନ୍ କହିଛନ୍ତି। ମୋଦି ଏହି ପ୍ରସଙ୍ଗରେ ଏକ ନିରପେକ୍ଷ ଆଭିମୁଖ୍ୟ ରଖୁଛନ୍ତି। ଏଥିସହ ଯୁଦ୍ଧର ଶେଷ ଚାହୁଁଛନ୍ତି । ଶାନ୍ତିପୂର୍ଣ୍ଣ ଉପାୟରେ ଏବଂ ଯଥାଶୀଘ୍ର ସଂଘର୍ଷ ଶେଷ କରିବା ପାଇଁ ମୋଦିଙ୍କ ଇଚ୍ଛାକୁ ରୁଷିଆ ସମ୍ମାନ କରୁଥିବା ପୁଟିନ୍ କହିଛନ୍ତି । ଏହି ଅବସରରେ ପୁଟିନ୍ ପୁଣିଥରେ କହିଛନ୍ତି ଯେ, ରୁଷିଆ ୟୁରୋପୀୟ ଦେଶଗୁଡ଼ିକ ଉପରେ ଆକ୍ରମଣ କରିବାର ଯୋଜନା ରଖିନାହିଁ । ତେବେ ଯଦି ରୁଷିଆ ଉପରେ ସିଧାସଳଖ ଆକ୍ରମଣ ହୁଏ, ତେବେ ଏହାର ଜବାବ ଦେବା ପାଇଁ ରୁଷିଆ ପାଖରେ ଥିବା ସମସ୍ତ ଅସ୍ତ୍ର ବ୍ୟବହାର କରାଯାଇପାରେ ବୋଲି ସେ କହିଛନ୍ତି । ବିଶେଷକରି କାଲିନିନଗ୍ରାଡ୍ କିମ୍ବା ରୁଷିଆର ଅନ୍ୟ କୌଣସି ଅଞ୍ଚଳକୁ ଟାର୍ଗେଟ୍ କରି ସିଧାସଳଖ ଆକ୍ରମଣ କରାଗଲେ, ରୁଷିଆର ସମସ୍ତ ଅସ୍ତ୍ର ବ୍ୟବହାରର ପ୍ରଶ୍ନ ତୁରନ୍ତ ଏଜେଣ୍ଡାକୁ ଆସିବ ବୋଲି ପୁଟିନ୍ ସ୍ପଷ୍ଟ କରିଛନ୍ତି । ଏହା ଧମକ ନୁହେଁ, ବରଂ ରୁଷିଆକୁ ଧମକ ଦିଆଗଲେ ତାହାର ପ୍ରତିକ୍ରିୟା ବୋଲି ସେ କହିଛନ୍ତି ।

# ଫ୍ଲାଏଦୁବାଇ ଆକ୍ରମଣକୁ ଆତଙ୍କବାଦୀ କାର୍ଯ୍ୟ ମାନିଲା ୟୁଏଇ

ଆବୁଧାବି: ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଜଣେ ବରିଷ୍ଠ ଅଧିକାରୀ ଫ୍ଲାଏଦୁବାଇ ବିମାନ ଏଫଜେଡ୍୧୦୭୩ରେ ଆକ୍ରମଣକୁ ଆତଙ୍କବାଦୀ କାର୍ଯ୍ୟ ବୋଲି କହିଛନ୍ତି। ଏହାସହିତ ମଝି ଆକାଶରେ ଭାରତୀୟ ପାଇଲଟ କ୍ୟାପଟେନ ସ୍ମିତ୍ ମାଚ୍ଛର ଯେପରି ଭାବେ ସହ-ପାଇଲଟଙ୍କ ଛୁରାମାଡ଼ ପରେ ବି ବିମାନକୁ ସୁରକ୍ଷିତ ରଖିବାକୁ ଲଢ଼ିଥିଲେ ତା'ର ପ୍ରଶଂସା କରିଛନ୍ତି। ୟୁଏଇ ରାଷ୍ଟ୍ରପତିଙ୍କ ପରାମର୍ଶଦାତା ଅନୱର ଗାରଗାସ୍ କହିଛନ୍ତି, ମାଚ୍ଛର ଦୃଢ଼ତାର ସହିତ ଲଢ଼ି ଆତଙ୍କବାଦୀ କାର୍ଯ୍ୟକୁ ପଣ୍ଡ କରିବା ସହିତ ଏତେବଡ଼ ବିପର୍ଯ୍ୟୟ ହେବାରୁ ରକ୍ଷା କରିଥିବାରୁ ପ୍ରଶଂସାର ପାତ୍ର। 'ଏକ୍ସ'ରେ ଏକ ପୋଷ୍ଟ କରି ସେ କହିଛନ୍ତି, ଆତଙ୍କବାଦ ଓ ଉଗ୍ରବାଦର ମୁକାବିଲା ପାଇଁ ସତର୍କତା ଆବଶ୍ୟକ। ଫ୍ଲାଏଦୁବାଇ ଘଟଣା ପରେ ପ୍ରଥମ ଥର ପାଇଁ ୟୁଏଇ ଅଧିକାରୀ ଏହାକୁ ଏକ ଆତଙ୍କବାଦୀ ଆକ୍ରମଣ ବୋଲି ସ୍ୱୀକାର କରିଛନ୍ତି। ସେପ୍ଟେମ୍ବର ୩୦ ରେ ଦୁବାଇରୁ ତେଲ ଅଭିଭ ଯାଉଥିବା ବିମାନ ପରିଚାଳନା ସମୟରେ ମାଚ୍ଛର ଗୁରୁତର ଆହତ ହୋଇଥିଲେ। କକପିଟ୍ରେ ଦୁଇ ପାଇଲଟ ମୁହାଁମୁହିଁ ହେବା ପରେ ବିମାନ ସାଉଦି ଆରବର ତାବୁକକୁ ଜରୁରୀ ଅବତରଣ କରିଥିଲା। ମାଚ୍ଛର କକ୍ପିଟ୍ରେ ଏକାକୀ ଆକ୍ରମଣକାରୀ ସହ ପାଇଲଟଙ୍କ ମୁକାବିଲା କରିବା ସହିତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କ ସହାୟତାରେ ବିମାନଟି ସୁରକ୍ଷିତ ଭାବରେ ଅବତରଣ କରିଥିଲା। ବିମାନଟିରେ ୧୭୪ ଜଣ ଯାତ୍ରୀ ଓ ଆଠ ଜଣ କ୍ରୁ ସଦସ୍ୟ ଥିଲେ। ଗୁରୁବାର ୟୁଏଇ ଛୁରାମାଡ଼ ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲା। ୟୁଏଇର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ବିମାନଟି ୟୁଏଇରେ ପଞ୍ଜିକୃତ ଓ ଏହାର ପତାକା ବହନ କରୁଥିବାରୁ ଘଟଣାର ପରିସ୍ଥିତି ଓ କାରଣ ତଦନ୍ତ ପାଇଁ ଏକ ଦଳ ଗଠନ କରାଯିବ। ତେବେ ୟୁଏଇ ସହ ପାଇଲଟଙ୍କ ପରିଚୟ ପ୍ରକାଶ କରିନାହିଁ।

# ସେନା ଗୁଳିରେ ୨ ପାକିସ୍ତାନୀ ଅନୁପ୍ରବେଶକାରୀ ନିହତ

ଅମୃତସର: ପଞ୍ଜାବର ତରନ୍ ତାରାନ୍ ସେକ୍ଟରସ୍ଥିତ ଭାରତ-ପାକିସ୍ତାନ ଆନ୍ତର୍ଜାତୀୟ ସୀମାରେ ସୀମା ସୁରକ୍ଷା ବଳ (ବିଏସଏଫ୍) ଯବାନମାନଙ୍କୁ ମିଳିଛି ବଡ଼ ସଫଳତା। ଶୁକ୍ରବାର ରାଜୋକେ ଗ୍ରାମ ନିକଟରେ ସୀମା ପାର ହୋଇ ଭାରତୀୟ ସୀମା ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ୨ ଜଣ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ବିଏସ୍ଏଫ୍ ଯବାନମାନେ ଗୁଳି କରି ନିହତ କରିଛନ୍ତି। ଏହାସହ ସୀମା ପାର୍ଶ୍ୱରୁ ହେଉଥିବା ଏକ ବଡ଼ ଧରଣର ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷା ବଳ ସଫଳତାର ସହ ପଣ୍ଡ କରିଦେଇଛନ୍ତି। ପ୍ରାଥମିକ ସୂଚନାନୁସାରେ, ସନ୍ଦିଗ୍ଧ ପାକିସ୍ତାନୀ ନାଗରିକ ଦ୍ୱୟ ପାକିସ୍ତାନ ପଟୁ ଭାରତୀୟ ସୀମା ମଧ୍ୟକୁ ଅନୁପ୍ରବେଶ କରୁଥିବା ସମୟରେ ସୀମାରେ ମୁତୟନ ଥିବା ବିଏସ୍ଏଫ୍ ସୁରକ୍ଷା କର୍ମୀ ସେମାନଙ୍କ ଗତିବିଧି ଚିହ୍ନଟ କରିଥିଲେ। ଯବାନମାନେ ତୁରନ୍ତ ସେମାନଙ୍କୁ ସତର୍କ କରାଇବା ସହ ସେହିଠାରେ ଅଟକି ଯିବାକୁ ଚେତାବନୀ ଦେଇଥିଲେ। ତେବେ ସୁରକ୍ଷା ବଳଙ୍କ ସତର୍କତା ଓ ଚେତାବନୀକୁ ନଡରି ସୀମା ପାର୍ ହୋଇ ଭରତରେ ପ୍ରବେଶ କରିବାକୁ ପ୍ରୟାସ କରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଏସ୍ଏଫ୍ ପକ୍ଷରୁ ଗୁଳିଚାଳନା କରାଯାଇଥିଲା, ଯାହାଫଳରେ ଗୁଳିବାଜି ଘଟଣାସ୍ଥଳରେ ହିଁ ଉଭୟ ଅନୁପ୍ରବେଶକାରୀଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ଉକ୍ତ ସୀମାନ୍ତ ଅଞ୍ଚଳରେ ବ୍ୟାପକ ସର୍ଚ୍ଚ ଅପରେସନ୍ ଜାରି ରହିଛି।

# ମମତା ବାନାର୍ଜୀଙ୍କୁ ଖୋଲା ଅଫର ଦେଲା କଂଗ୍ରେସ

ନୂଆଦିଲ୍ଲୀ : ପଶ୍ଚିମବଙ୍ଗ ରାଜନୀତିରେ ନୂଆ ଚର୍ଚ୍ଚା। ତୃଣମୂଳ କଂଗ୍ରେସ (ଝଗଉ) ମୁଖ୍ୟ ମମତା ବାନାର୍ଜୀଙ୍କୁ କଂଗ୍ରେସକୁ ଫେରିବାକୁ ଖୋଲା ନିମନ୍ତ୍ରଣ ଦେଇଛନ୍ତି କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ। ସେ ମମତାଙ୍କୁ ତାଙ୍କ ସହ ବାକି ଥିବା ବିଧାୟକ ଓ ସାଂସଦମାନଙ୍କୁ ନେଇ କଂଗ୍ରେସରେ ସାମିଲ ହେବାକୁ ଆହ୍ୱାନ କରିଛନ୍ତି। ଅଧୀର ଚୌଧୁରୀ କହିଛନ୍ତି ଯେ, ମମତା କଂଗ୍ରେସକୁ ଫେରିଲେ ପଶ୍ଚିମବଙ୍ଗରେ ଦଳ ତାଙ୍କ ନେତୃତ୍ୱକୁ ଗ୍ରହଣ କରିବ ଏବଂ ତାଙ୍କ ସହ କାମ କରିବ। ଏଥିପାଇଁ କଂଗ୍ରେସ ହାଇକମାଣ୍ଡଙ୍କୁ ମଧ୍ୟ ସେ ଅନୁରୋଧ କରିବେ ବୋଲି କହିଛନ୍ତି। ଅଧୀରଙ୍କ ଏହି ବୟାନ ଏପରି ସମୟରେ ଆସିଛି, ଯେତେବେଳେ ପଶ୍ଚିମବଙ୍ଗରେ କଂଗ୍ରେସ ଓ ତୃଣମୂଳ କଂଗ୍ରେସର ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର ଧରିଛି। ୨୦୨୬ ବିଧାନସଭା ନିର୍ବାଚନ ପରେ ଝଗଉ ଭିତରେ ସାଂଗଠନିକ ଓ ବିଧାନସଭା-ସାଂସଦୀୟ ଶିବିରକୁ ନେଇ ମତଭେଦର ଖବର ମଧ୍ୟ ସାମ୍ନାକୁ ଆସିଛି।

# ସଙ୍କଟରେ ମହାରାଷ୍ଟ୍ର, ବଢ଼ିବ ଡାଲି-ତେଲ ଦର !



ବର୍ଷା ଅଭାବ ଓ ଦୀର୍ଘ ଶୁଷ୍କ ପର୍ଯ୍ୟାୟ ଯୋଗୁଁ ମହାରାଷ୍ଟ୍ରର ବିଶାଳ ଅଞ୍ଚଳ ଏବେ ମରୁଡ଼ି କବଳରେ। ରାଜ୍ୟର ୩୫୮ଟି ତହସିଲ ମଧ୍ୟରୁ ୨୬୫ଟିକୁ ମରୁଡ଼ି ପ୍ରଭାବିତ ଘୋଷଣା କରାଯାଇଛି। ଅର୍ଥାତ୍ ପ୍ରାୟ ୭୪ ପ୍ରତିଶତ ତହସିଲ ଏହି ସଙ୍କଟରେ ପଡ଼ିଛି। ଚଳିତ ବର୍ଷ ମହାରାଷ୍ଟ୍ରରେ ସାମଗ୍ରିକ ବର୍ଷା ପ୍ରାୟ ୧୮ ପ୍ରତିଶତ କମ୍ ରହିଛି। ମରାଠୱାଡାରେ ବର୍ଷା ଘାଟତି ପ୍ରାୟ ୩୮ ପ୍ରତିଶତ ଏବଂ ବିଦର୍ଭରେ ପ୍ରାୟ ୨୭ ପ୍ରତିଶତ ଥିବାରୁ ଏହି ଦୁଇ ଅଞ୍ଚଳ ସବୁଠୁ ଅଧିକ ପ୍ରଭାବିତ ହୋଇଛି। ଦୀର୍ଘଦିନ ଧରି ବର୍ଷା ନ ହେବାରୁ ଅନେକ ସ୍ଥାନରେ କ୍ଷେତ ଶୁଖି ଯାଇଛି। ସୋୟାବିନ୍, ହରଡ଼ ଡାଲି, ପିଆଜ ସହ ଅନେକ ଖରିଫ ଫସଲର ଉତ୍ପାଦନ ଉପରେ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। କେତେକ ଅଞ୍ଚଳରେ ଫସଲ ନଷ୍ଟ ହେବା ସହିତ ପଶୁଖାଦ୍ୟ ଓ ପାଣି ଅଭାବ ମଧ୍ୟ ଦେଖାଦେଇଛି। ଜଳସଂକଟ ମଧ୍ୟ ଚିନ୍ତା ବଢ଼ାଇଛି। ମହାରାଷ୍ଟ୍ରର ଡ୍ୟାମଗୁଡ଼ିକରେ ଜଳସ୍ତର ଗତବର୍ଷଠାରୁ କମ୍ ଥିବା ବେଳେ, ମରାଠୱାଡାରେ ସ୍ଥିତି ଅଧିକ ଗମ୍ଭୀର। ସେଠାରେ ଜଳଭଣ୍ଡାର ପ୍ରାୟ ୪୪.୯୨ ପ୍ରତିଶତରେ ସୀମିତ ରହିଥିବା ନେଇ ରିପୋର୍ଟ ଆସିଛି।

ମହାରାଷ୍ଟ୍ର ଦେଶର ପ୍ରମୁଖ ସୋୟାବିନ୍ ଓ ହରଡ଼ ଉତ୍ପାଦକ ରାଜ୍ୟ ମଧ୍ୟରୁ ଗୋଟିଏ। ୨୦୨୪-୨୫ରେ ଦେଶର ହରଡ଼ ଉତ୍ପାଦନର ପ୍ରାୟ ୩୯ ପ୍ରତିଶତ ଏବଂ ସୋୟାବିନ୍ ଉତ୍ପାଦନର ପ୍ରାୟ ୪୮ ପ୍ରତିଶତ ମହାରାଷ୍ଟ୍ରରୁ ଆସିଥିଲା। ସେଥିପାଇଁ ଏଠାରେ ଫସଲ ଉତ୍ପାଦନ କମିଲେ ଏହାର ପ୍ରଭାବ କେବଳ ମହାରାଷ୍ଟ୍ରରେ ସୀମିତ ରହିବ ନାହିଁ। ଦେଶର ବଜାରରେ ଡାଲି, ଖାଦ୍ୟତେଲ ଓ କେତେକ ପନିପରିବାର ଯୋଗାଣ ଉପରେ ଚାପ ପଡ଼ିପାରେ। ବିଶେଷକରି ହରଡ଼ ଓ ଚଣା ଦର ଉପରେ ଚାପ ଦେଖାଯାଉଥିବା ବେଳେ, ଆଗାମୀ ରବି ଚାଷ ମଧ୍ୟ ମାଟିରେ ଆର୍ଦ୍ରତା ଅଭାବରୁ ପ୍ରଭାବିତ ହୋଇପାରେ।

# ଆନ୍ତଃରାଜ୍ୟ ଚୋରକୁ କାବୁ କଲା ପଡ଼ିଆ ପୁଲିସ

## ଅଭିଯୁକ୍ତ ନାଁରେ ପଡୋଶୀ ରାଜ୍ୟରେ ୨୫ ଡକାୟତି ମାମଲା

ମାଲକାନଗିରି: ଘରେ କେହି ନଥିବାର ସୁଯୋଗ ନେଇ ଚୋରି କରୁଥିବା ଜଣେ ଆନ୍ତଃରାଜ୍ୟ ଚୋରକୁ କାବୁ କରିଛି ପଡିଆ ପୁଲିସ। ମାଲକାନଗିରି ଜିଲ୍ଲାର ସୀମାବର୍ତ୍ତୀ ପଡିଆ ଥାନା ଅଞ୍ଚଳରେ ଚୋରି ଘଟଣାର ତଦନ୍ତ କରି ପୁଲିସ ଭଦ୍ରାଚଳମ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତର ନାମ କାନିଥି ଭେଙ୍କେଟେଶ୍ୱରାଲୁ ବୋଲି ଜଣାପଡିଛି । ପୁଲିସ ସୂଚନା ଅନୁଯାୟୀ, ଏମଭି-୧୧୭ ଗ୍ରାମର ପୂର୍ଣ୍ଣିମା ସାନା ଅସୁସ୍ଥତା କାରଣରୁ ଗତ ୨୦ ସେପ୍ଟେମ୍ବରରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ରାତିରେ ଘରର ତାଲା ଭାଙ୍ଗି ଚୋରି କରିଥିବା ଅଭିଯୋଗ ହୋଇଥିଲା। ଚୋରି ହୋଇଥିବା ସାମଗ୍ରୀ ମଧ୍ୟରେ ନଗଦ ପ୍ରାୟ ୧୦ ହଜାର ଟଙ୍କା, ସୁନାମୁଦି, ସୁନାଚେନ୍ ସହ ଏକ ମାଟିକୁଣ୍ଡିରେ ରହିଥିବା ପ୍ରାୟ ୬ରୁ ୮ ହଜାର ଟଙ୍କା ଥିବା ଜଣାପଡ଼ିଛି। ଏହି ଘଟଣା ସମ୍ପର୍କରେ ପୂର୍ଣ୍ଣିମା ପଡିଆ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗକାରୀ ଓ ସାକ୍ଷୀମାନଙ୍କ ବୟାନ ରେକର୍ଡ କରିବା ସହ ଚୋରକୁ ଧରିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ଦିଗରୁ ଛାନ୍‌ଭିନ ଜାରି ରହିଥିଲା। ଏହି କ୍ରମରେ ଗତ ୨୭ ତାରିଖ ବିଳମ୍ବିତ ରାତିରେ ପଡିଆ ଥାନାଧିକାରୀ ସନ୍ତୋଷ କୁମାର ମାଝୀଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଗଠନ କରାଯାଇଥିଲା। ପୁଲିସ ସୂଚନା ଓ ସ୍ଥାନୀୟ ଖବରଦାତାଙ୍କ ସହଯୋଗରେ ଜାଲ ବିଛାଇ ଅଭିଯୁକ୍ତ ଭେଙ୍କେଟେଶ୍ୱରାଲୁଙ୍କୁ କାବୁ କରାଯାଇଥିଲା। ପୁଲିସର ପଚରାଉଚରା ସମୟରେ ଅଭିଯୁକ୍ତ ଏମଭି-୧୧୭ ଗ୍ରାମର ପୂର୍ଣ୍ଣିମାଙ୍କ ଘରେ ଚୋରି କରିଥିବା ଘଟଣାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିବା ପୁଲିସ ପକ୍ଷରୁ କୁହାଯାଇଛି। ପୋଲିସ ତଦନ୍ତରୁ ଅଭିଯୁକ୍ତ ପୂର୍ବରୁ ୨୦୧୦ରୁ ୨୦୨୬ ମଧ୍ୟରେ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶରେ ପ୍ରାୟ ୨୫ଟି ଡକାୟତି ମାମଲାରେ ଜଡ଼ିତ ଥିବା ସୂଚନା ମିଳିଛି। ସୀମାବର୍ତ୍ତୀ ଅଞ୍ଚଳରେ ପଡୋଶୀ ରାଜ୍ୟରୁ ଆସି ଅଜଣା ବ୍ୟକ୍ତିମାନେ ରାତି ସମୟରେ ଘରକୁ ଘର ବୁଲି ଚୋରି କରୁଥିବା ଘଟଣାକୁ ନେଇ ପଡିଆ ପୁଲିସର ନଜରଦାରି ବଢ଼ିଥିବା ବେଳେ ଏହି ଗିରଫକୁ ପୁଲିସର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବେ ଦେଖାଯାଉଛି । ଅନ୍ୟପକ୍ଷରେ ଚୋରି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା ବେଳେ ଗିରଫ ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ଢାବାରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ : ୭ ପ୍ରକାର ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ

## ୭ ଦିନ ମଧ୍ୟରେ କାଗଜପତ୍ର ଦାଖଲ ନିର୍ଦ୍ଦେଶ

ଝାରସୁଗୁଡ଼ା: ଝାରସୁଗୁଡ଼ା-କୋଲାବିରା ରାସ୍ତାର ରଘୁନାଥପାଲିସ୍ଥିତ ଅନ୍ତ ଢାବାରେ ମଙ୍ଗଳବାର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ ଢାବାର ବୈଧ ଫୁଡ୍ ଲାଇସେନ୍ସ, ପାଣି ପରୀକ୍ଷା ରିପୋର୍ଟ ଏବଂ କର୍ମଚାରୀଙ୍କ ମେଡିକାଲ ଫିଟନେସ୍ ସାର୍ଟିଫିକେଟ୍ ଉପଲବ୍ଧ ନଥିବା ଅଧିକାରୀମାନେ ଦେଖିଥିଲେ। ଏଥିସହ ରୋଷେଇ ଘର ଓ ୱାସିଂ ଏରିଆର ସ୍ୱଚ୍ଛତା ବ୍ୟବସ୍ଥାରେ ମଧ୍ୟ କିଛି ତ୍ରୁଟି ଚିହ୍ନଟ ହୋଇଥିଲା। ଏହାକୁ ନେଇ ଖାଦ୍ୟ ସୁରକ୍ଷା ଅଧିକାରୀ ଢାବାର ସତ୍ତ୍ୱାଧିକାରୀ ଶୁଭମ ସରାଫଙ୍କୁ ନୋଟିସ୍ ଜାରି କରିଛନ୍ତି। ନୋଟିସରେ ୭ ଦିନ ମଧ୍ୟରେ ଆବଶ୍ୟକ ବୈଧ କାଗଜପତ୍ର ଦାଖଲ କରିବା ସହ ଢାବା ପରିସରରେ ଉଚିତ ସ୍ୱଚ୍ଛତା ବ୍ୟବସ୍ଥା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହା ପାଳନ ନହେଲେ ଆଇନାନୁଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ, ଖାଦ୍ୟ ସାମଗ୍ରୀର ଗୁଣବତ୍ତା ଓ ରାସାୟନିକ ପରୀକ୍ଷା ପାଇଁ ଢାବାରୁ ହରଡ଼ ଡାଲି, ଚାଉଳ, ହଳଦୀ, ଲଙ୍କା ଗୁଣ୍ଡ, ସୋରିଷ ତେଲ, ଲୁଣ ଓ ପାଣି ଭଳି ୭ ପ୍ରକାର ସାମଗ୍ରୀର ନମୁନା ସଂଗ୍ରହ କରାଯାଇଛି। ନମୁନାଗୁଡ଼ିକୁ ଭୁବନେଶ୍ୱରସ୍ଥିତ ପବ୍ଲିକ୍ ହେଲ୍ଥ ଲାବୋରେଟୋରୀକୁ ପରୀକ୍ଷା ପାଇଁ ପଠାଯାଇଛି। ତେବେ ଲାବୋରେଟୋରୀରୁ ପରୀକ୍ଷା ରିପୋର୍ଟ ଆସିନଥିବାରୁ ସଂଗୃହୀତ ଖାଦ୍ୟ ସାମଗ୍ରୀରେ ଭେଜାଲ ଥିବା ନେଇ ଏପର୍ଯ୍ୟନ୍ତ କୌଣସି ନିଶ୍ଚିତ ତଥ୍ୟ ମିଳିନାହିଁ। ରିପୋର୍ଟ ଆସିବା ପରେ ହିଁ ଏନେଇ ସ୍ପଷ୍ଟ ଚିତ୍ର ମିଳିପାରିବ।

# ଜିଲ୍ଲାସ୍ତରୀୟ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ



ବଲାଙ୍ଗୀର(ପିପିଏସ): ବଲାଙ୍ଗୀର ସଦରମହକୁମା ଠାରେ ଜିଲ୍ଲାସ୍ତରୀୟ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଗାନ୍ଧୀ ଭବନ ସମ୍ମୁଖସ୍ଥ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ, ପୌରପରିଷଦର ଅଧକ୍ଷା ଲିକା ସାହୁ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଜିଲ୍ଲାପରିଷଦ ନିର୍ବାହୀଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସଦରମହକୁମାସ୍ଥିତ ଗାନ୍ଧୀନଗରପଡା ଠାରେ ଅବସ୍ଥାପିତ ମହାତ୍ମାଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ଏକ ସଭାର ଆୟୋଜନ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ଭାବେ ପୌରପରିଷଦ ଅଧକ୍ଷା ଲିକା ସାହୁ ଓ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ଉପସ୍ଥିତ ଥିଲେ । ସମ୍ମାନୀୟ ଅତିଥି ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ମାଲ୍ୟାର୍ପଣ ଅର୍ପଣ କରିଥିଲେ ଏବଂ ସର୍ବଧର୍ମ ପ୍ରାର୍ଥନାରେ ସତ୍ୟବନ୍ତ ବେଦବାକ, ଇମାମ ସାହେବ ମହମ୍ମଦ ମୁସାହିତ ରାଜା, ନିମୁଏଲ ନାଗ, ଯଶବୀର ସିଂ ପ୍ରମୁଖ ସର୍ବଧର୍ମ ପାଠ କରିଥିଲେ । ଉପସ୍ଥିତ ସମ୍ମାନିତ ଅତିଥି ଅଭିଭାଷଣରେ କହିଥିଲେ ଯେ, ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ କେବଳ ଉତ୍ସବରେ ସୀମିତ ନରଖି, ଦୈନନ୍ଦିନ ଜୀବନରେ ତାଙ୍କର ମୂଲ୍ୟବୋଧକୁ ପ୍ରୟୋଗ କରି ସୁସମାଜ ଗଠନ କରିବା । ତାଙ୍କର ନୀତି ଶିକ୍ଷା ବିଶ୍ୱବ୍ୟାପୀ ଲୋକମାନଙ୍କୁ ପ୍ରେରଣା ଦେଇ ଚାଲିଛି, ସେଇ ନୀତି ଶିକ୍ଷାରେ ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ ହୋଇ ଭଲ ମଣିଷ ହେବାକୁ ଅତିଥିବୃନ୍ଦ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ କିସ୍ ଆବାସିକ ବିଦ୍ୟାଳୟର ଛାତ୍ରୀମାନେ ବାପୁଜୀଙ୍କ ପ୍ରିୟ ଭଜନ ପରିବେଷଣ କରିଥିଲେ। ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟସ୍ତରରେ ଆୟୋଜିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ ଏହି କାର୍ଯ୍ୟକ୍ରମର ସଂଯୋଜନା ତଥା ପରିଚାଳନା କରିଥିଲେ । ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଜୟରାମ ମିଶ୍ର, ଡାଃ. ପ୍ରେମଚାନ୍ଦ ମହାନ୍ତି, ସନ୍ଦୀପ କୁମାର କୁଅଁର, କ୍ରୀଡ଼ାବାସ ଅଧିକ୍ଷକ ପରାଶର ବାଗ, କିସ୍‌ର ପ୍ରଧାନଶିକ୍ଷକ ଆକାଶ କୁମାର ମିଶ୍ର, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପୌରପରିଷଦର କର୍ମଚାରୀ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ବିଧାଧର ସୁନା, କର୍ମଚାରୀ ଦେବେନ୍ଦ୍ର ବାଗ, କ୍ରୀଡ଼ାବାସର କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବୌଦ୍ଧରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ



ବୌଦ୍ଧ,(ପିପିଏସ୍) : ବୌଦ୍ଧ ଜିଲ୍ଲାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚର ସଭାପତି, ସମ୍ପାଦକ ପ୍ରମୁଖ ଯୋଗ ଦେଇଥିଲେ । ସଭାରେ ସଦସ୍ୟବୃନ୍ଦ, ଜରାନିବାସର ବରିଷ୍ଠ ନାଗରିକ, ବୌଦ୍ଧ ବ୍ଲକ୍ ଅଞ୍ଚଳର ବରିଷ୍ଠ ନାଗରିକବୃନ୍ଦ, ବୁଦ୍ଧିଜୀବୀ,ପୁଲିସ ପ୍ରଶାସନ, ମେଡିକାଲ ଟିମ୍,ଫାୟାର ଟିମ୍,ଆମ୍ବୁଲାନ୍ସ, ସମାଜସେବୀ ,ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଯୋଗ, ବରିଷ୍ଠ ନାଗରିକ ସଚେତନତା କାର୍ଯ୍ୟକ୍ରମ ଯୋଜନା, ମେଡିକାଲ କ୍ୟାମ୍ପ ଇତ୍ୟାଦି ଅନୁଷ୍ଠିତ ହେଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଷାନ୍ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କର୍ମକର୍ତ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# କୁଶଙ୍ଗାଇଙ୍କ ଷୋହଳ ପୂଜା ପ୍ରସ୍ତୁତି

ବଲାଙ୍ଗିର(ପିପିଏସ୍) : ଲୋଇସିଂହା ବ୍ଲକ ଅନ୍ତର୍ଗତ କୁଶଙ୍ଗ ଗ୍ରାମରେ ରହିଛି ମା' କୁଶଙ୍ଗାଇଙ୍କ ପ୍ରାଚୀନ ଶକ୍ତିପୀଠ । ଏକାଦଶ ଶତାବ୍ଦୀର ଏହି ଶକ୍ତିପୀଠରେ ଶାରଦୀୟ ପୂଜାପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିସରରେ ବୁଧବାର ସନ୍ଧ୍ୟାରେ ସେବାୟତ, ମନ୍ଦିର କମିଟୀ, ଗ୍ରାମ୍ୟ କମିଟୀ ତଥା ଭକ୍ତମାନଙ୍କ ଉପସ୍ଥିତିରେ ମା'କୁଶଙ୍ଗାଇଙ୍କ ଷୋହଳ ପୂଜା ମହାସମାରୋହରେ ଅନୁଷ୍ଠିତ ହେବାକୁ ସ୍ଥିରିକୃତ ହୋଇଛି । ବିଧିଅନୁସାରେ, ଏହି ଷୋହଳ ପୂଜା ଆସନ୍ତା ତା' ୩-୧୦-୨୦୨୬ମୂଳାଷ୍ଟମୀ(ପୁଅ ଜିଉଁଟିଆ) ଠାରୁଆରମ୍ଭ ହୋଇ ମହାଷ୍ଟମୀ ତିଥି(ଭାଇ ଜିଉଁଟିଆ) ତା'୧୮-୧୦-୨୦୨୬ ପର୍ଯ୍ୟନ୍ତ ଚାଲିବ । ଏହିସମୟରେ ଭଜନ, କୀର୍ତ୍ତନ, ଭାଗବତ ପାଠ ଏବଂ ମହାଳୟା ଦିନ ଠାରୁ ଧବଳମୁଖୀ ବେଶ ସହ ମା'ଙ୍କର ନବଦୁର୍ଗା ବେଶ ଅନୁଷ୍ଠିତ ହେବ । ମହାଷ୍ଟମୀ ତିଥି ରାତିରେ ଏବଂ ପୂର୍ଣ୍ଣମୀ ତିଥି ରାତିରେ ମା'କୁଶଙ୍ଗାଇଙ୍କର ବଏଲ ଯାତ୍ରା ହେବ । ଏବର୍ଷ ଦେବଦତ୍ତ ଦେହେରୀ ପୂଜା କାର୍ଯ୍ୟ ସଂପାଦନ କରିବେ ।

# ଏସ୍‌ବିଆଇ ପକ୍ଷରୁ ମେଗା ସ୍ୱଚ୍ଛତା ଅଭିଯାନ ଏବଂ ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ ସହ ଗାନ୍ଧୀ ଜୟନ୍ତୀ ପାଳିତ




ଭୁବନେଶ୍ୱର,(ପିପିଏସ୍) : ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମବାର୍ଷିକୀ ଅବସରରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) , ଭୁବନେଶ୍ୱର ସର୍କଲ୍ ପକ୍ଷରୁ ସମଗ୍ର ଓଡ଼ିଶାରେ ଏକ ବ୍ୟାପକ 'ସ୍ୱଚ୍ଛତା ଅଭିଯାନ' ଆୟୋଜନ କରାଯାଇଛି । ଏହି ସ୍ୱଚ୍ଛତା ଅଭିଯାନ ମୁଖ୍ୟ ମହାପ୍ରବନ୍ଧକ (ଚିଫ୍ ଜେନେରାଲ ମ୍ୟାନେଜର) ରାକେଶ କୁମାର ଯାଦବ ଏବଂ କର୍ମଚାରୀମାନଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ସ୍ୱଚ୍ଛତା, ପରିବେଶ ସ୍ଥିରତା ଏବଂ ଏକ ଡିଜିଟାଲ୍ ସଚେତନ ସମାଜ ପ୍ରତି ଏସ୍‌ବିଆଇର ପ୍ରତିବଦ୍ଧତାକୁ ଦୋହରାଇ ଏହି ଅଭିଯାନ ଓଡ଼ିଶାର ୨୧ଟି ଭିନ୍ନ ଭିନ୍ନ ପ୍ରମୁଖ ପାର୍କରେ ଏକ ସମୟରେ ଅନୁଷ୍ଠିତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା ଏବଂ ନାଗରିକ ଦାୟିତ୍ୱବୋଧର ପରିକଳ୍ପନା ଅନୁଯାୟୀ ଅଂଶଗ୍ରହଣକାରୀମାନେ ସଫେଇ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ସାମିଲ ହୋଇଥିଲେ। ଏହାବ୍ୟତୀତ, ଏହି ଅଭିଯାନ ସମୟରେ ଏସ୍‌ବିଆଇ ପକ୍ଷରୁ 'ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ'ଆୟୋଜନ କରାଯାଇଥିଲା। ପାର୍କକୁ ଆସିଥିବା ପର୍ଯ୍ୟଟକ ଓ ଦର୍ଶନାର୍ଥୀମାନେ ଏଥିରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହା ବ୍ୟାଙ୍କ ଏବଂ ଏହାର ଗ୍ରାହକମାନଙ୍କ ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ଆଲୋଚନାର ସୁଯୋଗ ସୃଷ୍ଟି କରିଥିଲା। ଏହି ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ ସମୟରେ ପାର୍କକୁ ଆସିଥିବା ସମସ୍ତ ଦର୍ଶନାର୍ଥୀଙ୍କୁ ଏସ୍‌ବିଆଇର ଡିଜିଟାଲ୍ ବ୍ୟବସ୍ଥା ଯେପରିକ ଯୋନୋ , ହ୍ୱାଟ୍ସଆପ୍ ବ୍ୟାଙ୍କିଙ୍ଗ୍ ଏବଂ ସାଇବର ସଚେତନତା ବିଷୟରେ ଅବଗତ କରାଯାଇଥିଲା। ଅଂଶଗ୍ରହଣ ପାଇଁ କୃତଜ୍ଞତା ସ୍ୱରୂପ ଦର୍ଶନାର୍ଥୀମାନଙ୍କୁ ଏକ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ସ୍ମାରକୀ(ମେମେଣ୍ଟୋ) ପ୍ରଦାନ କରାଯାଇଥିଲା। ଏହି ପ୍ରୟାସ ସ୍ୱଚ୍ଛତା ଏବଂ ସାମାଜିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରସାର କରିବା ସହ ଗ୍ରାହକମାନଙ୍କ ସହ ଏସବିଆଇର ସମ୍ପର୍କକୁ ଅଧିକ ମଜବୁତ କରିଛି । ଏହି ଅବସରରେ ମୁଖ୍ୟ ମହାପ୍ରବନ୍ଧକ ଗୁରୁତ୍ୱାରୋପ କରି କହିଥିଲେ ଯେ, ସ୍ୱଚ୍ଛତା କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଏକ ସାମୂହିକ ଦାୟିତ୍ୱ। ଏସ୍‌ବିଆଇ ଏହାର ଆଦର୍ଶ ବାକ୍ୟ 'ଡିଜିଟାଲ୍ ପ୍ରଥମ, ଗ୍ରାହକ ପ୍ରଥମ ଏବଂ ଦେଶ ସର୍ବଦା' ପ୍ରତି ସଦାସର୍ବଦା ପ୍ରତିବଦ୍ଧ ରହିବ। ଏହି କାର୍ଯ୍ୟକ୍ରମ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ସହ ଜଡ଼ିତ ସମାଜ ସେବା, ପରିବେଶ ସୁରକ୍ଷା ଏବଂ ଦେଶ ଗଠନ ମୂଳକ କାର୍ଯ୍ୟ ପ୍ରତି ଏସ୍‌ବିଆଇର ନିରନ୍ତର ସମର୍ପଣକୁ ପ୍ରତିଫଳିତ କରୁଛି ।

# 'ଜୁହାର ପରିବାର ବଡ଼ୋଦରା'ର ସଦସ୍ୟବୃନ୍ଦଙ୍କ ପକ୍ଷରୁ ନୂଆଁଖାଇ ଭେଟଘାଟ

ଝାରସୁଗୁଡ଼ା: ଗୁଜରାଟର ବଡୋଦରା ସହରରେ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀ, 'ଜୁହାର ପରିବାର ବଡୋଦରା'ର ସଦସ୍ୟବୃନ୍ଦଙ୍କ ପକ୍ଷରୁ ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଭେଟଘାଟ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ପଡ଼ିଆବାହାଲ, ସମ୍ବଲପୁର ଜିଲ୍ଲାର ଖ୍ୟାତନାମା 'ସ୍ୱୟଂ ସାଂସ୍କୃତିକ ଅନୁଷ୍ଠାନ'ର କଳାକାରମାନେ ଯୋଗଦେଇ ସମ୍ବଲପୁରୀ ଗୀତ, ବାଦ୍ୟ ଓ ନୃତ୍ୟ ପରିବେଷଣ କରିଥିଲେ। କଳାକାରମାନଙ୍କ ମନମୁଗ୍ଧକର ପ୍ରଦର୍ଶନରେ ଉପସ୍ଥିତ ଦର୍ଶକ ଓ ଅତିଥିମାନେ ଝୁମିଉଠିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲେ ଜୁହାର ପରିବାର ବଡୋଦରାର କୁନି କଳାକାର ସୁଶ୍ରୀ ଶ୍ରେୟା ସମାୟା ପଟେଲ। ତାଙ୍କର ମନୋରମ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନ ଜିଣି ଥିଲା। ଉପସ୍ଥିତ ଦର୍ଶକବୃନ୍ଦ ତାଙ୍କ ନୃତ୍ୟର ଭୁରି ଭୁରି ପ୍ରଶଂସା କରିଥିଲେ। ପଶ୍ଚିମ ଓଡ଼ିଶାର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପ୍ରତୀକ ସମ୍ବଲପୁରୀ ହସ୍ତତନ୍ତ ବସ୍ତ୍ରର ପ୍ରଚାର ଓ ଲୋକପ୍ରିୟତା ବୃଦ୍ଧି ଉଦ୍ଦେଶ୍ୟରେ ଉତ୍ସବରେ ଯୋଗଦେଇଥିବା ସମସ୍ତେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ। ଏହା ମାଧ୍ୟମରେ ପ୍ରବାସରେ ମଧ୍ୟ ନିଜ ମାଟିର କଳା, ସଂସ୍କୃତି ଓ ହସ୍ତତନ୍ତ ପ୍ରତି ଭଲପାଇବାର ଏକ ସୁନ୍ଦର ବାର୍ତ୍ତା ଦିଆଯାଇଥିଲା। ନୂଆଁଖାଇ ଅବସରରେ ପରିବେଷିତ ବିଭିନ୍ନ ପାରମ୍ପରିକ ସମ୍ବଲପୁରୀ ଖାଦ୍ୟ ମଧ୍ୟ ସମସ୍ତଙ୍କ ମନ ମୋହିଥିଲା। ଅତିଥି ଓ ଦର୍ଶକମାନେ ସମ୍ବଲପୁରୀ ଗୀତ, ବାଦ୍ୟ, ନୃତ୍ୟ ସହିତ ପାରମ୍ପରିକ ଖାଦ୍ୟର ଭୂୟସୀ ପ୍ରଶଂସା କରିଥିଲେ। ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ନିଜ ମାଟି, ଭାଷା ଓ ସଂସ୍କୃତି ସହିତ ସମ୍ପର୍କକୁ ଆହୁରି ମଜବୁତ କରିବାରେ ଏହି ନୂଆଁଖାଇ ଉତ୍ସବ ଏକ ସୁନ୍ଦର ମାଧ୍ୟମ ପାଲଟିଥିଲା। ଏହି ଭବ୍ୟ ନୂଆଁଖାଇ ପର୍ବ ପାଳନରେ ଓଡ଼ିଶା ସରକାର ଏବଂ ଓ ଏନ୍ ଜି ସି ପକ୍ଷରୁ ସହଯୋଗ ମିଳିଥିଲା। ଆୟୋଜକମାନେ ସମସ୍ତ ସହଯୋଗୀ, କଳାକାର, ଅତିଥି ଓ ଉପସ୍ଥିତ ଦର୍ଶକଙ୍କୁ କୃତଜ୍ଞତା ଜଣାଇଥିଲେ।

# ପଣ୍ଡାପଡ଼ାରେ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ସପ୍ତାହ

ଘଟଗାଁ: ଅମ୍ବିକା ସରକାରୀ ଉଚ୍ଚ ବିଦ୍ୟାଳୟ ପଣ୍ଡାପଡା ଠାରେ ୭୨ତମ ବନ୍ୟ ପ୍ରାଣୀ ସୁରକ୍ଷା ସଚେତନତା ସପ୍ତାହ ଅନୁଷ୍ଠିତ ହୋଇଯାଇଛି ଗତ ସେପଟ୍ଟେମ୍ବର ୨୭ ତାରିଖ ଠାରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ପାଳନ ହେଉଥିବା ୭୨ତମ ବନ୍ୟ ପ୍ରାଣୀ ସୁରକ୍ଷା ସଚେତନତା ସପ୍ତାହ ଅବସରରେ ଅମ୍ବିକା ସରକାରୀ ଉଚ୍ଚ ବିଦ୍ୟାଳୟରେ ମୁଖ୍ୟ ଅତିଥିଭାବେ ସଦର ରେଞ୍ଜ ଫରେଷ୍ଟ ଗାର୍ଡ ଭବାନୀ ଶଙ୍କର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷୟତ୍ରୀ ସୁସ୍ମିତା ମହାପାତ୍ର ମଂଚାସିନ ହୋଇଥିଲେ। ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ଉପସ୍ଥିତ ଛାତ୍ରୀ ମାନଙ୍କୁ ଜଙ୍ଗଲରେ ବସବାସ କରୁଥିବା ବିଭିନ୍ନ ବନ୍ୟପ୍ରାଣୀ ମାନଙ୍କ ସୁରକ୍ଷା ଓ ସଚେତନ ଲାଗି ପୁଙ୍ଖାନୁପୁଙ୍ଖ ବୁଝାଇ କହିଥିଲେ। ପରେ ପରେ ସମ୍ମାନିତ ଅତିଥି ଶ୍ରୀମତୀ ମହାପାତ୍ର ଛାତ୍ରୀ ମାନଙ୍କୁ ସଚେତନତାର ବାର୍ତ୍ତା ଦେଇ ଜଙ୍ଗଲ ସୁରକ୍ଷିତ ରହିଲେ ବନ୍ୟ ପ୍ରାଣୀ ସୁରକ୍ଷିତ ରହିବେ ବୋଲି ବୁଝାଇ କହିଥିଲେ। ସ୍ୱେଚ୍ଛା ସେବୀ ଅନୁଷ୍ଠାନ ଏଫ ଇ ଏସ ଦ୍ୱାରା ଆୟୋଜିତ ବନ୍ୟ ପ୍ରାଣୀ ସୁରକ୍ଷା ସଚେତନ ପାଳନ ଅବସରରେ ଅମ୍ବିକା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମାନଙ୍କୁ ନେଇ ଚିତ୍ରାଙ୍କନ, ରଚନା ପ୍ରତିଯୋଗିତା ଆୟୋଜନ ହୋଇଥିଲା। ପ୍ରତିଯୋଗିତାରେ ବିଜେତା ହୋଇ ପ୍ରଥମ, ଦ୍ୱିତୀୟ ତୃତୀୟ ଓ ଚତୁର୍ଥ ସ୍ଥାନ ଚୟନ ହୋଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ମାନଙ୍କୁ ଉପସ୍ଥିତ ଅତିଥି ମାନପତ୍ର ଓ ଉପହାର ଦେଇ ଉତ୍ସାହିତ କରିବା ସହ ସ୍ୱାଗତ ଜଣାଇଥିଲେ।

# 'ଏକ ତାରିଖ, ଏକ ଘଣ୍ଟା, ଏକ ସାଥେ' ସମୂହ ଶ୍ରମଦାନ କାର୍ଯ୍ୟକ୍ରମ

ଝାରସୁଗୁଡା : 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଅନ୍ତର୍ଗତ ରାଷ୍ଟ୍ରବ୍ୟାପୀ 'ଏକ ତାରିଖ, ଏକ ଘଂଟା, ଏକ ସାଥେ' ଆହ୍ୱାନ କ୍ରମେ ବ୍ରଜରାଜନଗର ପୌରପରିଷଦ ପକ୍ଷରୁ ଏକ ବ୍ୟାପକ ସମୂହ ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗର ମିଳିତ ସହଯୋଗ ଓ ଭାଗିଦାରୀରେ ସ୍ଥାନୀୟ ପ୍ରସିଦ୍ଧ ଚଣ୍ଡୀ ମନ୍ଦିର ପରିସରରେ ଏହି ସ୍ୱଚ୍ଛତା ଅଭିଯାନ ହାତକୁ ନିଆଯାଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା ତଥା ସ୍ୱଚ୍ଛତା ସମ୍ପର୍କିତ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ଆକର୍ଷଣୀୟ ରଙ୍ଗୋଲି କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଏହି ସାମୂହିକ ଶ୍ରମଦାନ କାର୍ଯ୍ୟକ୍ରମରେ ପୌରାଧକ୍ଷ ଗୋପାଳ ସୀତାନୀ, ପିଡି-ଆରଆର ଲଳିତ ସୋରେନ, ବ୍ରଜରାଜନଗର ପୌରପରିଷଦର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଜିଲ୍ଲା ପର୍ଯ୍ୟଟନ ବିଭାଗର ଡେପୁଟି କଲେକ୍ଟର ସୋମେଶ ଆଚାର୍ଯ୍ୟ, ପୌରଯନ୍ତ୍ରୀ ସୁବାଷ ମିଶ୍ରଙ୍କ ସମେତ ପୌରପରିଷଦର ସମସ୍ତ ବିଭାଗୀୟ କର୍ମଚାରୀ, ସ୍ୱଚ୍ଛସାଥୀ ଏବଂ ସଫେଇ କର୍ମଚାରୀମାନେ ଉପସ୍ଥିତ ରହି ସ୍ୱତଃସ୍ଫୂର୍ତ୍ତ ଭାବେ ଶ୍ରମଦାନ କରିଥିଲେ। ଅଧିକାରୀ ଓ ଜନସାଧାରଣଙ୍କ ମିଳିତ ପ୍ରୟାସରେ ଚଣ୍ଡୀ ମନ୍ଦିର ଏବଂ ଏହାର ଆଖପାଖ ପରିବେଶକୁ ସମ୍ପୂର୍ଣ୍ଣ ଆବର୍ଜନାମୁକ୍ତ, ସ୍ୱଚ୍ଛ ଏବଂ ସୁନ୍ଦର କରାଯାଇଥିଲା। ଏହି ଅବସରରେ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ସ୍ୱଚ୍ଛତାକୁ ଦୈନନ୍ଦିନ ଜୀବନର ଅଭ୍ୟାସରେ ପରିଣତ କରିବା ସହ ନିଜ ଆଖପାଖ ଅଂଚଳ ସଫା ରଖିବାକୁ ନାଗରିକମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ 'ସ୍ୱଚ୍ଛ ସହର, ସୁସ୍ଥ ସମାଜ' ଗଠନର ସଂକଳ୍ପକୁ ଅଧିକ ସୁଦୃଢ଼ କରାଯାଇ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରାଯାଇଛି ।

# ବାଣିଜ୍ୟ ମେଧାବୀ ଛାତ୍ର ଅନୁସନ୍ଧାନ ପରୀକ୍ଷା

ମାଲକାନଗିରି : ସ୍ଥାନୀୟ ମାଲକାନଗିରି ମହାବିଦ୍ୟାଳୟରେ ଓଡ଼ିଶା ବାଣିଜ୍ୟ ସଙ୍ଘ ତରଫରୁ ମେଧାବୀ ଛାତ୍ର ଅନୁସନ୍ଧାନ ପରୀକ୍ଷା ୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଚିତରଞ୍ଜନ ବାରିକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ କେନ୍ଦ୍ର ଅଧିକ୍ଷକ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ । ପରୀକ୍ଷା ନିରୀକ୍ଷକ ଓ ମୂଲ୍ୟାୟନକାରୀ ଭାବରେ ଦିପ୍ତୀରେଖା ମିଶ୍ର ଓ ବି. ଗୁପ୍ତେଶ୍ୱର ରାଓ କାର୍ଯ୍ୟ କରିଥିଲେ । ମୋଟ ୧୫ ଜଣ ବିଦ୍ୟାର୍ଥୀ ଏହି ପରୀକ୍ଷା ପାଇଁ ପଞ୍ଜିକୃତ କରିଥିବା ବେଳେ ୧୧ଜଣ ଉପସ୍ଥିତ ରହି ଏହି ପରୀକ୍ଷା ଦେଇଥିଲେ । ଏହା ଏକ ସ୍ନାତକ (ବାଣିଜ୍ୟ)ଛାତ୍ର ଛାତ୍ରୀଙ୍କ ମଧ୍ୟରେ ରାଜ୍ୟ ସ୍ତରରେ ପରବର୍ତ୍ତୀ ପରୀକ୍ଷା ଅନୁଷ୍ଠିତ ହେବ ଏବଂ ଫକୀର ମୋହନ ବିଶ୍ୱ ବିଦ୍ୟାଳୟରେ ଡିସେମ୍ବର ୨୦୨୬ରେ ଅନୁଷ୍ଠିତ ହେବ ଏବଂ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯିବ। ପ୍ରଥମ ଥର ପାଇଁ ମାଲକାନଗିରି ଜିଲ୍ଲାରେ ଜୋନ ସ୍ତରୀୟ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା । ଓଡିଶା ବାଣିଜ୍ୟ ସଂଘର ସଭାପତି ପ୍ରଫେସର ଡକ୍ଟର କିଶୋର କୁମାର ଦାଶ, ସାଧାରଣ ସମ୍ପାଦକ ଡକ୍ଟର ବିଶ୍ୱରଞ୍ଜନ ଜେନା ଓ ଦିଲ୍ଲୀପ ପଟେଲ, ଶ୍ରୀନିବାସ ରାଓଙ୍କ ଅନୁରୋଧ କ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଚିର ନିଦ୍ରାରେ ଘଟଗାଁ ମା' ତାରିଣୀ ମନ୍ଦିର ମୁଖ୍ୟ ପୂଜକ

ଘଟଗାଁ: ଚିର ନିଦ୍ରାରେ ଶୋଇଗଲେ ମା ତାରିଣୀ ମନ୍ଦିରର ମୁଖ୍ୟ ପୂଜକ ମୋହନ ଚରଣ ଦେହୁରୀ। ତାଙ୍କ ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳି ଯାଇଛି। ଶେଷ ଦର୍ଶନ ଲାଗି ଆସିଲେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି। ୮୨ ବର୍ଷ ବୟସରେ ମନ୍ଦିର ମୁଖ୍ୟ ପୂଜକଙ୍କ ପରଲୋକ ଘଟିଛି। ସୂଚନା ଥାଉକି କେନ୍ଦୁଝର ଆରାଧ୍ୟ ଦେବୀ ଘଟଗାଁ ମା ତାରିଣୀ ମନ୍ଦିର ମୁଖ୍ୟ ପୂଜକ ଗୁରୁତର ଅସୁସ୍ଥ ହୋଇ ପଡିବାରୁ ମଙ୍ଗଳବାର ରାତିରେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଭୋର ୪ଟାରେ ତାଙ୍କର ପରଲୋକ ଘଟିଥିଲା । ମୃତ୍ୟୁ ସମୟରେ ବଡ଼ ପୁଅ ଖଗେଶ୍ୱର ଦେହୁରୀ, ସାନ ପୁଅ ସର୍ବେଶ୍ୱର ଦେହୁରୀ, ପୁତୁରା ପ୍ରଦୀପ କୁମାର ଦେହୁରୀ, ନାତି ସୃଷ୍ଟି ନାରାୟଣ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ତାଙ୍କୁ ଗୋଳାବନ୍ଧ ବାସଭବନକୁ ନିଆଯାଇଥିଲା । ଖବରପାଇ ବରିଷ୍ଠ କଂଗ୍ରେସ ନେତା ସୁରେନ୍ଦ୍ର ପଟ୍ଟନାୟକ, ଉଦ୍ୟୋଗପତି ସେକ ଇମ୍ରାନ, ବରିଷ୍ଠ ନାଗରିକ ଅଭିମନ୍ୟୁ ତ୍ରିପାଠୀ, ପ୍ରେସ୍ କ୍ଲବର ଉପସଭାପତି କୂଳମଣି ନାଏକ ପ୍ରମୁଖ ମରଶରୀର ଉପରେ ପୁଷ୍ପ ଗୁଚ୍ଛ ଦେବା ସହ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ । ପରେ ତାଙ୍କୁ ଏକ ଶୋଭାଯାତ୍ରାରେ ଗାଁ ଶ୍ମଶାନ ପଡିଆକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ ପୁଅ ଖଗେଶ୍ୱର ମୁଖାଗ୍ନି ଦେଇଥିଲେ।

# ସେବା ସଂକଳ୍ପ ଅଭିଯାନରେ ଜୁନିଅର ରେଡ୍‌କ୍ରସ୍ ସୋସାଇଟି ପକ୍ଷରୁ ମେଗା ରକ୍ତଦାନ ଶିବିର



ବୌଦ୍ଧ, (ପିପିଏସ୍) : ଜିଲ୍ଲା ସେବା ସଂକଳ୍ପ ଅଭିଯାନ ୨୦୨୬ ଓ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ୨୦୨୬ ଅବସରରେ ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗ ଅନ୍ତର୍ଗତ ଜୁନିଅର ରେଡ୍‌କ୍ରସ ସୋସାଇଟି ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ବ୍ଲକ୍ ଅଧିନସ୍ଥ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଜହ୍ନାପଙ୍କ ପରିସରରେ ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେଙ୍କ ଅଧକ୍ଷତାରେ ଏହା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୁନିଅର ରେଡ୍‌କ୍ରସ ପତାକା ଉତ୍ତୋଳନ କରି ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ । ସେବା ମନୋଭାବ ନେଇ ରକ୍ତଦାନ କରି ଅଞ୍ଚଳବାସୀଙ୍କୁ ସାହାଯ୍ୟ କରିବାକୁ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଅଭିଭାବିକା ଓ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ କୁଳଦୀପ ମିନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ମହେନ୍ଦ୍ର କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଓ ଭାସ୍କର ଲେଙ୍କା, ହରଭଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀ ବରୁଣ କୁମାର ପ୍ରଧାନ, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ କେଶବ ମଲ୍ଲିକ୍, କଣ୍ଟାମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋକ ରଞ୍ଜନ ମାଳି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା, ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ପ୍ରଧାନ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ସମସ୍ତ ରକ୍ତଦାତାଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ରକ୍ତଦାତା ମାନଙ୍କୁ ସମ୍ମାନିତ କରିଥିଲେ। ଜହ୍ନାପଙ୍କ ମେଡିକାଲ ଅଧିକାରୀ ଡାକ୍ତର ଦିବ୍ୟରଞ୍ଜନ ମେହେର, ବାଉଁଶୁଣୀ ଆୟୁଷ ଡାକ୍ତର ଚମ୍ପୁରୁ ମାନସିଂ, ବୌଦ୍ଧ ଜିଲ୍ଲା ଡାକ୍ତରଖାନାର ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଡାକ୍ତର ଭଂଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ଦନ୍ତ ଚିକିତ୍ସକ ଡାକ୍ତର ବର୍ଷା ପ୍ରିୟଦର୍ଶିନୀ, ଏଚଆଇଭି/ଏଡ୍‌ସ ପରାମର୍ଶଦାତା ବନୋଜ କୁମାର ପ୍ରଧାନ, ଯୌନରୋଗ ପରାମର୍ଶଦାତା ପ୍ରମୋଦ କୁମାର ମହାରଣା, ଲାବ୍ରୋଟାରୀ ଟେକନିସିଆନ ଦିଲ୍ଲୀପ କୁମାର ଭୋଇ, ଦେବଦତ୍ତ କିଷାନ, ନର୍ସିଙ୍ଗ ଅଧିକାରୀ ଜୁଡା ଶବର, ସବିତା କୁଜୁ ଏବଂ ସହାୟକ ଭାବରେ ସୁରଜ ଭୋଲା ଓ ମହେନ୍ଦ୍ର କଲତା ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ପରିଚାଳନା କରିଥିଲେ। ଶିବିରର ପ୍ରଥମ ରକ୍ତ ଦାତା ତଥା ମହିଳା ରକ୍ତ ଦାତା କମିରା ଗ୍ରାମର ଶ୍ରଦ୍ଧାଞ୍ଜଳୀ ହୋତା, ଗୋଟିଏ ପରିବାରର ଯୁଗ୍ମ ରକ୍ତ ଦାତା ତଥା ସପତ୍ନୀକ ରକ୍ତଦାନ କରିଥିବା ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଓ ତାଙ୍କ ସହଧର୍ମିଣୀ ନେହା ଦୁବେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଓ ପଙ୍କଜିନୀ ବାରିକ, କନକପୁର ଗ୍ରାମର ଲଳିତ ମେହେର ଓ ପୁନମ ମେହେର, ଜଗତି ହାଇସ୍କୁଲର ଶିକ୍ଷକ ବିଶ୍ୱେଶର ପୁରୋହିତ ଓ ମମତା ଦାସ, ବଡଖଲିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବିଶ୍ୱଜିତ ପୁରୋହିତ ଓ ଶ୍ରଦ୍ଧାଞ୍ଜଳି ହୋତା, ମେଣ୍ଟିମାଳ ହାଇସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁ ଓ ଚନ୍ଦ୍ରିକା ସାହୁ, ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରବିନ୍ଦ ରଥ ଓ ଆରତୀ ମିଶ୍ର ଏବଂ ବାପା ଝିଅ ଭାବରେ ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ପ୍ରଭାତ କୁମାର ଶତପଥୀ ଓ ଝିଅ ଇପ୍ସିତା ଶତପଥୀ ପ୍ରମୁଖଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସା ପତ୍ର ଓ ଉପହାର ଦେଇ ସମ୍ମାନୀତ କରାଯାଇଥିଲା। ଏ ଜିଲ୍ଲାରେ ରେକର୍ଡ ସଂଖ୍ୟକ ୩୦୦ ୟୁନିଟ ରକ୍ତ ଦାନ କରିଥିବା ସମସ୍ତ ରକ୍ତଦାତା ମାନଙ୍କୁ ଅତିଥିଙ୍କ ଦ୍ୱାରା ପ୍ରଶଂସା ପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ଜୁନିଅର ରେଡ୍‌କ୍ରସ ଅଧିକାରୀ ଶିକ୍ଷକ ନବ କିଶୋର ଦୀପ ଅତିଥି ପରିଚୟ ସହିତ ମଞ୍ଚ ପରିଚାଳନା କରିଥିଲେ। ବ୍ଲକ ଜୁନିଅର ରେଡ୍‌କ୍ରସ ସଂଯୋଜକ ମଣ୍ଡିତ ମୋହନ ଚାନ୍ଦ, ପ୍ରିୟମ୍ବଦା ସୁବୁଦ୍ଧି, ବନମାଳୀ ମେହେର, କାଉନସିଲର ସୀତାରାମ କହଁର, ଗିରିଜା ଶଙ୍କର ବାଘଙ୍କ ସହିତ ସମସ୍ତ ସହଗୋଷ୍ଠୀ ଶିକ୍ଷା ଅଧିକାରୀ, ସି ଆର ସି ସି, ସ୍ଥାନୀୟ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟି ତଥା ଜନସାଧାରଣ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କୃତି ସିଆରସିସି ମାନଙ୍କୁ ଏବଂ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ସମସ୍ତ ଟିମ୍ ମେମ୍ବରଙ୍କୁ ପ୍ରଶଂସା ପତ୍ର ଦେଇ ସମ୍ମାନିତ କରାଯାଇଥିଲା । ବେଶୀରୁ ବେଶୀ ରକ୍ତଦାତା ସଂଗ୍ରହ କରିବାରେ ଜହ୍ନାପଙ୍କ ଗ୍ରାମ୍ୟ କମିଟି, ମାରୁତି ଯୁବକ ସଂଘ ଜହ୍ନାପଙ୍କ, ବିଦ୍ୟାଳୟ ପରିଚାଳନା କମିଟି ଓ ଆଲୁମିନି କମିଟି, ଶାନ୍ତି କମିଟି ନାରାୟଣନଗର ଏବଂ ସାମ୍ବାଦିକମାନେ ଆନ୍ତରିକତାର ସହ ସହଯୋଗ କରିଥିଲେ । ବୌଦ୍ଧ ସହଗୋଷ୍ଠୀ ଶିକ୍ଷାଧିକାରୀ କମଳକାନ୍ତ ଦଳବେହେରା ଧନ୍ୟବାଦ ଦେଇଥିଲେ । ଶେଷରେ ଅତିଥିମାନଙ୍କ ଦ୍ୱାରା ରେଡ୍‌କ୍ରସ ପତାକାକୁ ଅବତରଣ କରାଯାଇଥିଲା । ଜୁନିଅର ରେଡ୍‌କ୍ରସର ଛାତ୍ର ଛାତ୍ରୀ ଓ କର୍ମକର୍ତ୍ତା ସହଯୋଗ କରିଥିଲେ ।



ପ୍ରଜାତନ୍ତ୍ର ଖେଳ
ପୃଷ୍ଠା : ୧୨
୦୩.୧୦.୨୦୨୬

## ଏସୀୟ କ୍ରୀଡ଼ା କ୍ରିକେଟ୍ ଫାଇନାଲ

# ଭାରତ-ପାକିସ୍ତାନ ସ୍ୱର୍ଣ୍ଣ ଲଢ଼େଇ ଆଜି



ନିଶିନ: ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଶନିବାର ଚଳିତ ଏସୀୟ କ୍ରୀଡ଼ା ପୁରୁଷ କ୍ରିକେଟ୍ ଫାଇନାଲ୍‌ରେ ମୁହାଁମୁହିଁ ହେବେ। ଗତ ସଂସ୍କରଣ ବିଜେତା ଭାରତ ସେମିଫାଇନାଲ୍‌ରେ ଶ୍ରୀଲଙ୍କାକୁ ହରାଇ ଏଠାରେ ପହଞ୍ଚି। ସେହିପରି ବାଂଲାଦେଶକୁ ହରାଇ ପାକିସ୍ତାନ ସ୍ୱର୍ଣ୍ଣ ମୁକାବିଲାରେ ଅବତୀର୍ଣ୍ଣ ହୋଇଛି। ଉଭୟ ଦଳ ସିଧାସଳଖ କ୍ୱାର୍ଟରଫାଇନାଲ୍‌କୁ ଯୋଗ୍ୟତା କରିଥିଲେ। ୪ଟି ଯାକ କ୍ୱାର୍ଟରଫାଇନାଲ୍ ବର୍ଷା ଯୋଗୁଁ ବାତିଲ ହୋଇଯିବାରୁ ଉଭୟ ସେମିଫାଇନାଲ୍‌ରେ ସହଜରେ ପହଞ୍ଚିଥିଲେ। ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ୍ ବର୍ଷା ଓ ଓଦା ପଡ଼ିଆ ଯୋଗୁଁ ୧୩ ଓଭରିଆ ଖେଳାଯାଇଥିଲା। ବାଂଲାଦେଶକୁ ୧୧୧/୭ରେ ଅଟକାଇବା ପରେ ସାହିବଜାଦା ଫର୍ହାନଙ୍କ ନେତୃତ୍ୱାଧୀନ ପାକିସ୍ତାନ ୧୧.୩ ଓଭରରେ ୪ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା।

**ଭାରତର ରେକର୍ଡ ଭଲ ରହିଛି :** ଅନ୍ୟପକ୍ଷରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଈଶାନ କିଶନଙ୍କ ଅପରାଜିତ ୮୦ (୪୬ ବଲ୍) ରନ୍ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୬୯/୭ କରିଥିଲା। ବୈଭବ ସୂର୍ଯ୍ୟବଂଶୀ ୩୮ ରନ୍ କରିଥିଲେ। ଏହାପରେ ଭାରତୀୟ ବୋଲରଙ୍କ ଚମକ ଯୋଗୁଁ ଶ୍ରୀଲଙ୍କା ପାୱାରପ୍ଲେ ଭିତରେ ୩୩/୬ରେ ସଂଘର୍ଷ କରିଥିଲା ବେଳେ ଶେଷରେ ୪୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ଶ୍ରେୟସ ଆୟରଙ୍କ ଦଳ ୧୨୪ ରନ୍‌ରେ ବଡ଼ ବିଜୟ ହାସଲ କରିଥିଲା। ଟ୍ୱେଣ୍ଟି-୨୦ରେ ପାକିସ୍ତାନ ବିପକ୍ଷରେ ଭାରତର ରେକର୍ଡ ଭଲ ରହିଛି। ଉଭୟ ଦଳ ୧୭ ଥର ମୁହାଁମୁହିଁ ହୋଇଥିଲା ବେଳେ ଭାରତ ୧୪ଟି ଜିତିଥିଲା ବେଳେ ପାକିସ୍ତାନ କେବଳ ୩ଟି ଜିତିଛି। ଗତ ୬ ମ୍ୟାଚ୍‌ରେ ବି ଭାରତକୁ ପାକିସ୍ତାନ ହରାଇ ପାରିନି। ଶେଷ ଥର ଲାଗି ଉଭୟ ଦଳ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ମୁହାଁମୁହିଁ ହୋଇଥିଲା ବେଳେ ଈଶାନଙ୍କ ୭୭ ରନ୍ ବଳରେ ଭାରତ ସହଜରେ ମ୍ୟାଚ୍ ଜିତି ନେଇଥିଲା। ଉଭୟ ଦଳ ଶନିବାର ଫାଇନାଲ୍‌ରେ ପୂର୍ବ ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ କରିବାର ସମ୍ଭାବନା କମ୍ ରହିଛି। ଫାଇନାଲ୍ ମ୍ୟାଚ୍ ପୂର୍ବରୁ କାଂସ୍ୟ ମୁକାବିଲାରେ ଶ୍ରୀଲଙ୍କା ଓ ବାଂଲାଦେଶ ମୁହାଁମୁହିଁ ହେବେ।

**ଫାଇନାଲ୍ ମ୍ୟାଚ୍ ବାତିଲ ହେଲେ କ'ଣ ହେବ :** ଗତ ସଂସ୍କରଣ ଭଳି ସ୍ୱର୍ଣ୍ଣ ପଦକ ମୁକାବିଲା ବାତିଲ ହେଲେ ଉନ୍ନତ ମାନ୍ୟତା ଦଳକୁ ସ୍ୱର୍ଣ୍ଣ ଦେବାର ନିୟମ ଏଥର ନାହିଁ। ଗତ ସଂସ୍କରଣରେ ଭାରତ-ଆଫଗାନିସ୍ତାନ ଫାଇନାଲ୍ ମ୍ୟାଚ୍ ବାତିଲ ହେବାରୁ ଭାରତ ଉଚ୍ଚ ମାନ୍ୟତାରେ ଥିବାରୁ ସ୍ୱର୍ଣ୍ଣ ପାଇଥିଲା। ହେଲେ ଏଥର ଯଦି ବର୍ଷା ଯୋଗୁଁ ସ୍ୱର୍ଣ୍ଣ ପଦକ ମ୍ୟାଚ୍ ସମ୍ପୂର୍ଣ୍ଣ ବାତିଲ ହୁଏ ତେବେ ଉଭୟ ଦଳ ମିଳିତ ଭାବେ ସ୍ୱର୍ଣ୍ଣ ପଦକ ପାଇବେ। ମ୍ୟାଚ୍ ଯଦି ଖେଳାଯିବା ସମ୍ଭବ ହେବନି ଶେଷରେ ବିଜେତା ନିର୍ଦ୍ଧାରଣ ପାଇଁ 'ସୁପର ଓଭର' ଖେଳାଯିବ। ଏହା ଯଦି ସମ୍ଭବ ନ ହେବ ତେବେ ଉଭୟ ଦଳ ସ୍ୱର୍ଣ୍ଣ ପାଇବେ।

ପାଣିପାଗ ପୂର୍ବାନୁମାନ : ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ନିର୍ଦ୍ଧାରଣ ପାଇଁ ନିଶିନର ପାଣିପାଗ ଅନୁକୂଳ ରହିବାର ସମ୍ଭାବନା ରହିଛି। ଶନିବାର ବର୍ଷା ହେବାର ସମ୍ଭାବନା ମାତ୍ର ୧ ପ୍ରତିଶତ ରହିଥିଲା ବେଳେ ତାପମାତ୍ରା ୧୬ ରୁ ୨୭ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବ ବୋଲି ସେଠାକାର ପାଣିପାଗ ପକ୍ଷରୁ ସୂଚନା ମିଳିଛି।

ସମ୍ଭାବ୍ୟ ଭାରତୀୟ ଦଳ: ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ସଞ୍ଜୁ ସାମ୍‌ସନ (ୱିକେଟ୍‌କିପର), ଈଶାନ କିଶନ, ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ଶିବମ ଦୁବେ, ଅକ୍ଷର ପଟେଲ, ୱାସିଂଟନ ସୁନ୍ଦର, ରବି ବିଷ୍ଣୋଇ, ଯଶପ୍ରୀତ ବୁମ୍‌ରା। ସମ୍ଭାବ୍ୟ ପାକିସ୍ତାନ ଦଳ: ସାହିବଜାଦା ଫର୍ହାନ (ଅଧିନାୟକ), ମାଜ ସାଦକତ୍, ଉସ୍‌ମାନ ଖାନ (ୱିକେଟ୍‌କିପର), ସେମ ଆୟୁବ, ହାସନ ନୱାଜ, ଅବଦୁଲ ସାମଦ, ଅରାଫତ ମିନ୍‌ହାସ, ଅହମଦ ଡାନିୟଲ, ମହମ୍ମଦ ୱାସିମ, ସୁଫିୟାଁ ମୋକିମ, ଆବ୍ରାର ଅହମଦ।

## ୨୦୨୭ ଦିନିକିଆ କ୍ରିକେଟ୍ ବିଶ୍ୱକପ୍‌ର ଖେଳସୂଚୀ ଘୋଷିତ

# ଗ୍ରୁପ୍ 'ଏ'ରେ ଭାରତ, ପାକିସ୍ତାନ, ଅଷ୍ଟ୍ରେଲିଆ

କେପ୍‌ଟାଉନ୍ : ଦିନିକିଆ ବିଶ୍ୱକପ୍‌ର ୧୪ଶ ସଂସ୍କରଣ ପାଇଁ ଆଇସିସି ପକ୍ଷରୁ ଗୁରୁବାର ଏକ ସ୍ୱତନ୍ତ୍ର ଉତ୍ସବରେ ଖେଳସୂଚୀ ଘୋଷଣା କରାଯାଇଛି। ଏହି ବିଶ୍ୱକପ୍ ୨୦୨୭ ଅକ୍ଟୋବର ୨ରୁ ଆରମ୍ଭ ହୋଇ ନଭେମ୍ବର ୨୧ରେ ଫାଇନାଲ ସହ ଶେଷ ହେବ। ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟା ମିଳିତ ଭାବେ ଏହି ବିଶ୍ୱକପ୍‌ର ଆୟୋଜନ କରିବେ। ୩ଟି ଦେଶର ୧୨ଟି ଷ୍ଟାଡିୟମ୍‌ରେ ମୋଟ ୫୭ଟି ମ୍ୟାଚ୍ ଖେଳାଯିବ।

ଏହି ବିଶ୍ୱକପ୍‌ରେ ଗ୍ରୁପ୍ 'ଏ'ରେ ଭାରତ ସହ ଅଷ୍ଟ୍ରେଲିଆ, ପାକିସ୍ତାନ, ଆଫଗାନିସ୍ତାନ, ଜିମ୍ବାୱେ ଓ ଏକ ଯୋଗ୍ୟତା ହାସଲକାରୀ ଦଳ ରହିଛନ୍ତି। ଗ୍ରୁପ୍ 'ବି'ରେ ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ଇଂଲଣ୍ଡ, ବାଂଲାଦେଶ ଓ ଯୋଗ୍ୟତା ହାସଲକାରୀ ଦଳ ରହିଛନ୍ତି। ଅକ୍ଟୋବର ୭ରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ପ୍ରଥମ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ। ଏହି ବିଶ୍ୱକପ୍‌ରେ ଗୁରୁତ୍ୱପୂର୍ଣ୍ଣ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ଅକ୍ଟୋବର ୧୦ରେ ଜୋହାନସ୍‌ବର୍ଗ ଷ୍ଟାଡିୟମ୍‌ରେ ଖେଳାଯିବ। ଅକ୍ଟୋବର ୧୪ରେ ଆଫଗାନିସ୍ତାନ, ୧୭ରେ ଯୋଗ୍ୟତା ହାସଲକାରୀ ଦଳ ଓ ୨୪ରେ ଜିମ୍ବାୱେ ବିପକ୍ଷରେ ଭାରତ ଲିଗ୍ ମ୍ୟାଚ୍ ଖେଳିବ। ୧୪ଟି ଦଳକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଏହି ବିଶ୍ୱକପ୍ ୪ଟି ପର୍ଯ୍ୟାୟରେ ଖେଳାଯିବ। ୧୨ଶ, ୧୩ଶ ଓ ୧୪ଶ ମାନ୍ୟତାରେ ଥିବା ୩ଟି ଦଳଙ୍କୁ ନେଇ ପ୍ରାରମ୍ଭିକ ସୁପର ସିରିଜ୍ ଖେଳାଯିବ। ସୁପର ସିରିଜ୍‌ର ଚମ୍ପିଆନ୍ ଦଳ ମୁଖ୍ୟ ପ୍ରତିଯୋଗିତା ଖେଳିବେ। ୧୨ଟି ଦଳ ୨ଟି ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଥିବା ୧୧ଟି ଦଳଙ୍କ ସହ ମିଶି ୨ଟି ଗ୍ରୁପ୍‌ରେ ବିଭକ୍ତ ହେବେ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୩ଟି ଲେଖାଏଁ ଏବଂ ପରବର୍ତ୍ତୀ ଶ୍ରେଷ୍ଠ ଗୋଟିଏ ଦଳକୁ ମିଶାଇ ମୋଟ ୭ଟି ଦଳ 'ସୁପର ୭' ପର୍ଯ୍ୟାୟରେ ରାଉଣ୍ଡ ରବିନ୍ ଲିଗ୍ ଭିତ୍ତିରେ ଖେଳିବେ। ଏହି ପର୍ଯ୍ୟାୟର ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲ ଖେଳିବେ।

ଗ୍ରୁପ୍ ପର୍ଯ୍ୟାୟରେ ୭ଟି ଏପରି ଦଳ ଅଛନ୍ତି; ଯେଉଁମାନେ ଯୋଗ୍ୟତା ହାସଲ କଲେ; ପୂର୍ବ ନିର୍ଦ୍ଧାରିତ ମାନ୍ୟତା ଅନୁସାରେ ଖେଳିବେ। ଉଦାହରଣ ସ୍ୱରୂପ; ଭାରତ ଗ୍ରୁପ୍ 'ଏ'ରେ ଯେକୌଣସି ସ୍ଥାନରେ ରହିଲେ ମଧ୍ୟ 'ସୁପର ୭' ପର୍ଯ୍ୟାୟରେ ଏ୧ ମାନ୍ୟତା ପାଇବ। ସେହିପରି ଅଷ୍ଟ୍ରେଲିଆ ଏ୨, ପାକିସ୍ତାନ ଏ୩, ଇଂଲଣ୍ଡ ଏବି୪, ନ୍ୟୁଜିଲାଣ୍ଡ ବି୧, ଦକ୍ଷିଣ ଆଫ୍ରିକା ବି୨ ଓ ଶ୍ରୀଲଙ୍କା ବି୩ ଦଳ ଭାବେ ମାନ୍ୟତା ପାଇବେ। ଯଦି ଭାରତ ଓ ପାକିସ୍ତାନ ସୁପର ୭ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରନ୍ତି; ତେବେ ନଭେମ୍ବର ୭ରେ କେପ୍‌ଟାଉନ୍‌ରେ ଉଭୟ ଦଳଙ୍କ ମଧ୍ୟରେ ପୁଣି ମୁକାବିଲା ହେବ। ସୁପର ୭ ପର୍ଯ୍ୟାୟ ଅକ୍ଟୋବର ୭ରୁ ଆରମ୍ଭ ହେବ। ପ୍ରଥମ ସେମିଫାଇନାଲ ନଭେମ୍ବର ୧୭ରେ କେପ୍‌ଟାଉନ୍‌ରେ ଓ ୨ୟ ସେମିଫାଇନାଲ ୧୮ରେ ସୱାନେରେ ଖେଳାଯିବ। ନଭେମ୍ବର ୨୧ରେ ଫାଇନାଲ ଜୋହାନସବର୍ଗରେ ଖେଳାଯିବ। ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍‌ର ଅତିରିକ୍ତ ଦିବସ ରହିବ।

## ଦିନିକିଆ ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ଖେଳସୂଚୀ

ଦିନିକିଆ ବିଶ୍ୱକପ୍‌ର ୧୪ଶ ସଂସ୍କରଣ ପାଇଁ ଆଇସିସି ପକ୍ଷରୁ ଗୁରୁବାର ଏକ ସ୍ୱତନ୍ତ୍ର ଉତ୍ସବରେ ଖେଳସୂଚୀ ଘୋଷଣା କରାଯାଇଛି। ଏହି ବିଶ୍ୱକପ୍ ୨୦୨୭ ଅକ୍ଟୋବର ୨ରୁ ଆରମ୍ଭ ହୋଇ ନଭେମ୍ବର ୨୧ରେ ଫାଇନାଲ ସହ ଶେଷ ହେବ। ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟା ମିଳିତ ଭାବେ ଏହି ବିଶ୍ୱକପ୍‌ର ଆୟୋଜନ କରିବେ। ୩ଟି ଦେଶର ୧୨ଟି ଷ୍ଟାଡିୟମ୍‌ରେ ମୋଟ ୫୭ଟି ମ୍ୟାଚ୍ ଖେଳାଯିବ।





୭।୧୦: ଭାରତ-ଅଷ୍ଟ୍ରେଲିଆ ।
୮।୧୦: ପାକିସ୍ତାନ-ଆଫଗାନିସ୍ତାନ
୮।୧୦: ଇଂଲଣ୍ଡ-ବାଂଲାଦେଶ
୯।୧୦: ଜିମ୍ବାୱେ-ଯୋଗ୍ୟତା ହାସଲକାରୀ-ଏ
୯।୧୦: ଦକ୍ଷିଣ ଆଫ୍ରିକା-ନ୍ୟୁଜିଲାଣ୍ଡ
୧୦।୧୦: ଭାରତ-ପାକିସ୍ତାନ
୧୦।୧୦: ଶ୍ରୀଲଙ୍କା-ଯୋଗ୍ୟତା ହାସଲକାରୀ-ବି
୧୧।୧୦: ଜିମ୍ବାୱେ-ଆଫଗାନିସ୍ତାନ
୧୨।୧୦: ଅଷ୍ଟ୍ରେଲିଆ-ଯୋଗ୍ୟତା ହାସଲକାରୀ-ଏ
୧୨।୧୦: ନ୍ୟୁଜିଲାଣ୍ଡ-ବାଂଲାଦେଶ
୧୩।୧୦: ଇଂଲଣ୍ଡ-ଶ୍ରୀଲଙ୍କା
୧୩।୧୦: ଦକ୍ଷିଣ ଆଫ୍ରିକା-ଯୋଗ୍ୟତା ହାସଲକାରୀ-ବି
୧୪।୧୦: ଭାରତ-ଆଫଗାନିସ୍ତାନ
୧୫।୧୦: ପାକିସ୍ତାନ-ଯୋଗ୍ୟତା ହାସଲକାରୀ-ଏ
୧୫।୧୦: ଜିମ୍ବାୱେ-ଅଷ୍ଟ୍ରେଲିଆ
୧୬।୧୦: ଶ୍ରୀଲଙ୍କା-ବାଂଲାଦେଶ
୧୬।୧୦: ଦକ୍ଷିଣ ଆଫ୍ରିକା-ଇଂଲଣ୍ଡ
୧୭।୧୦: ଭାରତ-ଯୋଗ୍ୟତା ହାସଲକାରୀ-ଏ
୧୭।୧୦: ନ୍ୟୁଜିଲାଣ୍ଡ-ଯୋଗ୍ୟତା ହାସଲକାରୀ-ବି
୧୮।୧୦: ଅଷ୍ଟ୍ରେଲିଆ-ଆଫଗାନିସ୍ତାନ
୧୯।୧୦: ଜିମ୍ବାୱେ-ପାକିସ୍ତାନ
୧୯।୧୦: ଦକ୍ଷିଣ ଆଫ୍ରିକା-ବାଂଲାଦେଶ
୨୦।୧୦: ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା
୨୦।୧୦: ଇଂଲଣ୍ଡ-ଯୋଗ୍ୟତା ହାସଲକାରୀ-ବି
୨୧।୧୦: ଆଫଗାନିସ୍ତାନ-ଯୋଗ୍ୟତା ହାସଲକାରୀ-ଏ
୨୨।୧୦: ଅଷ୍ଟ୍ରେଲିଆ-ପାକିସ୍ତାନ
୨୨।୧୦: ଦକ୍ଷିଣ ଆଫ୍ରିକା-ଶ୍ରୀଲଙ୍କା
୨୩।୧୦: ଇଂଲଣ୍ଡ-ନ୍ୟୁଜିଲାଣ୍ଡ
୨୩।୧୦: ବାଂଲାଦେଶ-ଯୋଗ୍ୟତା ହାସଲକାରୀ-ବି
୨୪।୧୦: ଜିମ୍ବାୱେ ବନାମ ଭାରତ।

## ରିଙ୍ଗରେ ସାରା ବିଶ୍ୱକୁ ଚ୍ୟାଲେଞ୍ଜ କଲେ ଲଭ୍‌ଲିନା

# ଜନ୍ମଦିନରେ ସ୍ୱର୍ଣ୍ଣ ଜିତି ରଚିଲେ ଇତିହାସ





ନୂଆଦିଲ୍ଲୀ : ଦିନେ ଗାଁରେ ଏକ ଛୋଟ ଘରେ କରୁଥିଲେ ସଂଘର୍ଷ। ଲକ୍ଷ୍ୟ ଥିଲା କେମିତି ହାସଲ କରିବେ ସଫଳତା। ଅନେକ ବାଧା ବିଘ୍ନ ଆସିଥିଲେ ମଧ୍ୟ ତାଙ୍କୁ ଅଟକାଇ ପାରିନଥିଲା। ଆସାମର ଏକ ଛୋଟ ଗାଁରେ ବଢ଼ିଥିବା ଲଭଲିନା ବୋରଗୋହାଇନଙ୍କୁ ବଡ଼ ସ୍ୱପ୍ନ ଦେଖିବା ସେତେ ସହଜ ହୋଇନଥିଲା। ତାଙ୍କ ପରିବାରର ଆର୍ଥିକ ପରିସ୍ଥିତି ସାଧାରଣ ଥିଲା, ଗାଁରେ କ୍ରୀଡା ସୁବିଧାର ଅଭାବ ଥିଲା ଏବଂ ଜୀବନର ଅନନ୍ୟ ଆବଶ୍ୟକତା ଏହା ବ୍ୟତୀତ ଚିନ୍ତା କରିବା ମଧ୍ୟ କଷ୍ଟକର ହୋଇପଡୁଥିଲା। କିନ୍ତୁ ଲଭଲିନା ତାଙ୍କ ସ୍ୱପ୍ନର ରାସ୍ତାରେ ପରିସ୍ଥିତିକୁ ଠିଆ ହେବାକୁ ଦେଇ ନଥିଲେ। ଆଜି ତାଙ୍କ ୨୯ତମ ଜନ୍ମଦିନରେ, ସେ ୨୦୨୬ ଏସୀୟ କ୍ରୀଡାରେ ସ୍ୱର୍ଣ୍ଣ ପଦକ ଜିତି ତାଙ୍କ ଯାତ୍ରାରେ ଆଉ ଏକ ସ୍ମରଣୀୟ ମାଇଲଖୁଣ୍ଟ ଯୋଡିଛନ୍ତି। ୭୫ କିଲୋଗ୍ରାମ ଫାଇନାଲରେ ଲଭଲିନା ଚୀନର ବାଓ ଜିଏୟିଙ୍କୁ ୫-୦ ରେ ପରାସ୍ତ କରିଥିଲେ। ଏହି ବିଜୟ ସହିତ ସେ ଏସୀୟ କ୍ରୀଡାରେ ସ୍ୱର୍ଣ୍ଣ ପଦକ ଜିତିଥିବା ମେରୀ କମ୍ ପରେ ଦ୍ୱିତୀୟ ଭାରତୀୟ ମହିଳା ବକ୍ସର ହୋଇଛନ୍ତି।

ଲଭଲିନାଙ୍କ ଜନ୍ମ ୨ ଅକ୍ଟୋବର ୧୯୯୭ରେ ଆସାମର ଗୋଲାଘାଟ ଜିଲ୍ଲାର ବାରୋମୁଖିଆ ଗ୍ରାମରେ ହୋଇଥିଲା। ତାଙ୍କ ପରିବାର ଏକ ସାଧାରଣ ପୃଷ୍ଠଭୂମିରୁ ଆସିଥିଲେ। ସେମାନଙ୍କ ଆର୍ଥିକ ପରିସ୍ଥିତି ସେମାନଙ୍କୁ ମହଙ୍ଗା ଖେଳ ଉପକରଣ ସହଜରେ କିଣିବାକୁ ଅନୁମତି ଦେଉ ନଥିଲା। ତାଙ୍କ ବାପା, ଏକ ଚା ବଗିଚାରେ କାମ କରିବା ସମୟରେ, ଏକ ଚା ଦୋକାନ ମଧ୍ୟ ଚଳାଉଥିଲେ, ଏହା ସହ ଜଣେ ଚାଷୀ ମଧ୍ୟ ଥିଲେ। ଲଭଲିନା ନିଜେ କହିଛନ୍ତି ଯେ ଗାଁ ବଡ଼ ସ୍ୱପ୍ନ ପାଇଁ ଉପଯୁକ୍ତ ପରିବେଶ ନଥିଲା। ପରିବାରର ଆବଶ୍ୟକତା ପୂରଣ, ଚାଷ ଏବଂ ଦୈନନ୍ଦିନ ଜୀବନ ପ୍ରାଥମିକତା ଥିଲା। ଏପରି ପରିବେଶରେ ଅଲିମ୍ପିକ୍ସ ଭଳି ପ୍ଲାଟଫର୍ମରେ ପହଞ୍ଚିବାର ସ୍ୱପ୍ନ ଦେଖିବା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଥିଲା। ଲଭଲିନାଙ୍କ କ୍ରୀଡା କ୍ୟାରିଅର ସିଧାସଳଖ ବକ୍ସିଂ ସହିତ ଆରମ୍ଭ ହୋଇନଥିଲା। ସେ ପ୍ରଥମେ ଥାଇ ମାର୍ଶାଲ ଆର୍ଟରେ ତାଲିମ ନେଇଥିଲେ, ଏବଂ ଏହି ସମୟରେ ତାଙ୍କର ବକ୍ସିଂ ପ୍ରତି ଆଗ୍ରହ ବୃଦ୍ଧି ପାଇଲା। ସେ ତାଙ୍କ ବଡ଼ ଭାଇଙ୍କ ସହିତ ଏକ ବକ୍ସିଂ ତାଲିମ ଶିବିରରେ ଅଭ୍ୟାସ କରିବା ଆରମ୍ଭ କଲେ। ସେଠାରେ, ପ୍ରଶିକ୍ଷକ ପଦମ୍ ବୋରୋ ତାଙ୍କର ପ୍ରତିଭାକୁ ଚିହ୍ନି ପାରିଲେ ଏବଂ ତାଙ୍କୁ ଜାରି ରଖିବାକୁ ଉତ୍ସାହିତ କଲେ। ଗାଁରେ ସୁବିଧାର ଅଭାବ ସତ୍ତ୍ୱେ, ସେ ତାଲିମ ଜାରି ରଖିଲେ ଏବଂ ଧୀରେ ଧୀରେ ସ୍ଥାନୀୟ ପ୍ରତିଯୋଗିତାରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ନିଜର ଛାପ ସୃଷ୍ଟି କଲେ।

ଲଭଲିନା ଅଧିକ ତାଲିମ ପାଇଁ ଗୌହାଟୀ, ଭାରତୀୟ କ୍ରୀଡ଼ା କର୍ତ୍ତୃପକ୍ଷ ହଷ୍ଟେଲକୁ ଗଲେ, ସେ ଭିନ୍ନ ପ୍ରକାରର ଚ୍ୟାଲେଞ୍ଜର ସମ୍ମୁଖୀନ ହେଲେ। ଭାଷା ପ୍ରତିବନ୍ଧକ, ଆର୍ଥିକ ଚାପ ଏବଂ ନୂତନ ପରିବେଶ ସହିତ ଖାପ ଖୁଆଇବା କଷ୍ଟକର ଥିଲା। ଏକ ଗାଁରେ ବଢ଼ିବା, ଲଭଲିନା ସହର ଜୀବନ ଏବଂ ପ୍ରତିଯୋଗିତାମୂଳକ କ୍ରୀଡା ଜଗତ ପାଇଁ ସମ୍ପୂର୍ଣ୍ଣ ନୂତନ ଥିଲେ। କିନ୍ତୁ ତାଙ୍କ ମନରେ କେବଳ ଗୋଟିଏ ସ୍ୱପ୍ନ ଥିଲା: ସ୍ୱର୍ଣ୍ଣ ପଦକ ଜିତିବା। ଲଭଲିନା ଅକ୍ଟୋବର ୨ ତାରିଖରେ ତାଙ୍କର ୨୯ତମ ଜନ୍ମଦିନ ପାଳନ କରି ଏହି ବିଶେଷ ଅବସରରେ, ସେ ୨୦୨୬ ଏସୀୟ କ୍ରୀଡାର ମହିଳା ୭୫ କିଲୋଗ୍ରାମ ଫାଇନାଲରେ ଚୀନର ବାଓ ଜିଏଇଙ୍କୁ ୫-୦ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲରେ ପହଞ୍ଚିବା ପାଇଁ ଲଭଲିନା ସେମିଫାଇନାଲରେ କାଜାଖସ୍ତାନର ନାତାଲିଆ ବୋଗଡ଼ାନୋଭାଙ୍କୁ ୩-୨ରେ ପରାସ୍ତ କରିଥିଲେ।

# ସିପକ୍‌ଟାକ୍ରରୁ ଭାରତକୁ କାଂସ୍ୟ

ନାଗୋୟା: ଭାରତୀୟ ପୁରୁଷ କ୍ୱାଡ୍ରାଣ୍ଟ ଦଳ ଚଳିତ ଏସୀୟ କ୍ରୀଡ଼ା ସିପକ୍‌ଟାକରେ କାଂସ୍ୟ ପଦକ ଜିତିଛନ୍ତି। ଶୁକ୍ରବାର ସେମିଫାଇନାଲ୍‌ରେ ଆକାଶ ୟୁମ୍‌ନାମ, ବବି କୁମାର, ମାଲେମଙ୍ଗାନ୍‌ବା ସିଂହ ସୋରୋଖାଇବାମ ଓ ରାମ କୁମାର ଶର୍ମାଙ୍କୁ ନେଇ ଗଠିତ ଭାରତୀୟ ଦଳ ୧୨-୧୫, ୧୩-୧୫ରେ ଜାପାନଠୁ ହାରି ସ୍ୱର୍ଣ୍ଣ ଦୌଡ଼ରୁ ବାଦ୍ ପଡ଼ିବା ସହ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ।

କାଂସ୍ୟ ଜିତିଲା ଭାରତୀୟ ପୁରୁଷ କ୍ୱାଡ୍ରାଣ୍ଟ ଦଳ: ଏହି ଇଭେଣ୍ଟ୍ ?ରେ ଭାରତର ଏହା ଏସୀୟ କ୍ରୀଡ଼ାରେ ତୃତୀୟ ଏବଂ ଚଳିତ ପ୍ରତିଯୋଗିତାର ପ୍ରଥମ ପଦକ। ଏସୀୟ କ୍ରୀଡ଼ା ଇତିହାସରେ ଭାରତୀୟ କ୍ୱାଡ୍ରାଣ୍ଟ ଦଳର ଏହା ପ୍ରଥମ ପଦକ। ପୂର୍ବରୁ ୨୦୧୮ ଜାକର୍ତ୍ତାରେ ପୁରୁଷ ଏବଂ ୨୦୨୩ ହାଙ୍ଗ୍‌ଝୌରେ ମହିଳା ରେଗୁ ଦଳ କାଂସ୍ୟ ଜିତିଥିଲେ।





## ଭାରତୀୟ ରିକର୍ଭ ମହିଳା ଦଳକୁ ସ୍ୱର୍ଣ୍ଣ; ମିଶ୍ରିତରେ ରୌପ୍ୟ

ନାଗୋୟା: ଭାରତୀୟ ରିକର୍ଭମହିଳା ଦଳ ଚଳିତ ଏସୀୟ କ୍ରୀଡ଼ା ତୀରନ୍ଦାଜିରେ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛି। ହେଲେ ମିଶ୍ରିତ ଯୁଗଳରେ କୁମ୍‌କୁମ୍ ଅନିଲ ମୋହୋଦ ଓ ଧୀରଜ ବୋମ୍ମାଦେବାରା ଅଳ୍ପକେ ସ୍ୱର୍ଣ୍ଣ ପଦକ ହାତଛଡ଼ା କରି ରୌପ୍ୟରେ ସନ୍ତୁଷ୍ଟ ରହିଛନ୍ତି। ଶୁକ୍ରବାର ଦଳଗତ ଫାଇନାଲ୍‌ରେ ଭାରତ ୫-୩ରେ ୧୦ ଥରର ଅଲିମ୍ପିକ୍ସ ବିଜେତା ଦକ୍ଷିଣ କୋରିଆକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଥିଲା। ଏସୀୟ କ୍ରୀଡ଼ାରେ ଲଗାତାର ୭ ଥର ସ୍ୱର୍ଣ୍ଣ ଜିତିଥିବା କୋରିଆକୁ ଅଙ୍କିତା ଭକତ, କୀର୍ତ୍ତି ଶର୍ମା ଓ ୧୭ ବର୍ଷୀୟା କୁମ୍‌କୁମ୍‌ଙ୍କୁ ନେଇ ଗଠିତ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ ବଳରେ ମାତ୍ ଦେଇ ଇତିହାସ ରଚିଛି। ମ୍ୟାଚ୍ ?ର ପ୍ରଥମ ଦୁଇ ଗେମ୍‌ରେ ଉଭୟ ଦଳ ୫୪, ୫୬ କରି ସମାନ ସ୍ତରରେ ରହିଥିଲେ। ହେଲେ ତୃତୀୟ ଗେମ୍‌କୁ ଭାରତ ୫୫-୫୧ରେ ଜିତି ୨ ପଏଣ୍ଟ ଆଗରେ ରହିଥିଲା। ଚତୁର୍ଥ ଗେମ୍ ୫୪-୫୪ରେ ଶେଷ ହେବାରୁ ଭାରତ ୫-୩ରେ ବିଜୟୀ ହୋଇ ଦକ୍ଷିଣ କୋରିଆର ଲଗାତାର ଅଷ୍ଟମ ଓ ମୋଟ ଉପରେ ନବମ ଏସୀୟ ସ୍ୱର୍ଣ୍ଣ ଆଶାରେ ପାଣି ଭରିବା ସହ ପ୍ରଥମ ଥର ଲାଗି ଏହି କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତି ଇତିହାସ ରଚିଥିଲା। ପୂର୍ବରୁ ସେମିଫାଇନାଲ୍ ଗତ ସଂସ୍କରଣ କାଂସ୍ୟ ବିଜେତା ଭାରତ ୫-୧ରେ ଚୀନ୍‌କୁ ପରାସ୍ତ କରିଥିଲା।

ଚଳିତ ମେ' ମାସରେ ଭାରତ ସାଙ୍ଘାଇ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ଜିତି ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ଲାଗି ରାସ୍ତା ପ୍ରସ୍ତୁତ କରିଥିଲା। ଏହି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଦକ୍ଷିଣ କୋରିଆକୁ ହରାଇଥିଲା ଭାରତ। ବିଶ୍ୱ ବିଜେତା ଦଳରେ ଥିବା ପୂର୍ବତନ ବିଶ୍ୱର ଏକ ନମ୍ବର ଦୀପିକା କୁମାରୀ ଚୟନ ପ୍ରକ୍ରିୟାରେ ବିଫଳ ହେବାରୁ ତାଙ୍କ ସ୍ଥାନରେ କୀର୍ତ୍ତି ଏସୀୟ କ୍ରୀଡ଼ା ଦଳରେ ସାମିଲ ହୋଇଥିଲେ। ମିଶ୍ରିତ ଯୁଗଳ ଫାଇନାଲ୍‌ରେ କୁମ୍‌କୁମ୍ ଓ ଧୀରଜ ୩-୫ (୩୪-୩୮, ୩୫-୩୭, ୩୭-୩୬, ୩୭-୩୭)ରେ ଚୀନ୍ ଯୋଡ଼ିଠୁ ହାରି ରୌପ୍ୟ ପାଇଥିଲେ। ଏସୀୟ କ୍ରୀଡ଼ା ଇତିହାସରେ ଭାରତର ଏହା ପ୍ରଥମ ମିଶ୍ରିତ ଯୁଗଳ ରୌପ୍ୟ ପଦକ। ଦିନସାରା ଚମତ୍କାର ପ୍ରଦର୍ଶନ କରିଥିବା କୁମ୍‌କୁମ୍ ମିଶ୍ରିତ ଫାଇନାଲ୍‌ରେ ଟିକେ ଧିମେଇ ଯାଇଥିଲେ।

ସପ୍ତାହର ଶେଷରେ
ପ୍ରଜାତନ୍ତ୍ର ସାପ୍ତାହିକୀ
୦୪ - ୧୦ ଅକ୍ଟୋବର ୨୦୨୬ ଏ.ଆଇ. ବିପଦ





**ଜାତୀୟ:** ମିଳତ ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟତା !
**ଅନ୍ତର୍ଜାତୀୟ:** ହାସିନାଙ୍କ ଭଳି ତାରିକ୍‌ଙ୍କ ହେବ କି ସ୍ଥିତି
**ବିଶେଷ ପ୍ରସଙ୍ଗ:** 'ୟୁପିଆଇ' ଉପରେ 'ଏମଡିଆର' ବୋଝ
**କ୍ଷୁଦ୍ରଗଳ୍ପ :** ସଂସ୍କାର
**ନାରୀ :** ଆଖିକୁ ସୁନ୍ଦର କରିବାକୁ କାଜଲ୍ ଆଉ ମସ୍କାରା ଲଗାନ୍ତି କି
**ଚଳଚ୍ଚିତ୍ର :** ଟେନ୍‌ସନ୍‌ରେ କରୀନା
**ଖେଳ:** : ଅଜିତ ଅଗରକର ଓ ଭିଭିଏସ୍ ଲକ୍ଷ୍ମଣ ମୁହାଁମୁହିଁ
**ଏଥିରେ ଅଛି ମୀନାବଜାର :** ପ୍ରଜାପତି.. ୩୩
ଚର୍ଚ୍ଚାରେ: ୮୦ ବର୍ଷୀୟ ବାପାଙ୍କ ବିମାନଯାତ୍ରା ସ୍ୱପ୍ନ ପୂରଣ କଲେ ପୁଅ... ବିଜ୍ଞାନ: ଫାଶୀ ଦିଆଯିବାର କେତେ ସମୟ ପରେ ଚାଲିଯାଏ ଜୀବନ... ପର୍ଯ୍ୟଟନ: ପବିତ୍ରସ୍ଥଳୀ ଜାଗେଶ୍ୱର ଧାମ..., ଚଳଚ୍ଚିତ୍ର: କ୍ୟାଟ୍ରିନାଙ୍କ ସମର୍ଥନରେ ସଲମାନ....
ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

ଶୀଘ୍ର ସଂଗ୍ରହ କରି ନିଅନ୍ତୁ
ଶାରଦୀୟ ବିଶେଷାଙ୍କ
ଝଙ୍କାର





ମୂଲ୍ୟ: ୧୭୫ ଟଙ୍କା ମାତ୍ର

ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Kataka - 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583